ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୧/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, March 21/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୧୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 115 | ମୂଲ୍ୟ ₹୭/-

ଜୟନ୍ତୀଙ୍କୁ ୩ ସ୍ୱର୍ଣ୍ଣ

ପୁଣେରେ ଅନୁଷ୍ଠିତ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ଜୟନ୍ତୀ ବେହେରା।

୧୪

୧୦

ପ୍ରଶଂସକଙ୍କ ସହ ଥଟ୍ଟା ହେଲେ

ସାଉଥ୍ ଅଭିନେତା ଜୁନିୟର ଏନ୍‌ଟିଆର୍ ଏକ ସିନେମାର ପ୍ରି-ରିଲିଜ୍ ଇଭେଣ୍ଟରେ ଯୋଗଦେଇ ପ୍ରଶଂସକଙ୍କ ପ୍ରଶ୍ନବାଣରେ ସେ ଆଉ ଫିଲ୍ମ କରିବେନି ବୋଲି କହି ମଜା କରିଛନ୍ତି।

ମାଟ୍ରିକ୍ ସପ୍ଲେଟିଭ ପରୀକ୍ଷା ସୋମବାର ଶେଷ ହେବା ପରେ ଭୁବନେଶ୍ୱର ୟୁନିଟ-୯ସ୍ଥିତ କ୍ୟାପିଟାଲ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଖୁସି ମନାଇ ପୋଷାକରେ ନାମ ଲେଖାଉଛନ୍ତି। (ଫଟୋ: ବିକାଶ)

ସରିଲା ମାଟ୍ରିକ୍, ୩ରୁ ଖାତାଦେଖା

ପୁରୀରେ ଗଣିତ ପ୍ରଶ୍ନପତ୍ର ଲିକ୍ ହୋଇନି: ବୋର୍ଡ

ଚଳିତବର୍ଷ ମାଟ୍ରିକ ସପ୍ଲେଟିଭ୍-୨ ପରୀକ୍ଷା ସୋମବାର ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ବୋର୍ଡ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ପରୀକ୍ଷାର ବିଭିନ୍ନ ଦିନରେ ଭିନ୍ନ ଭିନ୍ନ ସ୍ଥାନରୁ ଅନିୟମିତତା ଅଭିଯୋଗ ଆସିଥିଲା। ଏପରି କି ଶେଷଦିନ ଗଣିତ ପରୀକ୍ଷା ବେଳେ ପୁରୀ ଜିଲାର ଏକ ସ୍କୁଲରୁ ପରୀକ୍ଷାର କିଛି ସମୟ ମଧ୍ୟରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ବିରୋଧୀ ଅଭିଯୋଗ ଆଣିଥିଲେ। ତେବେ ଏହାକୁ ବିଭାଗୀୟ ମନ୍ତ୍ରୀ ଏବଂ ବୋର୍ଡ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି।

ଭୁବନେଶ୍ୱର(ବ୍ୟୁରୋ)/କଟକ ଅଫିସ, ୨୦।୩

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲେଟିଭ-୨ ପରୀକ୍ଷା ସୋମବାର ଶେଷ ହୋଇଛି। ପରୀକ୍ଷା ପାଇଁ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ମାର୍ଚ୍ଚ ୧୦ତାରିଖରୁ ଆରମ୍ଭ ହୋଇଥିବା ପରୀକ୍ଷା ଶେଷ ହୋଇଥିବାରୁ ଛାତ୍ରୀଛାତ୍ରମାନେ ଖୁସିରେ ସେଣ୍ଟରରୁ ପରୀକ୍ଷା ଦେଇ ଫେରୁଥିବା ଦେଖିବାକୁ ମିଳିଥିଲା। ଶେଷଦିନରେ ଗଣିତ ପରୀକ୍ଷା ଥିବାରୁ ପିଲାମାନଙ୍କୁ ଅତିରିକ୍ତ ୧୫ ମିନିଟ୍ ଦିଆଯାଇଥିଲା। ଆସନ୍ତା ଏପ୍ରିଲ ୩ ତାରିଖରୁ ଖାତାଦେଖା ଆରମ୍ଭ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଖାତା ଦେଖାରେ ନିୟୋଜିତ ହେବାକୁ ଥିବା ଶିକ୍ଷକଙ୍କୁ ଏଥିପାଇଁ ଟ୍ରେନିଂ ଦିଆଯିବ। ଏଥିପାଇଁ ପ୍ରାୟ ୪୫ ଦିନର ସମୟ ଲକ୍ଷ୍ୟ ରଖିଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ମୂଲ୍ୟାୟନ ପାଇଁ ୫୬ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ମୂଲ୍ୟାୟନ ପ୍ରକ୍ରିୟାଠାରୁ ୧୨ ଦିନ ଭିତରେ ଖାତାଦେଖା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଖାତା ଦେଖିବା ପାଇଁ ଯେଉଁ ଶିକ୍ଷକମାନଙ୍କୁ ନିୟୋଜିତ କରାଯିବ, ସେମାନଙ୍କୁ ଭଲ ଭାବେ ଟ୍ରେନିଂ ଦିଆଯିବ, ଫଳରେ ଖାତାଦେଖା ଠିକ୍ ଭାବରେ ହୋଇପାରିବ। ସେହିପରି ଖୁବ୍‌ଶୀଘ୍ର ଫଳାଫଳ ପ୍ରକାଶ ପାଇବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି। ଅପରପକ୍ଷେ ପରୀକ୍ଷାର ଶେଷ ଦିନରେ ☞ପୃଷ୍ଠା-୪

ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର,୨୦।୩(ବ୍ୟୁରୋ)

- **ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ**
- **ପ୍ରଶ୍ନପତ୍ର ଲିକ୍ ହୋଇ ନାହିଁ: ଗଣଶିକ୍ଷା ମନ୍ତ୍ରୀ**

ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌କୁ ନେଇ ବିଧାନସଭା ହୁଲସ୍ଥୂଳ। ସୋମବାର ଏହି ପ୍ରସଙ୍ଗକୁ ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଇସ୍ତଫା ଦାବିକରି ବିରୋଧୀ ଗୃହରେ ପ୍ରବଳ ହଙ୍ଗାମା କରିଛନ୍ତି। ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ସବୁ କିଛି ବରବାଦ ହୋଇଯାଇଛି। ବିରୋଧୀଙ୍କ ହଙ୍ଗାମା ଦେଖି ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିଭିନ୍ନ ପର୍ଯ୍ୟାୟରେ ଗୃହକୁ ଅପରାହ୍ନ ୪ଟା ୨୬ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ପୂର୍ବାହ୍ନ ୧୦ଟା ୩୦ ମିନଟ୍‌ରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ☞ପୃଷ୍ଠା-୪

ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ୍

ପୁଅ ସମେତ ଦମ୍ପତିଙ୍କ ମୃତ୍ୟୁ, ୪ ବର୍ଷୀୟ ନାତି ଗୁରୁତର

ଉମରକୋଟ/ଧୋଡ୍ରା,୨୦।୩ (ସ୍ୱ.ପ୍ର./ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଉମରକୋଟ ଥାନା ଅନ୍ତର୍ଗତ ବକଡାବେଡା ନିକଟରେ ସୋମବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ପିକ୍‌ଅପ୍ ଭ୍ୟାନ ଧକ୍କା ଦେବାରୁ ପୁଅ ସମେତ ଦମ୍ପତିଙ୍କ ଜୀବନ ଯାଇଥିବା ବେଳେ ୪ ବର୍ଷୀୟ ନାତି ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଡ଼ାବୁଗାଁ ଥାନା ଅନ୍ତର୍ଗତ ଜୁନାପାଣି ପଞ୍ଚାୟତ ମୋତିଗାଁର ବୁଦୁ ଭତ୍ରା (୪୫), ସ୍ତ୍ରୀ ରତୁଲା (୪୩) ଓ ପୁଅ ଚୈତନ୍ୟ (୨୫)। ଗୁରୁତର ଅବସ୍ଥାରେ ଚୈତନ୍ୟଙ୍କ ଛୋଟ ପୁଅ ସୁବାସଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ଲାଗି କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଧୋଡ୍ରା ଗ୍ରାମରୁ ମଣ୍ଡେଇ ଯାତ୍ରା ଦେଖି ସ୍ତ୍ରୀ, ପୁଅ ଓ ନାତିଙ୍କୁ ଧରି ବୁଦୁ ବାଇକ୍ (ଓଆର୍୨୪ ଏ୪୬୯୭)ରେ ଗାଁକୁ ଫେରୁଥିଲେ। ନବରଙ୍ଗପୁରରୁ ଉମରକୋଟକୁ ସଂଯୋଗ କରୁଥିବା ରାସ୍ତାର ବକଡାବେଡା ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ପିକ୍‌ଅପ୍ ଭ୍ୟାନ(ଓଡି୨୪ଏ୦୩୦୨) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସ୍ତ୍ରୀ ଓ ପୁଅଙ୍କ ସହ ବୁଦୁଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଉମରକୋଟ ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଶିଶୁପୁତ୍ରକୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ଦୁର୍ଘଟଣା ଖବରପାଇ ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଏ ନେଇ ସେ ଜିଲାପାଳଙ୍କ ସହ ଆଲୋଚନା କରି ପ୍ରତି ମୃତକଙ୍କ ପିଛା ୨୦ହଜାର ଲେଖାଏ ୬୦ ହଜାର ଓ ଗୁରୁତର ଶିଶୁ ଲାଗି ୨୦ ହଜାର ଏପରି ମୋଟ ☞ପୃଷ୍ଠା-୪

ବୃଦ୍ଧାଙ୍କୁ ଖାଇଗଲା ବାଘ

ଭୁବନେଶ୍ୱର(ବ୍ୟୁରୋ)/ ନୂଆପଡ଼ା ଅଫିସ,୨୦।୩

ସୁନାବେଡ଼ା ଅଭୟାରଣ୍ୟରେ ଆତଙ୍କ

- **ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ**
- **ମହାବଳ ନୁହେଁ, କଲରାପତରିଆ: ପିସିସିଏଫ୍**

ବୃଦ୍ଧାଙ୍କ ଫାଇଲ ଫଟୋ

ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ପଞ୍ଚାୟତ ଜଲମଡେଇ ଗାଁର ଜଣେ ବୃଦ୍ଧାଙ୍କୁ ମହାବଳ ବାଘ ଜଙ୍ଗଲକୁ ଟେକି ନେଇ ଖାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୃଦ୍ଧା ଜଣକ ହେଲେ ଉକ୍ତ ଗ୍ରାମର ସାନମତି ବାରିକ (୬୮)। ପାରପାର୍ଶ୍ୱିକ ସ୍ଥିତିକୁ ଦେଖିବା ପରେ ବୃଦ୍ଧାଙ୍କୁ ମହାବଳ ବାଘ ମାରିଦେଇଥିବା ନେଇ ସ୍ଥାନୀୟ ରେଞ୍ଜର ପ୍ରଥମେ ସୂଚନା ଦେଇଥିଲେ। ହେଲେ ପରେ ଏହାକୁ ପିସିସିଏଫ୍ ଖଣ୍ଡନ କରିଛନ୍ତି। ବାଘ ମାରିଥିବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା କଲରାପତରିଆ ବୋଲି ପିସିସିଏଫ୍ ସ୍ପଷ୍ଟ କରିଛନ୍ତି। ଆତଙ୍କ ରଚାଇଥିବା ବାଘଟି ମହାବଳ ନୁହେଁ, କଲରାପତରିଆ। ବନ ବିଭାଗ ବାଘ ଉପରେ କଡ଼ା ନଜର ରଖିଛି। ଲୋକଙ୍କୁ ସତର୍କ କରାଇବା ସହ ବାଘ ଆକ୍ରମଣରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ଦେବା ପାଇଁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ପିସିସିଏଫ୍ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ରବିବାର ସନ୍ଧ୍ୟାରେ ଜଲମଡେଇ ଗାଁର ସାନମତି ଘର ପଛପଟ ବାଡ଼ିକୁ ଜାଳେଣି କାଠ ସଂଗ୍ରହ କରିବା ☞ପୃଷ୍ଠା-୪

ଜଉମୁଦ ଲଫାପା ରିପୋର୍ଟକୁ ସିଜେଆଇଙ୍କ ଅଗ୍ରାହ୍ୟ

ଓଆର୍‌ଓପି ବକେୟା ପୈଠ କରିବାକୁ କେନ୍ଦ୍ର ବାଧ

ନୂଆଦିଲ୍ଲୀ, ୨୦।୩(ପି.ଟି.)

ଡି.ୱାଇ. ଚନ୍ଦ୍ରଚୂଡ଼

ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କ ୱାନ୍ ର୍ୟାଙ୍କ୍ ୱାନ୍ ପେନ୍‌ସନ(ଓଆର୍‌ଓପି)ର ବକେୟା ପ୍ରାପ୍ୟ ପୈଠ କରିବା ଲାଗି ସର୍ବୋଚ୍ଚ ଅଦାଲତ ପୂର୍ବରୁ ଦେଇଥିବା ରାୟକୁ ଅନୁପାଳନ କରିବା ଲାଗି କେନ୍ଦ୍ର ସରକାର ବାଧ୍ୟ ବୋଲି ପ୍ରଧାନ ବିଚାରପତିଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ୨୦୧୯ରୁ ୨୦୨୨ମଧ୍ୟରେ ସେମାନଙ୍କ ବକେୟା ରହିଥିବା ୨୮,୦୦୦ କୋଟି ଟଙ୍କା ପେନ୍‌ସନ ରାଶି ଆସନ୍ତାବର୍ଷ ଫେବୃୟାରୀ ସୁଦ୍ଧା ପୈଠ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଓଆର୍‌ଓପି ଦେୟ ପ୍ରସଙ୍ଗରେ କେନ୍ଦ୍ର ଜଉମୁଦ ଲଫାପାରେ ଦାଖଲ କରିଥିବା ନୋଟ୍‌କୁ ସିଜେଆଇ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଗୋପନରେ ରିପୋର୍ଟ ଦାଖଲ ନ କରି ଏହାକୁ ଅଦାଲତରେ ପଢ଼ ନଚେତ୍ ଫେରାଇନିଅ ବୋଲି ସିଜେଆଇ ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀଙ୍କୁ କହିଥିଲେ। ସୁପ୍ରିମକୋର୍ଟରେ ଜଉମୁଦ ଲଫାପା ଧାରା ବନ୍ଦ ହେବା ଆବଶ୍ୟକ। ଏହା ମୂଳତଃ ନିରପେକ୍ଷ ନ୍ୟାୟ ପ୍ରକ୍ରିୟାର ପରିପନ୍ଥୀ ବୋଲି ସିଜେଆଇ କହିଛନ୍ତି। ବ୍ୟକ୍ତିଗତ ଭାବେ ସେ ସିଲ୍ଡ କଭରର ବା ଜଉମୁଦ ଲଫାପାର ବିରୋଧୀ। ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ମସ୍କୋରେ ଶି

ୟୁଏଇରେ ଷଷ୍ଠ ଶତାବ୍ଦୀର ସହର ଠାବ

ସିନିୟାହ ଆଇଲାଣ୍ଡ, ୨୦।୩

ୟୁନାଇଟେଡ୍ ଆରବ ଏମିରାଟ୍ସ (ୟୁଏଇ)ର ଭୂତତ୍ତ୍ୱବିଦ୍‌ମାନେ ନର୍ଦ୍ଦର୍ନ ଶେଖଡୋମ୍ବର ଦ୍ୱୀପରୁ ଷଷ୍ଠ ଶତାବ୍ଦୀର ଏକ ସହର ଠାବ କରିଛନ୍ତି। ଉମ ଅଲ-କୁୱେନର ସିନିୟାହ ଦ୍ୱୀପରେ ଅବସ୍ଥିତ ଏହି ସହରରେ ଅନେକ ହଜାର ଲୋକ ବାସ କରୁଥିବାବେଳେ ଏଠାରେ ଶତାଧିକ ଘର ଥିଲା। ପ୍ରଥମ ଥର ଲାଗି ଆରବିଆନ୍ ଗଲ୍ଫରୁ ବହୁ ପୁରାତନ ସହରର ସନ୍ଧାନ ମିଳିଥିବା ଭୂତତ୍ତ୍ୱବିଦ୍‌ମାନେ ଦାବି କରିଛନ୍ତି। ୟୁନାଇଟେଡ୍ ଆରବ ଏମିରାଟ୍ସର ସବୁଠୁ ପୁରୁଣା ଖଇଲଜି ପଲିଙ୍ଗ ଟାଉନ୍‌ର ଏହା ଏକ ☞ପୃଷ୍ଠା-୪

କେରଳ ହାଇକୋର୍ଟରେ ପ୍ରଥମ ଟ୍ରାନ୍ସଜେଣ୍ଡର ଆଇନଜୀବୀ ପଦ୍ମା ଲକ୍ଷ୍ମୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ରାଜ୍ୟ ଶିଳ୍ପମନ୍ତ୍ରୀ ପି. ରାଜୀବ ପଦ୍ମାଙ୍କ ଫଟୋ ସୋସିଆଲ ମିଡିଆରେ ଶେୟାର୍ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପଦ୍ମା ଇର୍ନାକୁଲମ ସରକାରୀ ଲ' କଲେଜରେ ଶିକ୍ଷା ଗ୍ରହଣ କରୁଥିଲେ। ରବିବାର ରାଜ୍ୟର ୧୫୦୦ ଲ' ଗ୍ରାଜୁଏଟ୍‌ଙ୍କୁ ରବିବାର ବାର୍ ପଞ୍ଜୀକୃତ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

ସଂକ୍ଷେପରେ

ପଓ୍ୱନ ଖେରାଙ୍କ ଜାମିନ ମିଆଦ ୧୦ ଯାଏ ବଢ଼ିଲା

ନୂଆଦିଲ୍ଲୀ, ୨୦।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ କଂଗ୍ରେସ ନେତା ପଓ୍ୱନ ଖେରାଙ୍କ ବିରୋଧରେ ଦାଏର ୩ଟିଯାକ ଏତଲାକୁ ସୁପ୍ରିମକୋର୍ଟ ସୋମବାର ଏକାଠି କରି ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ହଜରତ୍‌ଜଙ୍ଗ ଥାନାକୁ ପଠାଇଦେଇଛନ୍ତି। ଏଥିସହିତ ଖେରାଙ୍କ ଅନ୍ତରାଣ ଜାମିନ ମିଆଦକୁ ପ୍ରଧାନ ବିଚାରପତି(ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଏପ୍ରିଲ ୧୦ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଖେରାଙ୍କ ବିରୋଧରେ ୩ଟି ଏତଲା ମଧ୍ୟରୁ ୨ଟି ବାରାଣସୀର କ୍ୟାଣ୍ଟନମେଣ୍ଟ ଥାନା ଏବଂ ଲକ୍ଷ୍ନୌର ହଜରତଗଞ୍ଜ ଥାନାରେ ରୁଜୁ ହୋଇଥିବାବେଳେ ତୃତୀୟଟି ଆସାମରେ ରୁଜୁ ହୋଇଥିଲା।

ରେଲଷ୍ଟେଶନ ଡିସ୍‌ପ୍ଲେ ସ୍କ୍ରିନ୍‌ରେ ଅଶ୍ଳୀଳ ଭିଡିଓ

ପାଟନା, ୨୦। ୩: ବିହାର ପାଟନା ରେଲଷ୍ଟେଶନ୍ ଡିସ୍‌ପ୍ଲେ ସ୍କ୍ରିନ୍‌ରେ ୩ ମିନିଟ୍‌ର ଅଶ୍ଳୀଳ ଭିଡିଓ ପ୍ରସାରଣ ହେବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ରବିବାର ସକାଳ ପ୍ରାୟ ୧୦ଟାବେଳେ ପାଟନା ଜଙ୍କଶନ୍ ରେଲ ଷ୍ଟେଶନ୍‌ରେ ଲାଗିଥିବା ଏଲ୍‌ଇଡି ସ୍କ୍ରିନ୍‌ରେ ବିରତି ବଦଳରେ ପର୍ନ ଭିଡିଓ ଚାଲିଥିଲା। ସେଠାରେ ଥିବା ଯାତ୍ରୀ ଏହି ଭିଡିଓକୁ ନିଜ ଫୋନ୍‌ରେ କଏଦ କରିଥିବାବେଳେ ରେଲୱେ ପ୍ରୋଟେକ୍ସନ୍ ଫୋର୍ସ ପରବର୍ତ୍ତି ସମୟରେ ଭିଡିଓ ପ୍ରସାରଣ ରୋକିଥିଲେ। ସ୍କ୍ରିନ୍‌ରେ ବିରତି ପ୍ରସାରଣ ଦାୟିତ୍ୱରେ ଥିବା ଦତ୍ତା କମୁନିକେଶନ୍ ବିରୋଧରେ ଏତଲା ଦାଏର କରାଯିବା ସହ ଏଜେନ୍ସିକୁ ରେଲ ବିଭାଗ ପକ୍ଷରୁ କଳା ତାଲିକାଭୁକ୍ତ କରାଯାଇଛି।

ଆସ୍ଥାଭୋଟ ଜିତିଲେ ପ୍ରଚଣ୍ଡ

କାଠମାଣ୍ଡୁ, ୨୦।୩: ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ସୋମବାର ପାର୍ଲାମେଣ୍ଟରେ ଆସ୍ଥାଭୋଟ ଜିତିଛନ୍ତି। ନେପାଳରେ ନୂଆ ସରକାର ଗଢ଼ିବାର ୩ ମାସ ମଧ୍ୟରେ ଏହା ପ୍ରଚଣ୍ଡଙ୍କର ଦ୍ୱିତୀୟ ସଂଖ୍ୟାଗରିଷ୍ଠତାର ପ୍ରମାଣ ଥିଲା। ୨୭୫ ସଦସ୍ୟ ବିଶିଷ୍ଟ ପ୍ରତିନିଧି ସଭାରେ ପ୍ରଚଣ୍ଡଙ୍କୁ ୧୭୨ ଭୋଟ ମିଳିଥିବାବେଳେ ତାଙ୍କ ବିରୋଧରେ ୮୯ ଭୋଟ ଯାଇଥିଲା ଓ ଜଣେ ସଦସ୍ୟ ଅନୁପସ୍ଥିତ ରହିଥିଲେ। ନେପାଳୀ କଂଗ୍ରେସ, ସିପିଏନ୍-ମାଓଇଷ୍ଟ ସେଣ୍ଟର, ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି, ଜନତା ସମାଜବାଦୀ ପାର୍ଟି ନେପାଳ, ସିପିଏନ୍-ୟୁନିଫାଏଡ୍ ସୋସିଆଲିଷ୍ଟ, ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟି ନେପାଳ, ଜନମତ ପାର୍ଟି, ନାଗରିକ ଉନ୍ମୁକ୍ତି ପାର୍ଟି, ରାଷ୍ଟ୍ରୀୟ ଜନମୋର୍ଚ୍ଚା ଏବଂ ଆମ ଜନତା ପାର୍ଟି ପ୍ରଚଣ୍ଡଙ୍କ ସପକ୍ଷରେ ଭୋଟ ଦେଇଥିଲେ। ସରକାରରୁ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ଏବଂ ସିପିଏନ୍-ୟୁଏମ୍‌ଏଲ୍ ସମର୍ଥନ ପ୍ରତ୍ୟାହାର କରିନେବାରୁ ପ୍ରଚଣ୍ଡଙ୍କୁ ଆସ୍ଥାଭୋଟ ଲୋଡ଼ିବାକୁ ପଡ଼ିଥିଲା।

ଇଟାଭାଟିରେ ବିସ୍ଫୋରଣ: ୪ ମହିଳା ଶ୍ରମିକ ମୃତ

ପାଟନା, ୨୦।୩: ବିହାରର ମାନେର ଥାନା ଅନ୍ତର୍ଗତ ବ୍ୟାପୁର ଗ୍ରାମରେ ଥିବା ଏକ ଇଟାଭାଟିରେ ସୋମବାର ବିସ୍ଫୋରଣ ଘଟି ୪ ମହିଳା ଶ୍ରମିକ ପ୍ରାଣ ହରାଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏକ କାନ୍ଥ ଭୁଶୁଡ଼ି ପଡ଼ିବାରୁ ମହିଳାମାନେ ଭାଟି ଭିତରେ ରହିଯାଇଥିଲେ। ୩ ଜଣ ମୃତକଙ୍କ ଘର ଝାଡ଼ଖଣ୍ଡରେ ହୋଇଥିବାବେଳେ ଜଣେ ବିହାର ଗୟା ଜିଲାର ବୋଲି ଜଣାପଡ଼ିଛି।

ଉତ୍ପାଦିତ ଫସଲ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଦାବିରେ ସୋମବାର ନୂଆଦିଲ୍ଲୀରେ ଆୟୋଜିତ ମହାପଞ୍ଚାୟତରେ କୃଷକମାନେ ସାମିଲ ହୋଇଛନ୍ତି।(ଫଟୋ: ଚମନ ଗୌତମ)

ତେଜୁଛି ଭାରତ ବିରୋଧୀ ଖଲିସ୍ତାନୀ ବିକ୍ଷୋଭ

ୱାଶିଂଟନ/ଲଣ୍ଡନ/ନୂଆଦିଲ୍ଲୀ, ୨୦।୩

- ଅଷ୍ଟ୍ରେଲିଆ ପରେ ଲଣ୍ଡନ, ସାନ୍ ଫ୍ରାନ୍ସିସ୍କୋରେ ଭାରତୀୟ ମିଶନକୁ ଟାର୍ଗେଟ
- ପ୍ରତିବାଦ ଜଣାଇଲା ନୂଆଦିଲ୍ଲୀ
- ୬ ଖଲିସ୍ତାନୀଙ୍କ ଫଟୋ ଜାରି କଲା ଅଷ୍ଟ୍ରେଲିଆ ପୋଲିସ

ଅଷ୍ଟ୍ରେଲିଆ ପରେ ଏବେ ଲଣ୍ଡନ ଏବଂ ସାନ୍ ଫ୍ରାନ୍ସିସ୍କୋରେ ଥିବା ଭାରତୀୟ ମିଶନକୁ ଖଲିସ୍ତାନୀ ବିକ୍ଷୋଭକାରୀମାନେ ଟାର୍ଗେଟ କରିଛନ୍ତି। ରବିବାର ଖଲିସ୍ତାନୀ ସମର୍ଥକମାନେ ଲଣ୍ଡନରେ ଥିବା ଭାରତୀୟ ହାଇକମିଶନ ବିଲ୍ଡିଂରୁ ଜାତୀୟ ପତାକା ଓହ୍ଲାଇଦେଇଥିଲେ। ଏହା ପରେ ଆମେରିକାର ସାନ୍‌ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ଉପରେ ବହୁସଂଖ୍ୟାରେ ଖଲିସ୍ତାନୀ ସମର୍ଥକ ଆକ୍ରମଣ କରିଛନ୍ତି। ସେମାନେ ବିଲ୍ଡିଂର ବାହାର କାନ୍ଥରେ 'ଅମ୍ରିତ୍‌ପାଲଙ୍କୁ ମୁକ୍ତ କର' ଲେଖାଥିବା ବିଶାଳ ଭିତ୍ତିଚିତ୍ର ଆଙ୍କିଛନ୍ତି। ଆକ୍ରମଣକାରୀମାନେ ଖଲିସ୍ତାନୀ ପତାକା ଲାଗିଥିବା ଏକ କାଠ ବଟ୍‌ରେ ଭାରତୀୟ କନ୍‌ସୁଲେଟ୍ ବିଲ୍ଡିଂର କାଚ ଦ୍ୱାର ଓ ଝରକା ଭାଙ୍ଗୁଥିବା ଭିଡିଓରେ ଦେଖିବାକୁ ମିଳିଛି। ବହୁସଂଖ୍ୟାରେ ଖଲିସ୍ତାନୀ ସମର୍ଥକ ହାତରେ ପତାକା ଧରି ବ୍ୟାରିକେଡ୍ ହଟାଇ କନ୍‌ସୁଲେଟ ବିଲ୍ଡିଂରେ ଧସେଇ ପଶିବା ସହ ସେଠାରେ ଥିବା କର୍ମଚାରୀଙ୍କୁ ଗୋଡ଼ାଇ ତଡ଼ିଥିଲେ। ଖଲିସ୍ତାନୀ ବିକ୍ଷୋଭକାରୀଙ୍କ ଏଭଳି ହିଂସାକାଣ୍ଡକୁ ସେଠାର କମ୍ୟୁନିଟି ନେତା ଅଜୟ ଭୁଟୋରିଆ ନିନ୍ଦା କରିଛନ୍ତି। ଏହା କେବଳ ଭାରତ-ଆମେରିକା କୂଟନୈତିକ ସମ୍ପର୍କ ପ୍ରତି ବିପଦ ସୃଷ୍ଟି କରିନାହିଁ, ଆମ ସମ୍ପ୍ରଦାୟର ଶାନ୍ତି ଓ ସଦ୍‌ଭାବନା ଉପରେ ଆକ୍ରମଣ ବୋଲି ସେ କହିଛନ୍ତି।

ଖଲିସ୍ତାନୀ ପତାକା ଧରିଥିବା ସମର୍ଥକମାନେ ଲଣ୍ଡନର ୱେଷ୍ଟମିନିଷ୍ଟରସ୍ଥିତ ଭାରତୀୟ ହାଇକମିଶନଙ୍କ କାର୍ଯ୍ୟାଳୟ ବିଲ୍ଡିଂରୁ ତ୍ରିରଙ୍ଗା ହଟାଇଦେବା ପରେ ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସମର୍ଥକମାନେ ଖଲିସ୍ତାନୀ ସ୍ଲୋଗାନ ଦେବା ସହ ବିଲ୍ଡିଂ ଭିତରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ବିକ୍ଷୋଭକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ନୂଆଦିଲ୍ଲୀସ୍ଥିତ ବରିଷ୍ଠ ବ୍ରିଟିଶ କୂଟନୀତିଜ୍ଞଙ୍କୁ ସମନ କରାଯାଇଛି। ଭାରତୀୟ ମିଶନରେ ସୁରକ୍ଷା ତ୍ରୁଟିକୁ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ବ୍ରିଟେନ ସରକାରଙ୍କୁ ସମାଲୋଚନା କରିଛି। ଏବେ ହାଇକମିଶନ ବିଲ୍ଡିଂରେ ପୂର୍ବାପେକ୍ଷା ବଡ଼ ତ୍ରିରଙ୍ଗା ଲଗାଯାଇଛି।

ଲଣ୍ଡନସ୍ଥିତ ଭାରତୀୟ ହାଇକମିଶନ ବିଲ୍ଡିଂରୁ ଖଲିସ୍ତାନୀ ସମର୍ଥକ ଜାତୀୟ ପତାକା ଓହ୍ଲାଉଛନ୍ତି।

ଲଣ୍ଡନରେ ଖଲିସ୍ତାନୀ ସମର୍ଥକଙ୍କ ଭାରତ ବିରୋଧୀ କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସୋମବାର ନୂଆଦିଲ୍ଲୀସ୍ଥିତ ବ୍ରିଟେନ ମିଶନ ବାହାରେ ଶିଖ୍ ସମ୍ପ୍ରଦାୟର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ କିଛିମାସ ହେଲା ଅଷ୍ଟ୍ରେଲିଆର ବିଭିନ୍ନ ସହରରେ ଖଲିସ୍ତାନୀ ସମର୍ଥକମାନେ ହିନ୍ଦୁ ମନ୍ଦିର ଓ ଭାରତୀୟ ମିଶନକୁ ଟାର୍ଗେଟ କରିଆସୁଛନ୍ତି। ଅଷ୍ଟ୍ରେଲିଆର ମେଲବୋର୍ନରେ ଖଲିସ୍ତାନୀ ସମର୍ଥକ ଏବଂ ଭାରତ ସପକ୍ଷବାଦୀ ବିକ୍ଷୋଭକାରୀଙ୍କ ମଧ୍ୟରେ ଦୁଇଥର ସଂଘର୍ଷ ଘଟିଲାଣି। ସେମାନେ ପଞ୍ଜାବ ସ୍ୱାଧୀନତା ପାଇଁ ତଥାକଥିତ ଗଣଭୋଟ ନିମନ୍ତେ ଉଦ୍ୟମ ଚଳାଇଛନ୍ତି। ଗତ ଜାନୁୟାରୀରେ ଖଲିସ୍ତାନ ଗଣଭୋଟ ଘଟଣାରେ ସାମିଲ ଥିବା ୬ ଜଣଙ୍କ ଫଟୋ ସୋମବାର ଅଷ୍ଟ୍ରେଲିଆର ଭିକ୍ଟୋରିଆ ପ୍ରଦେଶ ପୋଲିସ ଜାରି କରିଛି।

ପାର୍ଲାମେଣ୍ଟ ଦିନକ ପାଇଁ ମୁଲତବୀ

ନୂଆଦିଲ୍ଲୀ, ୨୦।୩

ଲଣ୍ଡନରେ କଂଗ୍ରେସ ନେତା 'ଭାରତର ଗଣତନ୍ତ୍ର ବିପଦରେ' ବୋଲି ଦେଇଥିବା ମନ୍ତବ୍ୟ ଏବଂ ଆଦାନୀ ଗ୍ରୁପ୍ ବିରୋଧରେ ଅଭିଯୋଗର ଜେପିସି ତଦନ୍ତ ଦାବିରେ ସୋମବାର ମଧ୍ୟ ପାର୍ଲାମେଣ୍ଟର ଉଭୟ ଗୃହରେ ଅଚଳାବସ୍ଥା ଜାରି ରହିବା ସହ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ରାହୁଲ ଗାନ୍ଧୀ ତାଙ୍କ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ଦାବିରେ ରାଜ୍ୟ ସଭାରେ ଶାସକ ଦଳ ଅଡ଼ିବସିଥିବାବେଳେ ଆଦାନୀ ଗ୍ରୁପ୍ ବିରୋଧରେ ଜେପିସି ତଦନ୍ତ ଲାଗି କଂଗ୍ରେସ ଏମ୍‌ପିମାନେ ଦାବି ଦୋହରାଇଥିଲେ। ଫଳରେ ରାଜ୍ୟ ସଭା କାର୍ଯ୍ୟ ଚାଲିପାରି ନ ଥିଲା। ସ୍ଲୋଗାନବାଜି ଜାରି ରହିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ଅନୁରୂପ ଭାବେ ଲୋକ ସଭାରେ ରାହୁଲଙ୍କ ମନ୍ତବ୍ୟକୁ ନେଇ ଟ୍ରେଜେରି ବେଞ୍ଚ୍ ହଙ୍ଗାମା ଜାରି ରଖିବାରୁ ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

ଲିଭ୍-ଇନ୍ ଯୋଡ଼ି ପଞ୍ଜୀକରଣ ଆବେଦନ ଖାରଜ

ନୂଆଦିଲ୍ଲୀ, ୨୦।୩

ଲିଭ୍-ଇନ୍ ରିଲେଶନରେ ରହୁଥିବା ଯୋଡ଼ିମାନଙ୍କର ପଞ୍ଜୀକରଣ ଲାଗି ଦାଏର ପିଟିଶନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହା ଚଞ୍ଚଳମନା ଚିନ୍ତାଧାରା ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଲିଭ୍-ଇନ୍ ଯୋଡ଼ିମାନଙ୍କ ପାଇଁ ଗାଇଡ୍‌ଲାଇନ ଜାରି ସହ ସେମାନଙ୍କ ନିମନ୍ତେ ପଞ୍ଜୀକରଣ ବାଧ୍ୟତାମୂଳକ କରିବା ଲାଗି ନିର୍ଦ୍ଦେଶ ଦେବାକୁ ସର୍ବୋଚ୍ଚ ଅଦାଲତରେ ଜଣେ ଆଇନଜୀବୀ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଏକାଠି ରହୁଥିବା ଏଭଳି ଯୋଡ଼ିଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବାକୁ ପିଟିଶନରେ ନିବେଦନ କରାଯାଇଥିଲା। ସିଜେଆଇ ଏଥିରେ ବିରକ୍ତି ପ୍ରକାଶ କରି କହିଛନ୍ତି, ଯେକେହି ବ୍ୟକ୍ତି ଯେକୌଣସି ପ୍ରସଙ୍ଗ ନେଇ ଶୀର୍ଷ ଅଦାଲତକୁ ଚାଲିଆସୁଛନ୍ତି। କ'ଣ କେନ୍ଦ୍ର ସରକାରରେ ପଞ୍ଜୀକରଣ ହେବ ? ଲିଭ୍-ଇନ୍‌ରେ ରହୁଥିବା ଲୋକଙ୍କ ପାଇଁ କେନ୍ଦ୍ର ସରକାର କ'ଣ କରିବେ ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ଏହା ଚଞ୍ଚଳ ମାନସିକତା। ଅଦାଲତଙ୍କ ସମୟ ବରବାଦ କରିଥିବାରୁ ଅର୍ଥ ଭରିବାକୁ ପଡ଼ିବ ବୋଲି କହି ସିଜେଆଇ ପିଟିଶନକୁ ଖାରଜ କରିଦେଇଥିଲେ।

ଅମ୍ରିତ୍‌ପାଲଙ୍କୁ ମିଳୁଥିଲା ବିଦେଶୀ ପାଣ୍ଠି

ଚଣ୍ଡିଗଡ଼/ନୂଆଦିଲ୍ଲୀ, ୨୦।୩

- ଖଲିସ୍ତାନୀ ନେତାଙ୍କୁ ଧରିବା ପାଇଁ ଚଢ଼ାଉ ତୃତୀୟ ଦିନରେ
- ଡ୍ରଗ୍ ବ୍ୟବସାୟୀଙ୍କ ମର୍ସିଡିଜ୍‌ରେ ଖସିପଳାଇଥିଲେ
- ୫ ସହଯୋଗୀଙ୍କ ବିରୋଧରେ ଲାଗିଲା ଏନ୍‌ଏସ୍‌ଏ

ଖଲିସ୍ତାନୀ ନେତା ଅମ୍ରିତ୍‌ପାଲ ସିଂଙ୍କୁ ଧରିବା ପାଇଁ ପଞ୍ଜାବ ପୋଲିସର ରାଜ୍ୟବ୍ୟାପୀ ଚଢ଼ାଉ ସୋମବାର ତୃତୀୟ ଦିନରେ ପହଞ୍ଚିଛି। ଭାରତରେ ଖଲିସ୍ତାନୀ ଆନ୍ଦୋଳନ ତେଜିବା ଉଦ୍ୟମ ପଛରେ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ହାତ ଥିବା ପୋଲିସ ସନ୍ଦେହ କରୁଛି ବୋଲି ପୋଲିସ ଆଇଜି ସୁଖଚୈନ ସିଂ ଗିଲ୍ କହିଛନ୍ତି। ଏହା ବ୍ୟତୀତ ଅମ୍ରିତ୍‌ପାଲଙ୍କ ସଂଗଠନକୁ ଭାରତ ବିରୋଧୀ କାର୍ଯ୍ୟ ପାଇଁ ବିଦେଶରୁ ବିପୁଳ ପାଣ୍ଠି ଆସୁଥିଲା ବୋଲି ସନ୍ଦେହ କରାଯାଉଛି। ଶାନ୍ତି ଓ ସଦ୍‌ଭାବନା ଭଙ୍ଗ ଉଦ୍ୟମ ଅଭିଯୋଗରେ ବର୍ତ୍ତମାନ ସୁଦ୍ଧା ୧୧୪ ଜଣଙ୍କୁ ଗିରଫ କରାଗଲାଣି। ଏଥିସହିତ ୧୦ଟି ଅସ୍ତ୍ର ଜବତ ହୋଇଥିବା ଆଇଜିପି କହିଛନ୍ତି। ଅମ୍ରିତ୍‌ପାଲଙ୍କ 'ୱାରିସ୍ ପଞ୍ଜାବ ଡେ' ସଂଗଠନ ସହ ସମ୍ପୃକ୍ତ ୫ ଜଣଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ମାମଲା ରୁଜୁ ହୋଇଛି। ସେମାନଙ୍କ ମଧ୍ୟରୁ ଦଲ୍‌ଜିତ ସିଂ କାଲ୍‌ସି, ଭଗୱନ୍ତ ସିଂ, ଗୁରମିତ ସିଂ ଏବଂ ପ୍ରଧାନମନ୍ତ୍ରୀ ବାଜେକେଙ୍କୁ ଗିରଫ କରାଯାଇ ଆସାମର ଦିବ୍ରୁଗଡ଼ କେନ୍ଦ୍ରୀୟ ଜେଲକୁ ପଠାଇଦିଆଯାଇଛି। ଏହା ବ୍ୟତୀତ ଶନିବାର ରାତିରେ ଜଳନ୍ଧରରେ ଆତ୍ମସମର୍ପଣ କରିଥିବା ଅମ୍ରିତ୍‌ପାଲଙ୍କ ଦାଦା ହରଜିତ ସିଂଙ୍କ ବିରୋଧରେ ମଧ୍ୟ ଏନ୍‌ଏସ୍‌ଏ ଲାଗିଛି। ତାଙ୍କୁ ଦିବ୍ରୁଗଡ଼ ଜେଲକୁ ପଠାଯିବ ବୋଲି ପୋଲିସ କହିଛି। ଅସ୍ତ୍ରଶସ୍ତ୍ର ଜବତ ପରେ ଅମ୍ରିତ୍‌ପାଲଙ୍କୁ ଜଣେ ଆତଙ୍କବାଦୀ ବିଚେତନା କରି ତାଙ୍କ ବିରୋଧରେ ତଦନ୍ତ ଚଳାଇବାକୁ ଉଦ୍ୟମ ହେଉଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଅମ୍ରିତ୍‌ପାଲ ଓ ତାଙ୍କର ୭ ସହଯୋଗୀଙ୍କ ବିରୋଧରେ ତଦନ୍ତ କରିପାରେ। ନୂଆ ମାମଲାରେ ଖଲିସ୍ତାନୀ ନେତାଙ୍କୁ ଅଭିଯୁକ୍ତ ନମ୍ବର ୱାନ ଭାବେ ଦର୍ଶାଯାଇଛି। ନିଶା ନିବାରଣ କେନ୍ଦ୍ର ଚଳାଇବା ନାଁରେ ଅମ୍ରିତ୍‌ପାଲ ଯୁବବର୍ଗଙ୍କୁ ଅସ୍ତ୍ର ଶିକ୍ଷାଦେବା ସହ ଆତ୍ମଘାତୀ ବୋମା ସାଜିବା ଲାଗି ପ୍ରବର୍ତ୍ତାଉଥିଲେ। ଶନିବାର ଅମ୍ରିତ୍‌ପାଲ ଯେଉଁ ମର୍ସିଡିଜ୍ ଏସ୍‌ୟୁଭିରେ ଖସି ପଳାଇଥିଲେ, ତାହା ଡ୍ରଗ୍ ବ୍ୟବସାୟୀ ରାଭେଲ ସିଂଙ୍କର ବୋଲି ଜଣାପଡ଼ିଛି।

ଫିନ୍‌ଲାଣ୍ଡବାସୀ ସବୁଠୁ ସୁଖୀ

ବିଶ୍ୱ ହାପିନେସ୍ ରିପୋର୍ଟ: ୧୨୫ତମ ସ୍ଥାନରେ ଭାରତ

ୱାଶିଂଟନ, ୨୦।୩

ବିଶ୍ୱ ହାପିନେସ୍ ବାର୍ଷିକ ରିପୋର୍ଟରେ ଫିନ୍‌ଲାଣ୍ଡକୁ ସବୁଠୁ ସୁଖୀ ଦେଶ ଭାବେ ଦର୍ଶାଯାଇଛି। କ୍ରମାଗତ ଷଷ୍ଠ ବର୍ଷ ପାଇଁ ଏହି ଦେଶ ପୁରସ୍କୃତ ହୋଇଛି। ମୁଣ୍ଡପିଛା ଜିଡିପି, ସାମାଜିକ ସମର୍ଥନ, ଉଦାରତା, ସୁସ୍ଥ ଜୀବନ, ସ୍ୱାଧୀନତା ଓ ସର୍ବନିମ୍ନ ଦୁର୍ନୀତିକୁ ମାପଦଣ୍ଡ ଭାବେ ନେଇ ସୁଖୀ ରାଷ୍ଟ୍ର ଚୟନ କରାଯାଇଥାଏ। ବିଶ୍ୱ ହାପିନେସ୍ ଡେ' ପାଳନ ଅବସରରେ ସୋମବାର ଏହି ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଭାରତ ୧୨୫ତମ ସ୍ଥାନରେ ରହିଛି। ୧୫୦ରୁ ଊର୍ଦ୍ଧ୍ୱ ଦେଶର ଲୋକଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟ୍‌ୱର୍କ ପକ୍ଷରୁ ଉକ୍ତ ରିପୋର୍ଟ ପ୍ରକାଶ ପାଇଛି। ତାଲିକାରେ ଡେନ୍‌ମାର୍କ ଦ୍ୱିତୀୟ ଓ ଆଇସ୍‌ଲାଣ୍ଡ ତୃତୀୟରେ ରହିଛି। କୋଭିଡ୍-୧୯ ମହାମାରୀରେ ଉପରୋକ୍ତ ଦେଶଗୁଡ଼ିକରେ ଅନେକ ଲୋକଙ୍କ ଜୀବନ ଯାଇଥିଲେ ମଧ୍ୟ ଖୁସି କମିନାହିଁ। ଅନ୍ୟପକ୍ଷରେ ଭାରତ ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି କରୁଥିଲେ ମଧ୍ୟ ଏହା ହାପିନେସ୍ ତାଲିକାରେ ନେପାଳ, ଚାଇନା, ବାଂଲାଦେଶ ଏବଂ ଶ୍ରୀଲଙ୍କା ତଳେ ରହିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ସେମାନଙ୍କ ର୍ୟାଙ୍କିଙ୍ଗ ହ୍ରାସ ପାଇଥିଲେ ମଧ୍ୟ ଉଭୟ ଦେଶ ଭାରତଠାରୁ ଉପରେ ରହିଛନ୍ତି। ରୁଷିଆ ୭୨ତମ ସ୍ଥାନରେ ଥିବାବେଳେ ୟୁକ୍ରେନ ୯୨ତମ ସ୍ଥାନରେ ରହିଛି।

ଅଭିଯୁକ୍ତଙ୍କ ଘର ଭାଙ୍ଗିଲା ବୁଲ୍‌ଡୋଜର

ଉମେଶପାଲ୍ ହତ୍ୟାକାଣ୍ଡ

ପ୍ରୟାଗରାଜ, ୨୦।୩

ଉମେଶ ପାଲ୍ ହତ୍ୟାକାଣ୍ଡର ଅଭିଯୁକ୍ତ ମହମ୍ମଦ ଗୁଲାମଙ୍କ ଘରକୁ ସୋମବାର ପ୍ରୟାଗରାଜ ଡେଭଲପ୍‌ମେଣ୍ଟ ଅଥରିଟି (ପିଡିଏ) ପକ୍ଷରୁ ବୁଲ୍‌ଡୋଜର ଲଗାଇ ଭଙ୍ଗାଯାଇଛି। ପିଡିଏ ଟିମ୍ ରାସୁଲାବାଦ୍‌ଠାରେ ମଧ୍ୟାହ୍ନରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଗୁଲାମଙ୍କ ଘର ବେଆଇନ୍ ଭାବେ ନିର୍ମାଣ ହେବା ଯୋଗୁ, ତାହାକୁ ଭଙ୍ଗାଯାଇଥିବା ପିଡିଏ କହିଛି। ଉମେଶ ପାଲ୍ ହତ୍ୟାକାଣ୍ଡରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କ ମଧ୍ୟରେ ସାମିଲ ଗୁଲାମଙ୍କ ଉପରେ ଉତ୍ତର ପ୍ରଦେଶ ପୋଲିସ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ଉମେଶଙ୍କ ହତ୍ୟା କରାଇଥ

୩ ଅଧିକାରୀଙ୍କ ନାମରେ ମାମଲା

କେନ୍ଦୁଝର, ୨୦।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ବାମେବାରି ସେକ୍ସନ ନୟାଗଡ଼ ବିଟ୍ ଜଡ଼ିପଦା ସାହିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦନ୍ତାହାତୀ ମୃତ୍ୟୁ ଘଟଣାରେ ସୋମବାର ଡିଏଫ୍‌ଓ ଧନରାଜ ଏଚ.ଡି. କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଟାଟା ପାୱାର କନିଷ୍ଠଯନ୍ତ୍ରୀ ଇଂ. ଗୌରଗୋପାଳ ମହାନ୍ତି, ଲାଇନ୍‌ମ୍ୟାନ ବିଜୟ ମଲ୍ଲିକ ଓ ଦିବ୍ୟଜ୍ୟୋତି ବାରିକଙ୍କ ବିରୋଧରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ (ଓଆର କେସ୍ ନଂ. ୬୭/୨୦୨୨-୨୩ ରେ) ମାମଲା ରୁଜୁ ହୋଇଛି। ଏହାସହ ବାମେବାରୀ ଫରେଷ୍ଟର ରତ୍ନାକର ମହାନ୍ତ, ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆ ଓ ଯୋଡ଼ା ଟାଟା ପାୱାର ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ଜେନାଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯାଇଛି।

ସୂଚନା ଅନୁଯାୟୀ, ବସନ୍ତପୁର ଗ୍ରାମ ଜଡ଼ିପଦା ସାହିକୁ ଯାଇଥିବା ବିଦ୍ୟୁତ୍ ଲାଇନର ଇନସ୍ୟୁଲେଟର (ଶଙ୍ଖ) ଫାଟିଯାଇଥିଲା। ଫଳରେ ୧୧ କେଭି ଲାଇନ୍ ଖୁଣ୍ଟର ଷ୍ଟେ ସଂସ୍ପର୍ଶରେ ଆସି ଚାର୍ଜ ହୋଇଯାଇଥିଲା। ହାତୀଟି ଶନିବାର ରାତିରେ ଉକ୍ତ ଖୁଣ୍ଟ ଦେଇ ଯାଉଥିବା ବେଳେ ଗୋଡ଼ ବାଜିଯାଇଥିଲା। ଘଟଣାସ୍ଥଳରେ ହାତୀର ମୃତ୍ୟୁ ଘଟିଥିଲା। ସେଠାରେ ଅନ୍ୟ ୩ ହାତୀ ବୁଲୁଥିବା ବେଳେ ବର୍ତ୍ତି ଯାଇଥିଲେ। ରବିବାର ସକାଳେ ଗ୍ରାମବାସୀ ଦେଖି ବନ ଓ ବିଦ୍ୟୁତ୍ ବିଭାଗକୁ ସୂଚନା ଦେଇଥିଲେ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ରାଉରକେଲା ଅରୁଣ ମିଶ୍ର, ଡିଏଫ୍‌ଓ କେନ୍ଦୁଝର ଏଚ୍.ଡି. ଧନରାଜ, ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିୟାଙ୍କ ସମେତ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ସେହିପରି ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସ, ଏସ୍‌ଡିଓ ଯୋଡ଼ା ଦିବ୍ୟରଞ୍ଜନ ସାହୁଙ୍କ ସମେତ ବିଦ୍ୟୁତ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରି ଫେରିଥିଲେ। ପରେ ହାତୀର ଦାନ୍ତ ଜବତ କରି ବନ ବିଭାଗ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦେଇଥିଲା।

ହାତୀମୃତ୍ୟୁ ଘଟଣାରେ ଡିଏଫ୍‌ଓଙ୍କ କାର୍ଯ୍ୟାନୁଷ୍ଠାନ

- ତିନି ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍

ଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ ପାଇଁ ପଠାଗଲା କାଠ

ଶରଣକୁଳ, ୨୦।୩(ଡି.ଏନ୍.ଏ.)

ନୟାଗଡ଼ ଜିଲା ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ଭିକାରିପଡ଼ା ଗାଁରୁ ଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ ପାଇଁ ୩ଖଣ୍ଡ ଗଣ୍ଡି କାଠ ସଂଗ୍ରହ କରାଯାଇ ଟ୍ରକ ଯୋଗେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ରଥଖଳାକୁ ପଠାଯାଇଛି। ସୋମବାର ପୂର୍ବାହ୍ନ ୧୦ଟାରେ କୁସୁମୀ ନଦୀ କୂଳରେ ଦେବୋତ୍ତର ବିଭାଗ ଅଧୀନରେ ଥିବା ୨ ଶତାୟୁ ଶିମିଳି ଗଛ ନିକଟରେ ରଥ କାଠ ନିମନ୍ତେ ପୂଜାର୍ଚ୍ଚନା ହୋଇଥିଲା। ଏହାକୁ ପୁରୋହିତ ସୁରେନ୍ଦ୍ର କୁମାର ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ। ରଥ ପାଇଁ ଚିହ୍ନଟ ହୋଇଥିବା ଶିମିଳି ଗଛରୁ ୬ଫୁଟ୍ ଗୋଲେଇ ଏବଂ ୧୬ ଫୁଟ୍ ଲମ୍ବର ୩ଟି ଗଣ୍ଡି ସଂଗ୍ରହ କରାଯାଇଥିଲା। ଲଡୁବାବା ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଳ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଶୈବ ସେବାୟତ ସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚରିଡ଼ା ବନାଞ୍ଚଳ ବନପାଳ ସୁମନ୍ତ ପରିଡ଼ା, ଦେବୋତ୍ତର ବିଭାଗର କର୍ମଚାରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ରଥକାଠ ପୂଜାର୍ଚ୍ଚନା କରାଯାଇ ଛେଦନ କରାଯାଇଥିଲା।

ନୂଆ ରୂପ ନେବ ୩ ଶକ୍ତିପୀଠ

ମାଷ୍ଟର ପ୍ଲାନ୍‌କୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଆକର୍ଷଣୀୟ ହେବ ମା' ମଙ୍ଗଳା, ଭଗବତୀ, ଉଗ୍ରତାରାଙ୍କ ମନ୍ଦିର

ଭୁବନେଶ୍ୱର, ୨୦।୩(ବ୍ୟୁରୋ)

ରାଜ୍ୟର ୩ଟି ପ୍ରମୁଖ ଶକ୍ତିପୀଠ କାକଟପୁର ମା' ମଙ୍ଗଳା, ଭୂଷଣ୍ଡପୁରର ମା' ଉଗ୍ରତାରା ଓ ବାଣପୁରର ମା' ଭବବତୀ ପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପ୍ରସ୍ତୁତ ମାଷ୍ଟର ପ୍ଲାନ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅନୁମୋଦନ କରିଛନ୍ତି। ୫-ଟି ଉପକ୍ରମରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ପୂର୍ତ୍ତ ବିଭାଗର ପର୍ଯ୍ୟଟନ ସ୍ଥଳ ଓ ଐତିହ୍ୟ କୀର୍ତ୍ତିରାଜିର ସମନ୍ୱିତ ବିକାଶ ଯୋଜନାରେ ଏହାକୁ ସାମିଲ କରାଯାଇଛି। ଓଡ଼ିଶା ସେତୁ ନିର୍ମାଣ ନିଗମ ଉପରେ ବିକାଶ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

ପୁରୀ ଜିଲାର କାକଟପୁରରେ ବିରାଜିତ ମା' ମଙ୍ଗଳା ଲକ୍ଷ ଲକ୍ଷ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ପଞ୍ଚଦଶ ଶତାବ୍ଦୀରେ ନିର୍ମିତ ମା' ମାଙ୍ଗଳାଙ୍କ ପୀଠର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସହ ଘନିଷ୍ଠ ସମ୍ପର୍କ ରହିଛି। ନବକଳେବର ସମୟରେ ଦଇତାପତି ସେବକମାନେ ମା'ଙ୍କ ଆଜ୍ଞାକ୍ରମେ ଏହିଠାରୁ ହିଁ ଦାରୁ ସନ୍ଧାନରେ ଯାଇଥା'ନ୍ତି। ଚୈତ୍ର ମାସରେ ଝାମୁଯାତ୍ରା ମା'ଙ୍କ ପ୍ରସିଦ୍ଧ ପର୍ବ। ୫-ଟି ଉପକ୍ରମରେ ଏହି ପ୍ରାଚୀନ ଶକ୍ତିପୀଠର ବିକାଶ ନିମନ୍ତେ ପ୍ରସ୍ତୁତ ମାଷ୍ଟର ପ୍ଲାନ୍‌ରେ ମନ୍ଦିରରେ ଖଣ୍ଡୋଲାଇଟ୍ ପଥର ବିଛାଯିବା ସହିତ ମନ୍ଦିରର ରୋଷଘର ଓ ଜଳ ନିଷ୍କାସନ ବ୍ୟବସ୍ଥାର ସଂସ୍କାର କରାଯିବ। ଏଥିସହିତ ସେବାୟତ ଭବନ, ଭୋଗ ଦୋକାନ, ପ୍ରାଚୀ ନଦୀ କୂଳରେ ମୁଣ୍ଡନ କିଓସ୍କ, ଚନ୍ଦନଘାଟର ବିକାଶ, ଗୋଷ୍ଠୀ ଶୌଚାଳୟ ଆଦିର ବିକାଶ କରାଯିବ। ପୀଠକୁ ଅଧିକ ଆକର୍ଷଣୀୟ କରାଯିବା ପାଇଁ କୋଣାର୍କ ପାର୍ଶ୍ୱ ରାସ୍ତାରେ ଐତିହ୍ୟ ଦ୍ୱାର ନିର୍ମାଣ କରାଯିବ। ଯାତ୍ରୀମାନଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନେବା ସହିତ ଆଲୋକୀକରଣ, ଲ୍ୟାଣ୍ଡସ୍କେପିଂ ଓ ବୃକ୍ଷରୋପଣ କରାଯିବା ସହିତ ପାର୍କିଂ ସ୍ଥଳର ମଧ୍ୟ ବିକାଶ କରାଯିବ। ଓଡ଼ିଶା ସେତୁ ନିର୍ମାଣ ନିଗମ ୧୨ ମାସ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବ।

ସେହିପରି ଖୋର୍ଦ୍ଧା ଜିଲା ବାଣପୁରର ମା' ଭବବତୀଙ୍କ ପୀଠକୁ ପ୍ରତିଦିନ ହଜାର ହଜାର ଭକ୍ତ ମା'ଙ୍କ ଦର୍ଶନ ଓ ପୂଜା ପାଇଁ ଆସିଥା'ନ୍ତି। ମା'ଙ୍କ ପୀଠରେ ଦଶହରା ପର୍ବ ବିପୁଳ ଉତ୍ସାହ ମଧ୍ୟରେ ପାଳନ କରାଯାଇଥାଏ। ନବମ ଶତାବ୍ଦୀରେ ନିର୍ମିତ ମା'ଙ୍କ ମନ୍ଦିରର ବିକାଶ ପାଇଁ ୫-ଟି ଉପକ୍ରମରେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ସିଂହଦ୍ୱାରଠାରୁ ଆରମ୍ଭ କରି ପରିକ୍ରମା, ଘାଟ, ଯାତ୍ରା ପଡ଼ିଆ, ଯାତ୍ରୀ ସୁବିଧାର ବିକାଶ ପାଇଁ ଏଥିରେ ସ୍ୱତନ୍ତ୍ର ଫୋକସ୍ ରଖାଯାଇଛି। ଏଥିସହିତ ବହୁମୁଖୀ ହଲ୍, ରାସ୍ତା ଓ ନଦୀଘାଟ ଆଦିର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ରାଜ୍ୟ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଓଡ଼ିଶା ସେତୁ ନିର୍ମାଣ ନିଗମ ୨୪ ମାସ ମଧ୍ୟରେ ଏହି କାର୍ଯ୍ୟ ସମ୍ପାଦନ କରିବ।

ଖୋର୍ଦ୍ଧା ଜିଲାର ଅନ୍ୟତମ ଶକ୍ତିପୀଠ ହେଉଛି ଭୂଷଣ୍ଡପୁରର ମା'ଉଗ୍ରତାରାଙ୍କ ପୀଠ। ୧୩୫୨ ଖ୍ରୀଷ୍ଟାବ୍ଦରେ ନିର୍ମିତ ମା'ଙ୍କ ପୀଠ ଭକ୍ତମାନଙ୍କ ବିଶ୍ୱାସର କେନ୍ଦ୍ର ହୋଇ ରହି ଆସିଛି । ଏହି ପୀଠର ବିକାଶ ପାଇଁ ପ୍ରସ୍ତୁତ ଯୋଜନାରେ ମନ୍ଦିରର ବିକାଶ ସହ ଆରାଇଭାଲ ପ୍ଲାଜା, ଯାତ୍ରୀଙ୍କ ସୁବିଧା, ପାର୍କିଂ ଲ୍ୟାଣ୍ଡସ୍କେପିଂ, ପିକ୍‌ନିକ୍ ସ୍ପଟ୍, ଯାତ୍ରା ପଡ଼ିଆ ସହିତ ପୋଖରୀର ମଧ୍ୟ ପୁନରୁଦ୍ଧାର କରାଯିବ । ଓଡ଼ିଶା ସେତୁ ନିର୍ମାଣ ନିଗମ ଦ୍ୱାରା ୧୮ ମାସ ମଧ୍ୟରେ ଏହାର କାମ ଶେଷ କରାଯିବ। ଏହି ୩ଟି ପୀଠର ବିକାଶ ଯୋଜନାକୁ ଅନୁମୋଦନ କରିବା ସହ ନିର୍ଦ୍ଧାରିତ ସମୟରେ କାମ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କ ସହ ମଧ୍ୟ ଆଲୋଚନା କରି ଯୋଜନା ସମ୍ପର୍କରେ ସେମାନଙ୍କ ମତାମତ ନେଇଥିଲେ।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବିଭିନ୍ନ ସମୟରେ ଏହି ପୀଠଗୁଡ଼ିକୁ ଯାଇ ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉପସ୍ଥିତ ଥିଲେ ଓ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ ଉପସ୍ଥାପନା ରଖିଥିଲେ। ତିନି ପୀଠର ସେବାୟତମାନେ ସମ୍ପୃକ୍ତ ଜିଲାପାଳମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକରେ ଯୋଗ ଦେଇଥିଲେ। ସେବାୟତମାନେ ସେମାନଙ୍କ ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ।

ମାଟ୍ରିକ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

ଯାଜପୁର ଟାଉନ, ୨୦।୩(ଡି.ଏନ.ଏ.): ଯାଜପୁର ସହର ନିକଟସ୍ଥ ବାମଦେବପୁର ଗ୍ରାମର ଜଣେ ମାଟ୍ରିକ ପରୀକ୍ଷାର୍ଥୀ ପରୀକ୍ଷା ଶେଷ ହେବା ପୂର୍ବରୁ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବାମଦେବପୁର (ବରହଟା) ଯଯାତିକେଶରୀ ଉଚ୍ଚ ବିଦ୍ୟାଳୟର ରଶ୍ମୀବାଳା ପାହିଲ। ରଶ୍ମୀ ଯାଜପୁର ମ୍ୟୁନିସିପାଲିଟି ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ଦେଉଥିଲେ। ଶେଷ ୨ ପରୀକ୍ଷାରେ ତାଙ୍କର ଖରାପ ହୋଇଥିଲା। ଏହାକୁ ନେଇ ରଶ୍ମୀ ମାନସିକ ଭାରସାମ୍ୟ ହରାଇ ରବିବାର ରାତିରେ ନିଜଘରେ ଓଢ଼ଣୀରେ ଝୁଲି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଯାଜପୁର ଟାଉନ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛି।

ପୂର୍ବତନ ବିଧାୟିକା ଭଗବତୀ ପୂଜାରୀଙ୍କ ପରଲୋକ

କୋଡିଙ୍ଗା, ୨୦।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଚିର୍ମା ପଞ୍ଚାୟତର ଦୁଗ୍ଗାହାଣ୍ଡି ଗ୍ରାମରେ ଭୋର ପ୍ରାୟ ୪.୩୦ରେ କୋଡିଙ୍ଗା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ଭଗବତୀ ପୂଜାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣ, ପରୋପକାରୀ, ମିଷ୍ଟଭାଷୀ ମହିଳା ଥିଲେ। ମୃତ୍ୟୁବେଳକୁ ତାଙ୍କ ସ୍ୱାମୀ, ପୁଅ ବୋହୂ, ଝିଅ ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ପରିବାର, ବନ୍ଧୁ ପରିଜନ, ନେତା ଓ ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଛି। ଏହି ଖବର ପ୍ରଚାର ହେବା ପରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଭଗବତୀଙ୍କ ଜୀବନ ଆଦିବାସୀ ମହିଳାଙ୍କ ପାଇଁ ବୋଲି ଜିଲା କଂଗ୍ରେସକୁ ଏକ ବାର୍ତ୍ତା ଦେଇ କହିଛନ୍ତି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ବିଧାୟକ ସଦାଶିବ ପ୍ରଧାନୀ ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଫୋନ ଯୋଗେ ପରିବାର ବର୍ଗଙ୍କୁ ସମବେଦନା ଜଣେଇଥିଲେ। ସୂଚନାନୁଯାୟୀ, ସେ ପୂର୍ବତନ କୋଡିଙ୍ଗା ନିର୍ବାଚନୀମଣ୍ଡଳୀରେ ୧୯୮୫ରେ କଂଗ୍ରେସ ଦଳରୁ ବିଧାୟିକାଭାବେ ନିର୍ବାଚିତ ହୋଇଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଆପଣା ଦୋଷେ ମରଣ ଯା'ର
କି କରିବେ ବ୍ରହ୍ମା ଶଙ୍କର ତା'ର ?

ଭଲ ମନ୍ଦକୁ ବିଚାରକରି କାମ କରିବା ଉଚିତ । ଅନେକ ବ୍ୟକ୍ତି ତାହା ବିଚାର କରିପାରନ୍ତି ନାହିଁ । ସେମାନେ ଏପରି କାମ କରିବସନ୍ତି, ଯାହା ତାଙ୍କର କ୍ଷତି ପହଞ୍ଚାଇଥାଏ । ଏପରି ନିର୍ବୋଧ ବ୍ୟକ୍ତିଙ୍କର ଦୁଃଖ ସହିବା ହିଁ ସାର ହୋଇଥାଏ । ନିଜ ଦୋଷରୁ ଦଣ୍ଡ ପାଉଥିବା ବ୍ୟକ୍ତିଙ୍କୁ ଭଗବାନ ମଧ୍ୟ ସାହା ହୁଅନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଆଖୁ ଚାଷ, କପା ବଣିଜ
ଶୁଣ୍ଡୀ ସାଙ୍ଗରେ ଭାଗ
କଅଣ କରିବି ବୁଦ୍ଧି ଦିଶୁନାହିଁ
କାହାକୁ କରିବି ଆଗ ?

ଚାଷ ଓ ବଣିଜରେ ଅସଙ୍ଗତ ଲୋକଙ୍କ ସହ ଭାଗିଦାରୀ ହେବା ଉଚିତ ହୋଇନଥାଏ । ଏଭଳି ଲୋକଙ୍କ ସହ ଭାଗୀଦାରି ହେଲେ ବ୍ୟକ୍ତି ହରବରରେ ପଡ଼ିବା ହିଁ କେବଳ ସାର ହୁଏ । ଏଥିସହ କ୍ଷତିଗ୍ରସ୍ତ ହେବାର ମଧ୍ୟ ସମ୍ଭାବନା ରହେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

ଅର୍ଥ ଫେରସ୍ତର ତଦାରଖ ଲାଗି ନିଯୁକ୍ତ ହେବେ ଅବସରପ୍ରାପ୍ତ ବିଚାରପତି

ଚିଟ୍‌ଫଣ୍ଡ ଠକେଇ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ମତ

ନୂଆଦିଲ୍ଲୀ, ୨୦।୩ (ସ୍ୱ.ପ୍ର.)

ଚିଟ୍‌ଫଣ୍ଡ କମ୍ପାନୀ ସାହାରା ଗ୍ରୁପ୍ ଦ୍ୱାରା ଠକାମିର ଶିକାର ହୋଇଥିବା ଜମାକାରୀଙ୍କ ଅର୍ଥ ଫେରସ୍ତର ତଦାରଖ କରିବା ଲାଗି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କୁ ସର୍ବୋଚ୍ଚ ଅଦାଲତ ନିଯୁକ୍ତ କରିବେ ବୋଲି ସୋମବାର କହିଛନ୍ତି । ନିକଟରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଏ ସଂକ୍ରାନ୍ତରେ ଆବେଦନ କରି କହିଥିଲେ ଯେ, ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ସକାଶେ ସେବି–ସାହାରା ଆକାଉଣ୍ଟରୁ ୫,୦୦୦ କୋଟି ଟଙ୍କା ସେଣ୍ଟ୍ରାଲ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ୍ ସୋସାଇଟିଜ୍‌କୁ ହସ୍ତାନ୍ତର କରାଯାଉ । ବିଚାରପତି ଏମ୍‌ଆର୍ ଶାହା ଓ ସିଟି ରବିକୁମାରଙ୍କ ନେଇ ଗଠିତ ଦୁଇଜଣିଆ ପୀଠ ଏ ସଂକ୍ରାନ୍ତରେ ବିଚାର କରି ରାୟ ସଂରକ୍ଷିତ ରଖିଥିଲେ । ମାର୍ଚ୍ଚ ୨୭ରେ ସୁପ୍ରିମକୋର୍ଟ ପରବର୍ତ୍ତୀ ରାୟ ଶୁଣାଇବେ ।

ସୋମବାର ଏହି ମାମଲାର ଶୁଣାଣି କରି ପୀଠ ପକ୍ଷରୁ କୁହାଯାଇଛି ଯେ, ଅର୍ଥ ଫେରସ୍ତ ନେଇ ଗଠିତ ହେବାକୁ ଥିବା କମିଟିରେ ସେଣ୍ଟ୍ରାଲ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ୍ ସୋସାଇଟିଜ୍ ଏକ ଅଂଶ ହୋଇରହିବ । ଅବସରପ୍ରାପ୍ତ ବିଚାରପତିଙ୍କୁ ସହାୟତା କରିବା ଲାଗି ଆମିକସ କ୍ୟୁରିଙ୍କୁ ମଧ୍ୟ ନିଯୁକ୍ତ କରାଯାଇପାରେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ଜମାକାରୀଙ୍କୁ ଅର୍ଥ ଫେରସ୍ତ ଦିଗରେ ସ୍ୱଚ୍ଛତା ବଜାୟ ରଖିବା ଲାଗି ପୂର୍ବରୁ ମାମଲା ଲଢ଼ିଥିବା ବରିଷ୍ଠ ଓକିଲ କପିଲ ଶିବଲ ଓ ଅନ୍ୟ ଆଇନଜୀବୀଙ୍କ ଠାରୁ ପୀଠ ମଧ୍ୟ ପ୍ରସ୍ତାବ ଲୋଡ଼ିଛନ୍ତି ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ଉପସ୍ଥାପନ କରିଥିବା ତଥ୍ୟରେ ଦର୍ଶାଇଥିଲେ ଯେ ସେବି–ସାହାରା ଆକାଉଣ୍ଟରେ ୨୩,୯୩୭ କୋଟି ଟଙ୍କା ଅବବ୍ୟହୃତ ହୋଇ ପଡ଼ିରହିଛି । ସାହାରା ଗ୍ରୁପ୍ ଦ୍ୱାରା ଠକାମିର ଶିକାର ହୋଇଥିବାରୁ ଜମାକାରୀମାନଙ୍କୁ ସେଥିରୁ ତୁରନ୍ତ ଅର୍ଥ ଫେରସ୍ତ କରାଯାଉ । ମେହେଟା ଯୁକ୍ତି ଦର୍ଶାଇଥିଲେ ଯେ, ଏ କ୍ଷେତ୍ରରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଦିଆଯିବାକୁ ଥିବା ଅର୍ଥ ଜମାକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ରଖାଯାଉ, ଯାହାଫଳରେ ତାହାକୁ ତଦାରଖ କରିବା ସହଜ ହେବ । ଶୁଣାଣି ବେଳେ ବିଚାରପତି ଏମ୍‌ଆର୍ ଶାହା କହିଛନ୍ତି, ଫେରସ୍ତ ହେବାକୁ ଥିବା ଅର୍ଥ ଯୋଗ୍ୟ ବ୍ୟକ୍ତିଙ୍କୁ ମିଳିବା ଦରକାର । ଏ କ୍ଷେତ୍ରରେ ସେମାନେ ଯେଭଳି ହଇରାଣ ନ ହେବେ ସେହି ଦିଗକୁ ଦୃଷ୍ଟି ଦିଆଯିବା ଉଚିତ । ଉଲ୍ଲେଖଯୋଗ୍ୟ ଯେ, ଆଇନଜୀବୀ ସୁରେଶ ତ୍ରିପାଠୀ ଦାଖଲ କରିଥିବା ଦସ୍ତାବିଜ୍‌ରେ ଉଲ୍ଲେଖ କରିଥିଲେ ଯେ, ରିଟ୍ ପିଟିଶନ କରିଥିବା ବ୍ୟକ୍ତିମାନେ ଓଡ଼ିଶାରେ ମଧ୍ୟ ବହୁ ଚିଟ୍‌ଫଣ୍ଡ କମ୍ପାନୀ ରହିଥିବା ଦର୍ଶାଇଛନ୍ତି । ସଲିସିଟର ଜେନେରାଲ ମେହେଟା କହିଥିଲେ ଯେ ପ୍ରାରମ୍ଭିକ ଅବସ୍ଥାରେ ସାହାରା ଗ୍ରୁପ୍ କଥାକୁ ଦେଖାଯାଉଛି ଓ ପରବର୍ତ୍ତୀ ସମୟରେ ଅନ୍ୟ ଚିଟ୍ ଫଣ୍ଡ୍ ସଂକ୍ରାନ୍ତ ବିଷୟକୁ ବିଚାରକୁ ନିଆଯିବ ।

ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ମେହେଟା କହିଥିଲେ ଯେ, କ୍ଷୁଦ୍ର ଜମାକାରୀଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ କରିବା ଲାଗି ସାହାରା–ସେବି ନିକଟରେ ଥିବା ଅର୍ଥକୁ ବ୍ୟବହାର କରାଯାଉ ।

ଖୁବ୍‌ଶୀଘ୍ର ୨୬୧୯ ଶିକ୍ଷକ ପଦବୀ ପୂରଣ ହେବ

ଭୁବନେଶ୍ୱର, ୨୦।୩(ବ୍ୟୁରୋ)

ରାଜ୍ୟରେ ଖାଲିଥିବା ୨୬୧୯ ଶିକ୍ଷକ ପଦବୀ ପୂରଣ ହେବ । ଏନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍‌ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା । ବେସରକାରୀ ଅନୁଦାନପ୍ରାପ୍ତ ୨୨୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖାଲି ପଡ଼ିଥିବା ୫୫୫ଟି ପିଜିଟି ଶିକ୍ଷକ ପଦବୀ ପୂରଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ପୁନଃ ଅନୁଦାନପ୍ରାପ୍ତ ୬୯୧ଟି ଉଚ୍ଚ ବିଦ୍ୟାଳୟରେ ଖାଲିଥିବା ୨୦୬୪ ପଦବୀରେ ଶିକ୍ଷକ ନିଯୁକ୍ତି ପାଇଁ ଆଲୋଚନା ହୋଇଥିଲା । ଏହି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ପ୍ରବରଣ ଆୟୋଗ(ଏସଏସବି) ପକ୍ଷରୁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି । ଏହି ବୈଠକରେ ଏସ୍‌ଏସ୍‌ବି ଅଧ୍ୟକ୍ଷ ପ୍ରଫେସର ଦକ୍ଷ ପ୍ରସାଦ ନନ୍ଦ, ସମ୍ପାଦକ ଡ. ମଧୁସୂଦନ ମିଶ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆର୍. ଆୟର, ସ୍ୱତନ୍ତ୍ର ସଚିବ ଶୁଭଶ୍ରୀ ନନ୍ଦ, ଉପନିର୍ଦ୍ଦେଶକ ଭାଗିରଥି କାଣ୍ଡିଙ୍କ ସମେତ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ଶିକ୍ଷୟିତ୍ରୀ ଉତ୍ତର ଡାକୁଥିବା ଭିଡିଓ ଭାଇରାଲ

ନବରଙ୍ଗପୁର,୨୦।୩(ବି.ପ୍ର.)

ଚଳିତ ମାଟ୍ରିକ୍ ପରୀକ୍ଷାରେ ନବରଙ୍ଗପୁର ଜିଲାରେ ବ୍ୟାପକ ଅନିୟମିତତା ଦେଖାଦେଇଛି । ନବରଙ୍ଗପୁର ବ୍ଲକ ବିକ୍ରମପୁର ହାଇସ୍କୁଲରେ ହିନ୍ଦୀ ପ୍ରଶ୍ନ ଓ ସଂସ୍କୃତ ଉତ୍ତର ଭାଇରାଲ ହୋଇଥିଲା । ଏବେ ନବରଙ୍ଗପୁର ବ୍ଲକ ବଡ଼ମସିଗାଁ ଏସ୍‌ଏସ୍‌ଡି ହାଇସ୍କୁଲ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଜଣେ ଶିକ୍ଷୟିତ୍ରୀ ଅବଜେକ୍ଟିଭ ପ୍ରଶ୍ନ, ଓଏମ୍‌ଆର୍ ଉତ୍ତରଗୁଡ଼ିକ ପରୀକ୍ଷାର୍ଥୀଙ୍କୁ ଡାକୁଥିବା ଭିଡିଓ ଭାଇରାଲ ହୋଇଛି । ଏହାକୁ ନେଇ ଏବେ ଜିଲାଶିକ୍ଷା ବିଭାଗର ପରୀକ୍ଷା ପରିଚାଳନା ବ୍ୟବସ୍ଥା ଉପରେ ଆଙ୍ଗୁଳି ଉଠିଛି । ପ୍ରଶ୍ନ ଓ ଉତ୍ତର ପତ୍ର ଲିକ୍ ଘଟଣାରେ ଡିଇଓ ତଦନ୍ତକରି ଥାନାରେ ଏତଲା ଦେବେ କହି ଚୁପ୍ ବସିଲେ । ଯଦି ଉକ୍ତ ଘଟଣାରେ ଡିଇଓ କାର୍ଯ୍ୟାନୁଷ୍ଠାନ ନେଇ ଥାଆନ୍ତେ ତେବେ ବଡ଼ମସିଗାଁ ସ୍କୁଲରେ ଏଭଳି ତ୍ରୁଟି ହୋଇ ନ ଥାନ୍ତା ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି । ବଡ଼ମସିଗାଁ ସ୍କୁଲ ଭିଡିଓ ସୋମବାରର ନ ହେଲେ ମଧ୍ୟ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାର ବୋଲି ସୂଚନା ମିଳିଛି । ପରୀକ୍ଷା କେନ୍ଦ୍ରରେ ମୋବାଇଲ ପ୍ରବେଶ ନାହିଁ । ଶିକ୍ଷକମାନେ ମୋବାଇଲ ନେଲେ ମଧ୍ୟ ତାହାକୁ ସୁଇଚ ଅଫ୍ କରି ରଖାଯାଉଛି । ତେବେ କିଏ ଓ କେଉଁ ଉଦ୍ଦେଶ୍ୟରେ ଭିଡିଓ ଉତ୍ତୋଳନ କରି ଭାଇରାଲ କଲେ ଓ ସେ ମୋବାଇଲ ପରୀକ୍ଷା କେନ୍ଦ୍ରକୁ କିଭଳି ନେଲେ ତାହାର ତଦନ୍ତ କରିବାକୁ ଦାବି ହୋଇଛି । ଘଟଣାକୁ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୃଷୀକେଶ ମିଶ୍ରଙ୍କୁ ପଚାରିବାରୁ ଭାଇରାଲ ଭିଡିଓ ବଡ଼ମସିଗାଁ ପରୀକ୍ଷା କେନ୍ଦ୍ରର । ତେବେ କିଏ ଭିଡିଓ ଉତ୍ତୋଳନ କରିବା ସହ ଭାଇରାଲ କରିଛନ୍ତି ତାହା ଜାଣିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି । ଏ ନେଇ ଡିଇଓ ପ୍ରଦୀପ କୁମାର ନାଗଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି । ସୂଚନାନୁଯାୟୀ, ବଡ଼ମସିଗାଁ ପରୀକ୍ଷା କେନ୍ଦ୍ରରେ ଭାଟିଗାଁ, ସିଦ୍ଧିଗୁଡ଼ା ଓ ବଗଦରୀ ହାଇସ୍କୁଲର ୨୩୫ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିଲେ ।

ପଶ୍ଚିମା ଝଡ଼ ପ୍ରଭାବ

କଟକ, ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା

■ ୧.୫ କିମି ଉଚ୍ଚରେ ଘୂର୍ଣ୍ଣିବଳୟ ■ ୨୫ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ■ ୨୨ରୁ ବଢ଼ିବ ତାତି

ଭୁବନେଶ୍ୱର, ୨୦।୩(ବ୍ୟୁରୋ)

ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟରେ କାଳବୈଶାଖୀ ଲାଗି ରହିଛି । ବଜ୍ରପାତ, ଘଡ଼ଘଡ଼ି, କୁଆପଥର ମାଡ଼ ସହ ପବନ ବୋହୁଛି । ତେବେ ସୋମବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ କୁଆପଥର ସହ ବର୍ଷା ହୋଇଛି । ଅପରାହ୍ନରେ ଭୁବନେଶ୍ୱରରେ ଭଲ ବର୍ଷା ହେବା ସହ ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ସିଆର୍‌ପି ଛକ, ରସୁଲଗଡ଼ ଓ ଘାଟିକିଆରେ କୁଆପଥର ମାଡ଼ ହୋଇଥିବା ଜଣାପଡ଼ିଛି । ସେହିପରି କଟକ, ବଲାଙ୍ଗୀର, ବାଲେଶ୍ୱର, ନୟାଗଡ଼, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଓ ପୁରୀ ଜିଲାର ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାରରୁ ସୋମବାର ସକାଳ ପର୍ଯ୍ୟନ୍ତ ସୁନ୍ଦରଗଡ଼ର ମନ୍ଦିରା ଡ୍ୟାମ୍‌ରେ ସର୍ବାଧିକ ୧୨୯ ମିଲି ମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ମୟୂରଭଞ୍ଜର କପ୍ତିପଦାରେ ୫୮ମିମି, ବାଲିଗୁଣ୍ଡଳୀରେ ୪୧.୮, ବୌଦ୍ଧରେ ୪୦.୪, ଗଞ୍ଜାମ ସୋରଡାରେ ୪୦.୨ ମି.ମି. ବର୍ଷା ରେକର୍ଡ କରାଯାଇଛି । ସେହିପରି ସୋମବାର ସନ୍ଧ୍ୟା ୬ଟା ମଧ୍ୟରେ ପୁରୀରେ ସର୍ବାଧିକ ୧୯.୨ ମିମି ବର୍ଷା ହୋଇଥିବାବେଳେ ଟିଟିଲାଗଡ଼ ୧୫.୪, ବଲାଙ୍ଗୀର ୧୫, ଖୋର୍ଦ୍ଧା ୧୩ ଓ ଭୁବନେଶ୍ୱରରେ ୩.୮ ମିମି ବର୍ଷା ହୋଇଥିବା ସୂଚନା ଦିଆଯାଇଛି । ସେପଟେ ଟ୍ରପ୍‌ଲାଇନ୍ ଯୋଗୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ଉତ୍ତର–ପୂର୍ବ ରାଜସ୍ଥାନଠାରୁ ଆରମ୍ଭ କରି ନାଗାଲାଣ୍ଡ, ଉତ୍ତର ପ୍ରଦେଶ ଓ ବିହାର ପର୍ଯ୍ୟନ୍ତ ସମୁଦ୍ରପତ୍ତନଠାରୁ ବାୟୁମଣ୍ଡଳରେ ୧.୫ କିମି ଉଚ୍ଚରେ ରହିଛି । ଏହା ପ୍ରଭାବରେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ତେବେ ମଙ୍ଗଳବାର ପଶ୍ଚିମା ଝଡ଼ର ପ୍ରଭାବ କମିଲେ ମଧ୍ୟ ଟ୍ରପ୍‌ଲାଇନ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିବ । ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଓ ଉତ୍ତର ଓଡ଼ିଶାର ୨୦ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ । ବର୍ଷା ହେଲେ ମଧ୍ୟ ୨୨ ତାରିଖରୁ ଧୀରେ ଧୀରେ ତାପମାତ୍ରା ବୃଦ୍ଧି ହେବ । ସ୍ୱାଭାବିକଠାରୁ ୩ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ର ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।

ସରିଲା ମାଟ୍ରିକ୍...

ପ୍ରଥମ ପୃଷ୍ଠାରୁ...

ଗଣିତ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତି ଖଣ୍ଡନ କରିଛନ୍ତି । ପୁରୀ ଜିଲାରେ କୌଣସି ପ୍ରକାରର ପ୍ରଶ୍ନପତ୍ର ଲିକ୍ ହୋଇନାହିଁ । ଭାଇରାଲ ଘଟଣାର କୌଣସି ସତ୍ୟାସତ୍ୟ ନାହିଁ । ଯେଉଁ ଅଭିଯୋଗ ହେଉଛି ତାହା ଅପ୍ରାସଙ୍ଗିକ ବୋଲି ଉପସଭାପତି କହିଛନ୍ତି । ଚଳିତ ବର୍ଷ ୫ ଲକ୍ଷ ୪୧ ହଜାର ୨୪୭ ଜଣ ପରୀକ୍ଷାର୍ଥୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପାଇଁ ଫର୍ମଫିଲପ୍ କରିଥିଲେ । ୩୨୧୮ଟି କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା । ସେହିପରି ୩୧୬ଟି ନୋଡାଲ ସେଣ୍ଟର କରାଯାଇଥିଲା । ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ୨୨ଟି ଥାନାରେ ନୋଡାଲ ସେଣ୍ଟର କରାଯାଇଥିଲା । ଅପରପକ୍ଷରେ ଚଳିତ ପରୀକ୍ଷାର ବିଭିନ୍ନ ଦିନରେ କେତେକ ସ୍ଥାନରେ ଅନିୟମିତତା ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଥିଲା । ପ୍ରଥମ ଦିନରେ ପୁରୀ ଜିଲା ନିମାପଡ଼ା ବ୍ଲକର ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଜଣେ ବ୍ୟକ୍ତିଙ୍କ ମୋବାଇଲ୍ ଅଡିଓ ବାର୍ତ୍ତାଳାପ ଭାଇରାଲ ହୋଇଥିଲା । ଏଥିରେ ପିଲାଙ୍କୁ କପି ପାଇଁ ସୁଯୋଗ ଦେବା ସମ୍ପର୍କରେ କଥାବାର୍ତ୍ତା ହେଉଥିବାର ଜଣାପଡ଼ିବା ପରେ ସମ୍ପୃକ୍ତ ପ୍ରଧାନଶିକ୍ଷକ ଏବଂ ପରୀକ୍ଷା ନିୟନ୍ତ୍ରକଙ୍କ ସମେତ ଅନ୍ୟମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା । ପରୀକ୍ଷାର ଦ୍ୱିତୀୟ ଦିନ ମଧ୍ୟ ପୁରୀ ଜିଲା କାକଟପୁର ଏବଂ ନୟାହାଟ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ପରୀକ୍ଷା କେନ୍ଦ୍ର ମଧ୍ୟକୁ ମୋବାଇଲ୍ ଫୋନ୍ ନେବା ଏବଂ ପରୀକ୍ଷାରେ ଅନିୟମିତତା କରିବା ଅଭିଯୋଗରେ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା । ସେହିପରି ସାମାଜିକ ବିଜ୍ଞାନ ପରୀକ୍ଷାରେ ପ୍ରଶ୍ନପତ୍ରରେ ମୁଦ୍ରଣଜନିତ ତ୍ରୁଟି ଦେଖିବାକୁ ମିଳିଥିଲା । ସେଥିପାଇଁ ପିଲାମାନଙ୍କୁ କୌଣସି ବ୍ୟସ୍ତ ହେବାର ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା ।

ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ...

ହୋଇଥିବା ନେଇ ଅଭିଯୋଗ ଆଣିଥିଲେ । ଗୃହରେ ଭାଇରାଲ୍ ହେଉଥିବା ପ୍ରଶ୍ନପତ୍ର ଦେଖାଇ ପିଲାଙ୍କ ଭବିଷ୍ୟତ ସହ ସରକାର ଖେଳୁଛନ୍ତି ବୋଲି କହିଥିଲେ । ତାଙ୍କୁ ସମର୍ଥନ କରି ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଙ୍ଗାମା କରିଥିଲେ । କଂଗ୍ରେସ ସଦସ୍ୟମାନେ ମଧ୍ୟ ଏହି ପ୍ରସଙ୍ଗକୁ ସମର୍ଥନ କରି ଗୃହରେ ହୋ ହଲ୍ଲା କରିଥିଲେ । ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନଙ୍କ ଇସ୍ତଫା ଦାବିକରି ନାରାବାଜି କରିଥିଲେ । ଗୃହରେ ଏକପ୍ରକାର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା । ବାଚସ୍ପତି ବିରୋଧୀ ଦଳ ସଦସ୍ୟମାନଙ୍କୁ ଶାନ୍ତ ରହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ମାତ୍ର ଏହାର କୌଣସି ପ୍ରଭାବ ବିରୋଧୀଙ୍କ ଉପରେ ପଡ଼ି ନ ଥିଲା । ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଦେଇଥିଲେ ।

ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁଣି ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ପ୍ରବଳ ହଙ୍ଗାମା କରିଥିଲେ । ଗୃହକୁ ସ୍ୱାଭାବିକ କରିବା ପାଇଁ ସର୍ବଦଳୀୟ ବୈଠକ ପାଇଁ ବାଚସ୍ପତି ୪ଟା ୧ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ବୈଠକ ୪ଟା ୨୬ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା । ପରେ ବାଚସ୍ପତି ଦଶମ ବୋର୍ଡ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ନେଇ ବିରୋଧୀ ଦଳ ସଦସ୍ୟମାନେ ଯେଉଁ ଅଭିଯୋଗ ଆଣିଛନ୍ତି ସେ ପ୍ରସଙ୍ଗରେ ଗୃହରେ ବିବୃତି ଦେବାକୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀ କହିଥିଲେ ଯେ ମାଟ୍ରିକ୍ ପ୍ରଶ୍ନପତ୍ର ଲିକ୍ ନେଇ ବିରୋଧୀ ଆଣିଥିବା ଅଭିଯୋଗ ସତ୍ୟ ଉପରେ ଆଧାରିତ ନୁହେଁ । ମାଟ୍ରିକ୍ ପରୀକ୍ଷା ଶୃଙ୍ଖଳିତ ଭାବେ ସରିଛି । ଖାତାଦେଖା ଏପ୍ରିଲ ୩ରୁ ଶୃଙ୍ଖଳାର ସହ ହେବ । ବିଧାନସଭାକୁ ଆଶ୍ୱାସନା ଦେଉଛି ବୋଲି ମନ୍ତ୍ରୀ କହିଥିଲେ । ମନ୍ତ୍ରୀଙ୍କ ବିବୃତି ପରେ ଗୃହ ସ୍ୱାଭାବିକ ହୋଇଥିଲା ଓ ପର୍ଯ୍ୟଟନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା ।

ଅନ୍ୟପକ୍ଷରେ ବିରୋଧୀ ଦଳ ମୁଖ୍ୟ ସଚେତକ ଗଣମାଧ୍ୟମକୁ କହିଛନ୍ତି ଯେ ସକାଳ ୭ଟା ୨୦ମିନିଟ୍‌ରେ ପୁରୀ ଜିଲାରେ ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଛି । ପିଲାଙ୍କ ଭବିଷ୍ୟତ ସହିତ ସରକାର ଖେଳୁଛନ୍ତି । ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେଉଥିବାରୁ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ପାଇଁ ବିରୋଧୀ ଦଳ ଦାବି କରିଥିଲେ ।

ଏହା ଉପରେ ପ୍ରତିକ୍ରିୟା ଦେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, କୌଣସି ଗୋଟିଏ ପ୍ରଶ୍ନପତ୍ର ଲିକ୍ ହୋଇନାହିଁ । ପୂର୍ବରୁ ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ ଏହା ମୁଦ୍ରଣ

ଚଳନ୍ତା କାର୍‌ରେ ନିଆଁ

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ସହର ଦେଇ ଯାଇଥିବା ଏନ୍‌ଏଚ ୪୯ର ମେଡ଼ିକାଲ କଲେଜ ସମ୍ମୁଖ ଫ୍ଲାଇଓଭରରେ ଏକ ଚଳନ୍ତା କାରରେ ନିଆଁ ଲାଗିଯାଇଥିଲା । ଗାଡ଼ି ଚାଲକ ଜାଣିପାରି ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ । ଖବର ପାଇ ଦମକଳ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲା । କାରଟି ଧୃପଦାରୁ ବେଲଦା ଆଡ଼କୁ ଯାଇଥିଲା ।

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବ୍ୟାରିକେଡ୍ ଭାଙ୍ଗି ବିଧାନସଭା ଅଭିମୁଖେ ଯିବାକୁ ଉଦ୍ୟମ କରାଯାଉଛି । (ଫଟୋ– ମନୋରଞ୍ଜନ)

'ରାଜ୍ୟରେ ସରକାର ଗଢ଼ିବେ କୃଷକ'

ନବ ନିର୍ମାଣ କୃଷକ ସଙ୍ଗଠନର ରଣହୁଙ୍କାର

- ■ଚାଷୀଙ୍କୁ ପେନ୍‌ସନ ଦାବି ତେଜିଲା
- ■ବର୍ଦ୍ଧିତ ବିଦ୍ୟୁତ୍ ଦରକୁ ବିରୋଧ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ପେନ୍‌ସନ ଦାବି ସହ ବର୍ଦ୍ଧିତ ବିଦ୍ୟୁତ୍ ଦରକୁ ତୀବ୍ର ବିରୋଧ କରିଛନ୍ତି ଚାଷୀ । ଏନେଇ ନବ ନିର୍ମାଣ କୃଷକ ସଙ୍ଗଠନର ଡାକରା କ୍ରମେ ବହୁସଂଖ୍ୟକ ଚାଷୀ ସୋମବାର ବିଧାନସଭା ସମ୍ମୁଖରେ ରଣହୁଙ୍କାର ଦେଇଛନ୍ତି । ସେମାନେ ମାଷ୍ଟରକ୍ୟାଣ୍ଟିନରୁ ହାତରେ ବ୍ୟାନର, ପ୍ଲାକାର୍ଡ ଓ ଜାତୀୟ ପତାକା ଧରି ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ବାହାରିଥିଲେ । ରାଜ୍ୟ ସରକାର ଚାଷୀଙ୍କ ପାଇଁ ମାସକୁ ୫ହଜାର ଟଙ୍କାର ପେନ୍‌ସନ କାହିଁକି ଲାଗୁ କରୁନାହାନ୍ତି, ଟାଟା ପାୱାରର ଗ୍ରାହକ ଶୋଷଣରେ ଓଡ଼ିଶା ସରକାର ନୀରବ କାହିଁକି ବୋଲି ଆନ୍ଦୋଳନକାରୀ ଚାଷୀମାନେ ପ୍ରଶ୍ନ କରିଛନ୍ତି । ବାଟରେ ପୋଲିସ ବ୍ୟାରିକେଡ୍ ପକାଇ ବାଟ ଓଗାଳିଥିଲେ ମଧ୍ୟ ଚାଷୀମାନେ ମାନି ନ ଥିଲେ । ବ୍ୟାରିକେଡ୍ ଡେଇଁ ଆଗକୁ ଯିବାବେଳେ ପୋଲିସ ଅଟକାଇବାରୁ ମୁହାଁମୁହିଁ ସ୍ଥିତି ଉପୁଜିଥିଲା ।

ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ରାଜ୍ୟ ସରକାର ଚାଷ ଓ ଚାଷୀଙ୍କ ସ୍ୱାର୍ଥରକ୍ଷା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସେ କହିଛନ୍ତି । ଏଥର ଓଡ଼ିଶାର ଚାଷୀମାନେ ଜନଆନ୍ଦୋଳନ ଓ ରଣନୀତି ବଦଳାଇବେ । ଚାଷୀମାନେ ଆଉ ଆବେଦନ ଓ ନିବେଦନ ନ କରି ରାଜ୍ୟରେ ନିଜେ ସରକାର ଗଢ଼ିବାକୁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି । ଆଗାମୀ ଦିନରେ ଓଡ଼ିଶାରେ ଏକ କୃଷକ ସରକାର ପ୍ରତିଷ୍ଠା ହେବ । ଭାଜପା, ବିଜେଡି ଆଗାମୀ ଦିନରେ ସରକାର ଗଢ଼ିପାରିବେ ନାହିଁ । ଆମେ ସେଭଳି ନେତୃତ୍ୱ ଓ ମଡେଲ ନେତାଙ୍କ ପାଖରେ ପହଞ୍ଚିଛୁ, ଯେଉଁମାନେ କି ଚାଷୀଙ୍କ ପାଇଁ ମଡେଲ ଭାବେ କାମ କରିଛନ୍ତି । ଅନ୍ୟପକ୍ଷରେ ଟାଟା ପାୱାର ରାଜ୍ୟ ସରକାରଙ୍କ ପ୍ରଚ୍ଛନ୍ନ ଇଙ୍ଗିତରେ ଗ୍ରାହକଙ୍କୁ ଶୋଷଣ କରୁଥିବା ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି । ରାଜ୍ୟର ସଂଗଠିତ ବର୍ଗ ପାଟିତୁଣ୍ଡ କରି ରାଜକୋଷରୁ ଲୁଟ୍ କରୁଛନ୍ତି, ଅଥଚ କୃଷିପ୍ରଧାନ ରାଜ୍ୟରେ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ନ ପାରି ଜୀବନ ହାରୁଛି । ଏହାର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତ କହିଛନ୍ତି । ସେହିପରି ନିମାଇଁ ରାୟ ଓ ରଶ୍ମିରଞ୍ଜନ ସ୍ୱାଇଁ କୃଷି ଭିତ୍ତିଭୂମି, କୃଷିଲୋନ, ଶୀତଳ ଭଣ୍ଡାର ଓ ଗୋଦାମ ଗୃହ ସମସ୍ୟା ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି । କ୍ଷୀରୋଦ ରାଉତ, ପୂର୍ବତନ ବିଧାୟକ ଚିତ୍ତ ଷଡ଼ଙ୍ଗୀ, ଯୁବନେତା ବିଶ୍ୱକେଶରୀ ମହାନ୍ତି, ରଣଜିତ ପଟ୍ଟନାୟକ, ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ, ମଧୁମିତା ସାମଲ, ତ୍ରିଲୋଚନ ପଣ୍ଡା, ଦୀନେଶ ଦାସ, ଅଶ୍ୱିନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଖେଳ ବେଳେ ବିଦ୍ୟୁତ୍ ଆଘାତ: ଶିଶୁ ମୃତ

ଧାମନଗର ବିଜୁ ପଟ୍ଟନାୟକ ଛକ ନିକଟ ମୁଖ୍ୟରାସ୍ତାକୁ ଅବରୋଧ କରାଯାଇଛି ।

- ■ ବିଦ୍ୟୁତ୍ ଖୁଣ୍ଟର ଷ୍ଟେ ତାରକୁ ଛୁଇଁଦେଇଥିଲେ
- ■ ବିଭାଗର ଅବହେଳାକୁ ଦାୟୀ କରି ରାସ୍ତା ଅବରୋଧ

ଧାମନଗର,୨୦।୩(ସ୍ୱ.ପ୍ର./ଡି.ଏନ୍.ଏ.)

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଧୀନ ମୁଲ୍ଲାସାହିରେ ସୋମବାର ପୂର୍ବାହ୍ନରେ ଘର ପାଖରେ ଖେଳୁଥିବାବେଳେ ବିଦ୍ୟୁତ୍ ଆଘାତରେ ଜଣେ ୩ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି । ସେ ହେଲେ ୮ ନଂ. ୱାର୍ଡର ସେକ୍ ଜୁମାଙ୍କ ପୁଅ ସେକ୍ ଅୟାନ । ଅୟାନ ଖେଳିବା ସମୟରେ ଏକ ବିଦ୍ୟୁତ୍ ଖୁଣ୍ଟର ଷ୍ଟେ ତାରକୁ ଛୁଇଁ ଦେଇଥିଲେ । ଫଳରେ ବିଦ୍ୟୁତ୍ ଆଘାତ ପାଇ ସେ ଅଚେତ ହୋଇଯାଇଥିଲେ । ପରିବାର ଲୋକେ ତାଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଶିଶୁ ମୃତ୍ୟୁ ପାଇଁ ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରି କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଧାମନଗର ବିଜୁ ପଟ୍ଟନାୟକ ଛକ ନିକଟ ମୁଖ୍ୟରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ । ଅପରାହ୍ନରେ ଧାମନଗର ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଓ ଥାନାଧିକାରୀ ବନମାଳୀ ବାରିକ ପୋଲିସ ଫୋର୍ସ ସହ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ । ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଶିବପ୍ରସାଦ ଦାଶ, ନିର୍ବାହୀ ଯନ୍ତ୍ରୀ ରଶ୍ମିକାନ୍ତ ବେହେରା ପ୍ରମୁଖ ଘଟଣାସ୍ଥଳକୁ ଆସି ମୃତକଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ । ଅନୁକମ୍ପାମୂଳକ ସାହାଯ୍ୟ ସହ ମୃତଶିଶୁଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଆଉଟସୋର୍ସିଂ ଜରିଆରେ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା । ତେବେ ଏନେଇ ମୃତ ଅୟାନଙ୍କ ବଡ଼ବାପା ସେକ୍ ଅସ୍‌କରୀଙ୍କ ଅଭିଯୋଗକ୍ରମେ ଧାମନଗର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୩) ରୁଜୁ ହୋଇଛି ।

କାଏମ ରହିଲା ୯୬ ପ୍ରାର୍ଥୀଙ୍କ ନାମାଙ୍କନ

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ପ୍ରକ୍ରିୟା

କଟକ ଅଫିସ,୨୦।୩

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚନ ନିମନ୍ତେ ବୃତ୍ତାନ୍ତ ପ୍ରାର୍ଥୀ ତାଲିକା ସୋମବାର ପ୍ରକାଶ ପାଇଛି । ମୋଟ ୨୫ଟି ସଭ୍ୟ ପଦ ପାଇଁ ଶେଷ ତାରିଖ ସୁଦ୍ଧା ଦାଖଲ ହୋଇଥିବା ମୋଟ ୯୮ଟି ପ୍ରାର୍ଥିପତ୍ର ମଧ୍ୟରୁ ୨ଟି ନାକଚ ହୋଇଥିବାବେଳେ ୯୬ଟି କାଏମ ରହିଥିବା ପରିଷଦର ସମ୍ପାଦକ ଯଯାତି କେଶରୀ ସାମନ୍ତସିଂହାର ସୂଚନା ଦେଇଛନ୍ତି ।

ଆସନ୍ତା ଏପ୍ରିଲ ୧୫ରେ ହେବାକୁ ଥିବା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚନ ନିମନ୍ତେ ୨୭.୨.୨୦୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୧ରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ମାର୍ଚ୍ଚ ୬ରେ ଶେଷ ହୋଇଥିଲା । ମାର୍ଚ୍ଚ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିଲା । ତେବେ ଯାଞ୍ଚ ସମୟରେ ୨ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିଲା । ଏଥିସହ ପ୍ରାର୍ଥିପତ୍ର ପ୍ରତ୍ୟାହାର ନିମନ୍ତେ ମାର୍ଚ୍ଚ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା । କେହି ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନ ଥିବା ଜଣାଯାଇଛି । ପରିଷଦର ନିର୍ବାଚନ ଦାୟିତ୍ୱରେ ଥିବା ରିଟର୍ନିଂ ଅଫିସର ତଥା ହାଇକୋର୍ଟର ପ୍ରାକ୍ତନ ବିଚାରପତି ପ୍ରମଥ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବୃତ୍ତାନ୍ତ ପ୍ରାର୍ଥୀ ତାଲିକାରେ ମୋଟ ୯୬ ଜଣଙ୍କ ନାମ ପ୍ରକାଶ କରାଯାଇଛି । ସେହିପରି ଏପ୍ରିଲ ୧୫ ତାରିଖ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ହେବ । ଏପ୍ରିଲ ୨୧ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

ପୋଖରୀରେ ବୁଡ଼ି ମହିଳା ମୃତ

ହିଞ୍ଜିଳିକାଟୁ,୨୦।୩(ଡି.ଏନ.ଏ.): ହିଞ୍ଜିଳିକାଟୁ ବ୍ଲକ ସରଧାପୁର ଗ୍ରାମରେ ସୋମବାର ପୋଖରୀରେ ବୁଡ଼ି ସରା ଦାଶ (୪୦) ନାମ୍ନୀ ମହିଳାଙ୍କ ମୃତ୍ୟୁ ଘଟିଛି । ଗାଧୋଇବାକୁ ଯାଇଥିବା ସରା ବହୁତ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିବା ପାଇଁ ଆସିଥିଲେ । ପୋଖରୀ ହୁଡ଼ାରେ ସାରାଙ୍କ ଶାଢ଼ୀ ଥିବା ଦେଖିଥିଲେ । କାଳେ ସେ ପୋଖରୀରେ ବୁଡି ଯାଇଥିବା ସନ୍ଦେହ କରି ସେମାନେ ଖୋଜିଥିଲେ । ପରେ ତାଙ୍କ ମୃତଦେହ ପୋଖରୀରୁ ଜବତ କରାଯାଇଥିଲା ।

राष्ट्रीय विज्ञान शिक्षा एवं अनुसंधान संस्थान, भुवनेश्वर
NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR
(परमाणु ऊर्जा विभाग, भारत सरकार के अधीन एक स्वायत्त संस्थान)
AN AUTONOMOUS INSTITUTE UNDER DAE, GOVERNMENT OF INDIA

ADMISSION TO MASTERS PROGRAM IN MEDICAL AND RADIOLOGICAL PHYSICS

The National Institute of Science Education and Research (NISER) Bhubaneswar, invites applications from interested candidates for the M. Sc. program in Medical and Radiological Physics at the Centre for Medical and Radiation Physics, NISER, Odisha, India.

PROGRAM DETAILS

Degree awarding institute	Homi Bhabha National Institute, Mumbai and NISER
Duration of the course	2 years Master's program and 1-year mandatory internship.
Total No. of seats	10
Minimum qualification and selection	60% marks in B. Sc with physics as a main course and JAM 2023 / JEST 2023 scorecards. The shortlisting will be based on JAM 2023 / JEST 2023 marks, followed by interview for selection.
Fellowship	Rs. 16,000/- p.m. + HRA and Contingency as per DAE rules, during master's program.
Internship hospitals as per AERB guidelines	All India Institute of Medical Sciences, Bhubaneswar, Acharya Harihara Post Graduate Institute of Cancer, Cuttack and Tata Memorial Centre, Mumbai.

More details about the program are available at: https://www.niser.ac.in/cmrp/

HOW TO APPLY

See announcements section of NISER website https://www.niser.ac.in/ or Scan the QR code

IMPORTANT DATES

Last date of online application	15th May 2023
Date of interview	3rd - 6th July 2023
Announcement of final selection list	7th July 2023

ADDRESS FOR CORRESPONDENCE

Centre for Medical and Radiation Physics, NISER, Jatni-50, Odisha, India
Email : cmrp@niser.ac.in

Azadi Ka Amrit Mahotsav
G20 भारत 2023 INDIA

ଜିଏସ୍‌ଟି ଟିକସଦାତା ଧ୍ୟାନ ଦିଅନ୍ତୁ!

ଯେଉଁ ଟିକସଦାତାଙ୍କ ସର୍ବମୋଟ ବାର୍ଷିକ କାରବାର# ଏକ ବିନିର୍ଦ୍ଦିଷ୍ଟ ସୀମା* ପର୍ଯ୍ୟନ୍ତ ଅଛି, ସେମାନେ ଆର୍ଥିକ ବର୍ଷ ୨୦୨୩–୨୪ ପାଇଁ ଜିଏସ୍‌ଟି କମ୍ପୋଜିଶନ୍ ଯୋଜନାର ବିକଳ୍ପକୁ ୩୧ ମାର୍ଚ୍ଚ, ୨୦୨୩ ପର୍ଯ୍ୟନ୍ତ ବାଛିପାରିବେ

ଯୋଗ୍ୟ ଟିକସଦାତା, ଯେଉଁମାନେ କମ୍ପୋଜିଶନ୍ ଯୋଜନାର ଲାଭ ଉଠାଇବା ପାଇଁ ଇଚ୍ଛୁକ ଅଟନ୍ତି, ସେମାନେ ଜିଏସ୍‌ଟି ପୋର୍ଟାଲ (www.gst.gov.in)ରେ ନିମ୍ନ ପ୍ରକ୍ରିୟା ମାଧ୍ୟମରେ କମ୍ପୋଜିଶନ୍ ଯୋଜନାର ବିକଳ୍ପ ଚୟନ କରିପାରିବେ:

- ଟିକସଦାତା ଇଣ୍ଟରଫେସ୍‌ରେ ଲଗ୍ ଇନ୍ କରନ୍ତୁ
- 'ସର୍ଭିସେସ୍ > ରେଜିଷ୍ଟ୍ରେଶନ୍ > କମ୍ପୋଜିଶନ୍ ଲେଭି ବାଛିବା ପାଇଁ ଆବେଦନ'କୁ ଯାଆନ୍ତୁ
- ଫର୍ମ ଜିଏସ୍‌ଟି ସିଏମ୍ ପି–୦୨ ପୂରଣ କରି ଦାଖଲ କରନ୍ତୁ

ପୂର୍ବରୁ କମ୍ପୋଜିଶନ୍ ଯୋଜନାର ଲାଭ ଉଠାଉଥିବା ଯୋଗ୍ୟ ଟିକସଦାତାଙ୍କୁ ଫର୍ମ ଜିଏସ୍‌ଟି ସିଏମ୍‌ପି–୦୨ ଦାଖଲ କରିବା ଆବଶ୍ୟକ ନୁହେଁ

ଲାଭ
- ସହଜ ଏବଂ ସୁବିଧାଜନକ
- ସ୍ୱତଃ ନବୀକରଣ ଓ ଯୋଜନାରୁ ବାହାରିବା ମଧ୍ୟ ସହଜ
- ଆକର୍ଷକ ଟିକସ ଦର
- କମ୍ ବହି ଖାତାର ଆବଶ୍ୟକତା
- ଅନୁପାଳନର ନ୍ୟୂନତମ ଆବଶ୍ୟକତା
- ସାମଗ୍ରୀ ଓ ସେବାର ଯୋଗାଣକାରୀଙ୍କ ପାଇଁ ଉପଲବ୍ଧ

ଯୋଗାଣକାରୀଙ୍କ ପ୍ରକାର		# ଆର୍ଥିକବର୍ଷ ୨୦୨୨–୨୩ରେ ସର୍ବମୋଟ ବାର୍ଷିକ କାରବାର
ସାମଗ୍ରୀ ଯୋଗାଣକାରୀ	୦୮ ବିନିର୍ଦ୍ଦିଷ୍ଟ ରାଜ୍ୟରେ ପଞ୍ଜୀକୃତ ଟିକସଦାତା	₹୭୫ ଲକ୍ଷ ପର୍ଯ୍ୟନ୍ତ
	ଅନ୍ୟ ରାଜ୍ୟଗୁଡ଼ିକରେ ପଞ୍ଜୀକୃତ ଟିକସଦାତା	₹୧୫୦ ଲକ୍ଷ ପର୍ଯ୍ୟନ୍ତ
ସେବା ଯୋଗାଣକାରୀ		₹୫୦ ଲକ୍ଷ ପର୍ଯ୍ୟନ୍ତ

ଅଧିକ ସୂଚନା ପାଇଁ ଦୟାକରି ସ୍କାନ୍ କରନ୍ତୁ

ଅଧିକ ସୂଚନା ପାଇଁ ଦୟାକରି ସିଜିଏସ୍‌ଟି ଅଧିନିୟମର ଧାରା ୧୦, ସିଜିଏସ୍‌ଟି ନିୟମ ୩ରୁ ୭ ଏବଂ ଅଧିସୂଚନା ସଂ. ୧୪/୨୦୧୯–କେନ୍ଦ୍ରୀୟ ଟିକସ ତାରିଖ ୦୭।୦୩।୨୦୧୯ ଦେଖନ୍ତୁ

ଜିଏସ୍‌ଟି କମ୍ପୋଜିଶନ୍ ଯୋଜନା: ଛୋଟ ଟିକସଦାତାଙ୍କ ପାଇଁ ବଡ଼ ଲାଭ

cbc 15502/13/0021/2223

Central Board of Indirect Taxes and Customs
@cbic_india @cbicindia @cbicindia @CBIC INDIA @cbic www.cbic.gov.in

ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ– ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। –ଶ୍ରୀମା

ମସ୍କୋରେ ଶି

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ୨୦ ମାର୍ଚ୍ଚ ୨୦୨୩ରେ ତିନିଦିନିଆ ରୁଷିଆ ଗସ୍ତରେ ଯାଇ ଏହାର ରାଜଧାନୀ ମସ୍କୋରେ ପହଞ୍ଚିବା ଭୂରାଜନୈତିକ ବାତାବରଣକୁ ଚଳଚଞ୍ଚଳ କରିଦେଇଛି। ଜିନ୍‌ପିଙ୍ଗ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଭେଟଘାଟ ମସ୍କୋକୁ ଅଧିକ ଶକ୍ତି ଦେବ ବୋଲି ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକମାନେ ମତ ଦେଲେଣି। ୨୪ ଫେବୃୟାରୀ ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର କିଛି ସପ୍ତାହ ପୂର୍ବରୁ ପୁଟିନ୍ ବେଜିଂ ଗେମ୍ସରେ ଯୋଗଦେବା ପୃଷ୍ଠଭୂମିରେ ଚାଇନା ଗସ୍ତ କରି ଜିନ୍‌ପିଙ୍ଗଙ୍କୁ ଭେଟିଥିଲେ। ଉଭୟ ବିଶ୍ୱନେତା ସେତେବେଳେ 'ଭାଗୀଦାରିତାର କୌଣସି ସୀମା ନାହିଁ' ବା ପାର୍ଟନରଶିପ୍ ଓ୍ୱିଥ୍ ନୋ ଲିମିଟ୍' ଘୋଷଣା କରିଥିଲେ। ରୁଷିଆ–ୟୁକ୍ରେନ୍ ଯୁଦ୍ଧକୁ ବର୍ଷେ ଅତିକ୍ରାନ୍ତ ହେବା ପରେ ଜିନ୍‌ପିଙ୍ଗଙ୍କ ମସ୍କୋ ଗସ୍ତ ସୂଚାଇ ଦେଉଛି ଯେ ଉଭୟ ରାଷ୍ଟ୍ର ବିଶ୍ୱକୁ ଚକିତ କରିବା ଭଳି ପଦକ୍ଷେପ ନେବାରେ ସକ୍ଷମ। ପୁଟିନ୍‌ଙ୍କ ବିରୋଧରେ ୧୭ ମାର୍ଚ୍ଚରେ ନେଦରଲାଣ୍ଡସର ହେଗ୍‌ସ୍ଥିତ ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି) ଗିରଫ ପରୱାନା ଜାରି କରିଥିଲା। ୟୁକ୍ରେନ୍ ଉପରେ ଆକ୍ରମଣ କରି ସେଠାକାର ଶିଶୁମାନଙ୍କୁ ଅପହରଣରେ ସମ୍ପୃକ୍ତି ଅଭିଯୋଗରେ ପୁଟିନ୍‌ଙ୍କୁ 'ଯୁଦ୍ଧ ଅପରାଧୀ' ଭାବେ ଦର୍ଶାଯାଇ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସୁଦାନର ଓମାର ଅଲ୍–ବଶିର ଏବଂ ଲିବ୍ୟାର ମୁଆଁମାର ଗଦାଫିଙ୍କ ପରେ ପୁଟିନ୍ ହେଉଛନ୍ତି ତୃତୀୟ କାର୍ଯ୍ୟରତ ରାଷ୍ଟ୍ରପତି, ଯାହାଙ୍କ ବିରୋଧରେ ଆଇସିସି ପକ୍ଷରୁ ଆରେଷ୍ଟ ୱାରେଣ୍ଟ ଜାରି କରାଯାଇଛି। ଯଦିଓ ଏଭଳି ଅଭିଯୋଗକୁ ରୁଷିଆ ଅଯଥାର୍ଥ ବୋଲି କହିଛି, ତଥାପି ଏକ ଅନ୍ତର୍ଜାତୀୟ ଆପରାଧିକ କୋର୍ଟର ରାୟକୁ ଅଣଦେଖା କରାଯାଇ ନ ପାରେ। ତେବେ ପୁଟିନ୍‌ଙ୍କୁ ଯୁଦ୍ଧ ଅପରାଧୀ ଆଖ୍ୟା ଦିଆଯିବାର ୩ ଦିନ ପରେ ପ୍ରଥମ ବିଶ୍ୱ ନେତା ଭାବେ ଜିନ୍‌ପିଙ୍ଗ ରୁଷିଆ ରାଷ୍ଟ୍ରପତିଙ୍କୁ ସମର୍ଥନ କରିବା ଲାଗି ଆଗେଇ ଆସିବା ଅନ୍ତର୍ଜାତୀୟ ସମୁଦାୟ ସମ୍ମୁଖରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିବାର ଅବକାଶ ସୃଷ୍ଟି କରିଛି।

ଜିନ୍‌ପିଙ୍ଗ୍ ଯଦି ମଧ୍ୟସ୍ଥ ଭୂମିକାରେ ରହି ଶାନ୍ତି ଆଲୋଚନା କରିବାରେ ସକ୍ଷମ ହୁଅନ୍ତି ତେବେ ଏହା ତାଙ୍କ ଅନ୍ତର୍ଜାତୀୟ ଭାବମୂର୍ତ୍ତିକୁ ବୃଦ୍ଧି କରିବ। ତେଣୁ ଆମେରିକା ବିଶ୍ୱସ୍ତରରେ ମଧ୍ୟସ୍ଥ ଭୂମିକାରେ ଅବତୀର୍ଣ୍ଣ ହୋଇ ଅତୀତରେ ଯେତେ ନାମ ଅର୍ଜନ କରିଥିଲା, ସେଥିରେ ଚାଇନାର ଅନୁପ୍ରବେଶ ଏକ ନୂଆ ସମୀକରଣ ସୃଷ୍ଟି କରିବ।

ଚାଇନା–ତାଇୱାନ ସମ୍ପର୍କରେ ତିକ୍ତତା ଶୀର୍ଷରେ ପହଞ୍ଚିଛି। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସିଧାସଳଖ ତାଇୱାନ୍‌କୁ ସମର୍ଥନ କରିଛନ୍ତି। ଫଳରେ ତାଇୱାନକୁ ନିଜର ଏକ ଅଂଶ ବୋଲି ଅଭିହିତ କରୁଥିବା ଚାଇନା କହୁଛି ଯେ, ବାଇଡେନ୍‌ଙ୍କ ଏଭଳି ପଦକ୍ଷେପ ବେଜିଂର ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ। ତେଣୁ ଆମେରିକା, ନାଟୋ ସମେତ ଚାଇନା ବିରୋଧୀ ରାଷ୍ଟ୍ରକୁ ଏକ ଶକ୍ତିଶାଳୀ ବାର୍ତ୍ତା ଦେବା ଲକ୍ଷ୍ୟରେ ଜିନ୍‌ପିଙ୍ଗ ରୁଷିଆ ଗସ୍ତ କରିଥିବା ଆଲୋଚନା ହେଉଛି। ନିକଟ ଅତୀତକୁ ଦେଖିଲେ ରୁଷିଆ–ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବିରତି ଆଣି ଶାନ୍ତି ସ୍ଥାପନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଥିବା ପ୍ରୟାସ କଥା ଅନ୍ତର୍ଜାତୀୟ ସ୍ତରରେ କୌଣସି ପ୍ରଭାବ ପକାଇ ନ ଥିଲା। ଅପରପଟେ ଜିନ୍‌ପିଙ୍ଗ୍ ଏବେ ଯୁଦ୍ଧରେ ଲିପ୍ତ ଦୁଇ ରାଷ୍ଟ୍ର ମଧ୍ୟରେ ଶାନ୍ତି ସ୍ଥାପନ ପାଇଁ ପ୍ରୟାସ ଆରମ୍ଭ କରୁଛନ୍ତି। କାରଣ କିଛି ସପ୍ତାହ ପୂର୍ବରୁ ଚାଇନା ତଥାକଥିତ 'ଶାନ୍ତି ପ୍ରସ୍ତାବ' ବିଷୟରେ ଘୋଷଣା କରିଥିଲା। ପୁଟିନ୍‌ଙ୍କୁ ଭେଟି ସାରିବା ପରେ ଜିନ୍‌ପିଙ୍ଗ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ପ୍ରଥମ ଥର ପାଇଁ ଭିଡିଓ କଲ୍ କରି କଥାବାର୍ତ୍ତା କରିବେ ବୋଲି ଖବର ପ୍ରକାଶ ପାଇଥିଲା। ଏବେ ଜିନ୍‌ପିଙ୍ଗ ମସ୍କୋ ଗସ୍ତ କରିଥିବାରୁ ପରବର୍ତ୍ତୀ ସମୟରେ ସେ ଜେଲେନ୍‌ସ୍କିଙ୍କ ସହ କଥା ହେଉଛନ୍ତି କି ନାହିଁ ତାହା ଜଣାପଡ଼ିବ।

ଆଜିର ବିଶ୍ୱ ପ୍ରେକ୍ଷାପଟକୁ ଦେଖିଲେ ଯୁଦ୍ଧରେ ଲିପ୍ତ ରହି କୌଣସି ରାଷ୍ଟ୍ର ଅନ୍ୟ ଭୂଖଣ୍ଡକୁ ବହୁମାତ୍ରାରେ ଅକ୍ତିଆର କରିବା ସହଜ ହେଉନାହିଁ। ପାରମ୍ପରିକ ଯୁଦ୍ଧାସ୍ତ୍ର ଅପେକ୍ଷା ପ୍ରଯୁକ୍ତି ସଂଲଗ୍ନ ଯୁଦ୍ଧ ଦ୍ୱାରା ଶତ୍ରୁପକ୍ଷର ଅର୍ଥନୀତିକୁ ଦୁର୍ବଳ କରିଦେବା ସମ୍ଭବ ହେଉଛି। ରୁଷିଆ–ୟୁକ୍ରେନ୍ ଯୁଦ୍ଧକୁ ଦେଖିଲେ ଶକ୍ତିଶାଳୀ ପୁଟିନ୍‌ଙ୍କ ବାହିନୀ ଅପେକ୍ଷାକୃତ କମ୍ ବଳ ଥିବା ଜେଲେନ୍‌ସ୍କି ବାହିନୀକୁ ପ୍ରତିହତ କରିପାରୁ ନାହିଁ। କେତେକ କ୍ଷେତ୍ରରେ ୟୁକ୍ରେନ୍ ସେନା ରୁଷିଆ ସେନାକୁ ତଡ଼ିଦେବା ସହ ଅନେକଙ୍କ ଜୀବନ ନେଇଯାଇଛି। ଏହା ଜେଲେନ୍‌ସ୍କି ଓ ତାଙ୍କ ଦେଶବାସୀଙ୍କ ଅଦମ୍ୟ ସାହସ ଯୋଗୁ ସମ୍ଭବ ହୋଇପାରିଛି। ଏହିଠାରେ ତାଇୱାନ୍‌ର ଦୃଷ୍ଟାନ୍ତ ଦିଆଯାଇପାରେ। ଅର୍ଥନୀତି ଓ ସାମରିକ ଦୃଷ୍ଟିକୋଣରୁ ବିଶ୍ୱର ଅନ୍ୟତମ ବୃହତ୍ ରାଷ୍ଟ୍ର ଚାଇନା କଳ, ବଳ ଓ କୌଶଳ ପ୍ରୟୋଗ କରି ମଧ୍ୟ ତାଇୱାନକୁ ଡରାଇପାରୁ ନାହିଁ। ଏଭଳି ମାନସିକ ପରାଜୟ ପରେ ଜିନ୍‌ପିଙ୍ଗ୍ ଯଦି ମଧ୍ୟସ୍ଥ ଭୂମିକାରେ ରହି ଶାନ୍ତି ଆଲୋଚନା କରିବାରେ ସକ୍ଷମ ହୁଅନ୍ତି ତେବେ ଏହା ତାଙ୍କ ଅନ୍ତର୍ଜାତୀୟ ଭାବମୂର୍ତ୍ତିକୁ ବୃଦ୍ଧି କରିବ। ତେଣୁ ଆମେରିକା ବିଶ୍ୱସ୍ତରରେ ମଧ୍ୟସ୍ଥ ଭୂମିକାରେ ଅବତୀର୍ଣ୍ଣ ହୋଇ ଅତୀତରେ ଯେତେ ନାମ ଅର୍ଜନ କରିଥିଲା, ସେଥିରେ ଚାଇନାର ଅନୁପ୍ରବେଶ ଏକ ନୂଆ ସମୀକରଣ ସୃଷ୍ଟି କରିବ।

su | do | ku
Puzzles by Srikant Ghosh

ସୁ–ଡୋ–କୁ

					8	5		
8		3						
			1	2	6		4	
				9		4	7	1
					1			
7		5						
6			8					
	3							7
2				5	9	3		

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

9	5	6	4	3	2	7	8	1
4	8	3	9	1	7	5	6	2
7	1	2	6	8	5	9	4	3
6	7	8	5	4	1	3	2	9
2	9	1	7	6	3	4	5	8
3	4	5	2	9	8	6	1	7
8	6	9	1	7	4	2	3	5
1	2	4	3	5	9	8	7	6
5	3	7	8	2	6	1	9	4

ଗତକାଲିର ଉତ୍ତର

ସୁସ୍ଥ ଜଙ୍ଗଲ ସୁସ୍ଥ ମଣିଷ

ଡ. ଜୟକୃଷ୍ଣ ପାଣିଗ୍ରାହୀ

ଜଙ୍ଗଲ ହେଉଛି ଅସୀମ ଦୟା ଏବଂ ବଦାନ୍ୟତାର ଏକ ନିଆରା ଜୀବସତ୍ତା, ଯାହା ନିଜର ରକ୍ଷଣାବେକ୍ଷଣ ନିମନ୍ତେ ଅନ୍ୟମାନଙ୍କଠାରେ କୌଣସି ଦାବି ଉପସ୍ଥାପନ କରେ ନାହିଁ ଏବଂ ଉଦାରତାର ସହ ନିଜ ଜୀବନଚର୍ଯ୍ୟାରୁ ସୃଷ୍ଟ ବିବିଧ ଉତ୍ପାଦକୁ ଅନ୍ୟମାନଙ୍କ ବିନିଯୋଗ ପାଇଁ ବିସ୍ତାରିତ କରିଦିଏ। ଏହା ବହୁବିଧ ଜୀବଙ୍କୁ ସୁରକ୍ଷା ଯୋଗାଏ, ଏପରିକି ତାକୁ କୁଠାରାଘାତ ଦ୍ୱାରା ଧ୍ୱଂସ କରୁଥିବା ମଣିଷକୁ ମଧ୍ୟ ସୁଶୀତଳ ଛାୟା ପ୍ରଦାନ କରେ। ଗୌତମ ବୁଦ୍ଧଙ୍କର ଏହି ନୀତିବାଣୀ ବନ୍ୟ ପରିସଂସ୍ଥାର ମହାନତା ଏବଂ ମହତ୍ତ୍ୱକୁ ସୁନ୍ଦର ଭାବରେ ପ୍ରତିପାଦିତ କରେ। ପ୍ରକୃତିର ବୈଚିତ୍ର୍ୟମୟ ସୃଷ୍ଟିର ପଟାନ୍ତର ନାହିଁ। ପ୍ରାକୃତିକ ପରିସଂସ୍ଥାଗୁଡ଼ିକରେ ନିୟୁତ ସଂଖ୍ୟାରେ ବିଚିତ୍ରତାରେ ପରିପୂର୍ଣ୍ଣ ବିବିଧ ଜୀବଜାତି ଜୀବନ ନିର୍ବାହ କରନ୍ତି। ସ୍ଥଳଭାଗସ୍ଥ ପରିସଂସ୍ଥାଗୁଡ଼ିକ ମଧ୍ୟରେ ଜଙ୍ଗଲ ସମ୍ପଦ ମାନବ ଜାତି ତଥା ସମଗ୍ର ଜୀବଜଗତ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଆମ ଗ୍ରହର ବାଘ, ସିଂହ, ହାତୀ ଏବଂ ଗରିଲା ପରି କେତେକ ପ୍ରତୀକାତ୍ମକ ବୈଶିଷ୍ଟ୍ୟପୂର୍ଣ୍ଣ ଜୀବଙ୍କ ସହିତ ଜଙ୍ଗଲ ବହୁବିଧ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କୁ ଆଶ୍ରୟ ଦେଇଥାଏ। ଜଙ୍ଗଲ ହେଉଛି ଜୀବସତ୍ତା ବିବିଧତାର ଶ୍ରେଷ୍ଠ ପ୍ରତୀକ, ଯେଉଁଠି ସ୍ଥଳଭାଗର ପ୍ରାୟତଃ ୮୦% ଜୀବ ବସବାସ କରି ଜୈବ ବିବିଧତାର ସମ୍ଭାରକୁ ରଦ୍ଧିମନ୍ତ କରନ୍ତି। ଆମେ ହୃଦୟଙ୍ଗମ କରିବା ଅପରିହାର୍ଯ୍ୟ ଯେ ଜଙ୍ଗଲ କେବଳ ବିଭିନ୍ନତାରେ ପରିପୂର୍ଣ୍ଣ ବୃକ୍ଷଲତା ଏବଂ ପ୍ରାଣୀମାନଙ୍କର ଏକ ସମାହାର ନୁହେଁ, ଏହାଠାରୁ ଯଥେଷ୍ଟ ଅଧିକ। ଉଭୟ ସଜୀବ ଏବଂ ନିର୍ଜୀବ ସମାହାରରେ ସୃଷ୍ଟ ଏହି ସ୍ଥଳୀୟ ପରିସଂସ୍ଥା ଏକ ଚଳଚଞ୍ଚଳ ଜୀବ ବାସସ୍ଥଳୀର ଭୂମିକା ନିର୍ବାହ କରିବା ସହ ବିବିଧ ପ୍ରକାର ଦ୍ରବ୍ୟ ଏବଂ ସେବା ପ୍ରଦାନର ଏକ ବିଶାଳ ପ୍ରାକୃତିକ ଉତ୍ସ ରୂପେ କାର୍ଯ୍ୟ ସମ୍ପାଦନ କରେ।

ମିଳିତ ଜାତିସଂଘର ସାଧାରଣ ଅଧିବେଶନ ୨୦୧୨ରେ ଅନ୍ତର୍ଜାତୀୟ ବନ ଦିବସ ରୂପେ ମାର୍ଚ୍ଚ ୨୧ ତାରିଖକୁ ଘୋଷଣା କରିଛି। ଏହା ପ୍ରଚ୍ଛଦରେ ଥିବା ଉଦ୍ଦେଶ୍ୟ ହେଉଛି, ପ୍ରତିବର୍ଷ ଏହା ପାଳନ ହେବା ଅବସରରେ ବିଶ୍ୱର ବିବିଧ ଜଙ୍ଗଲ ପରିସଂସ୍ଥାର ମହତ୍ତ୍ୱ ସମ୍ପର୍କରେ ଜନସାଧାରଣରେ ଅଧିକ ସଚେତନତା ଜାଗ୍ରତ କରିବା। ଜଙ୍ଗଲ, ପୁଷ୍ଟିକର ଖାଦ୍ୟ ଏବଂ ଖାଦ୍ୟ ସୁରକ୍ଷା ମଧ୍ୟରେ ଥିବା ସମ୍ପର୍କ ସହିତ ସ୍ୱାସ୍ଥ୍ୟକୁ ସଂଯୋଗ କରିବାର ଆବଶ୍ୟକତାକୁ ଅନୁଭବକରି ୨୦୨୩ର ବିଶ୍ୱ ଜଙ୍ଗଲ ଦିବସର ମନୋନୀତ ବିଷୟବସ୍ତୁ ରହିଛି 'ଜଙ୍ଗଲ ଓ ସ୍ୱାସ୍ଥ୍ୟ'। ଖାଦ୍ୟ ସୁରକ୍ଷା ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଣ ନିମନ୍ତେ ଜଙ୍ଗଲର ଗୁରୁତ୍ୱ ସାମ୍ପ୍ରତିକ ସମୟରେ ଅଧିକ ଉପଲବ୍ଧି ହେଉଛି। ଜନସମାଜର ସୁସ୍ଥ ଜୀବନଯାପନ ନିମନ୍ତେ ଏକ ସୁସ୍ଥ, ଗୁଣାତ୍ମକ ମାନ ବହନକାରୀ ପରିବେଶ ଏବଂ ଜଙ୍ଗଲର ଉପସ୍ଥିତି ଏକାନ୍ତ ଅପରିହାର୍ଯ୍ୟ। ଜଙ୍ଗଲ ଜଳଚକ୍ର ନିୟନ୍ତ୍ରଣ ସହ ଜଳକୁ ସ୍ୱଚ୍ଛତା ପ୍ରଦାନକରେ, ଅମ୍ଳଜାନ ସୃଷ୍ଟି ଓ ପ୍ରଦୂଷିତ ବାୟୁକୁ ବିଶୁଦ୍ଧ କରେ, ମୃତ୍ତିକା ସଂରକ୍ଷଣ ଓ ପୋଷକ ପୁନଃଚକ୍ରଣ କରେ, ଉତ୍ତାପ ନିୟନ୍ତ୍ରଣ ସହ ଅଙ୍ଗାରକ ଗଚ୍ଛିତୀକରଣ ଦ୍ୱାରା ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େ, ଖାଦ୍ୟ ପଦାର୍ଥ ଏବଂ ଜୀବନ ରକ୍ଷାକାରୀ ଔଷଧ ଯୋଗାଏ ଏବଂ ଆମର ସୁସ୍ଥତା ରକ୍ଷାରେ ଉନ୍ନତି ସାଧନ କରେ।

ଅନ୍ତର୍ଜାତୀୟ ବନ ଦିବସ ଉପଲକ୍ଷେ



ବିଶ୍ୱର ପ୍ରାୟ ୧୬୦ କୋଟି ଅଧିବାସୀଙ୍କର ଜୀବନ, ଜୀବିକା, ସଂସ୍କୃତି ଏବଂ ପରମ୍ପରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଙ୍ଗଲ ପରିସଂସ୍ଥା ସହ ଓତପ୍ରୋତ ଭାବରେ ଜଡ଼ିତ। ତେବେ ଜଙ୍ଗଲର ଅମୂଲ୍ୟ ପରିସଂସ୍ଥୀୟ, ଅର୍ଥନୈତିକ, ସାମାଜିକ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁରୁତ୍ୱ ଥିବା ସତ୍ତ୍ୱେ ଏହା ବିଭିନ୍ନ ଭାବରେ ମାନବୀୟ ନକାରାତ୍ମକ କାର୍ଯ୍ୟକଳାପ ଦ୍ୱାରା କ୍ରମଶଃ ଅବକ୍ଷୟିତ ହୋଇଚାଲିଛି। ଏହି ମୂଲ୍ୟବାନ୍ ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ରଖି ପରବର୍ତ୍ତୀ ପିଢ଼ିକୁ ଏହାର ସେବାରୁ ବଞ୍ଚିତ ନ କରିବା ସାମ୍ପ୍ରତିକ ସମାଜର ଏକ ନୈତିକ ଦାୟିତ୍ୱ। ଜଙ୍ଗଲ ଦିବସ ପାଳନ ଅବସରରେ ଆମେ ପ୍ରତିବଦ୍ଧତା ପ୍ରକାଶ କରିବା ଆବଶ୍ୟକ ଯେ କେବଳ ଜଙ୍ଗଲଠାରୁ ଗ୍ରହଣ କରିବା ନୁହେଁ, ଏହାର ସୁରକ୍ଷା ଏବଂ ସଂରକ୍ଷଣ ନିମନ୍ତେ ବିଜ୍ଞତାର ପ୍ରଦର୍ଶନ ପୂର୍ବକ କାର୍ଯ୍ୟକ୍ରମ ଗ୍ରହଣ କରିବା ଶ୍ରେଷ୍ଠ ଅବଦାନ ହେବ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶାର ୩୧୪ଟି ବ୍ଲକରେ ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଅସ୍ଥାୟୀ ଭାବେ କଳାହାଣ୍ଡି ଜିଲା ନର୍ଲାରେ କୋର୍ଟ ଖୋଲିବା ପାଇଁ ୩ଥର ଜିଲା ଦୌରା ଜଜ୍ ନର୍ଲାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଆସି ପାରିପାର୍ଶିକ ସ୍ଥିତି ପରିଧ୍ୟାନ କରି ଫେରିଯାଇଥିଲେ ମଧ୍ୟ ଅଦ୍ୟାବଧି କୋର୍ଟ ଖୋଲି ନାହିଁ। କୋର୍ଟ ଖୋଲିବା ବିଳମ୍ବ ନେଇ ନର୍ଲା ବିଧାୟକ ଭୂପିନ୍ଦର ସିଂ ଗତ ଶନିବାର ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ପ୍ରଶ୍ନ କାଳରେ ଚିଠି ନଂ.୨୩୫୯ ଅନୁଯାୟୀ ନର୍ଲାଠାରେ କୋର୍ଟ ଖୋଲିବା ପାଇଁ କି ପଦକ୍ଷେପ ଗ୍ରହଣ କରଯାଇଛି ବୋଲି ଆଇନମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ପ୍ରଶ୍ନ କରିଥଲେ। ପ୍ରଶ୍ନୋତ୍ତରରେ ମନ୍ତ୍ରୀ କହିଲେ ଯେ, ନର୍ଲାଠାରେ ଅସ୍ଥାୟୀ କୋର୍ଟ ଖୋଲିବା ପାଇଁ ଜିଲା ଜଜ୍ ଏବଂ ଜିଲାପାଳ ମଧ୍ୟରେ ଆଲୋଚନା ମାଧ୍ୟମରେ ହୋଇପାରିବ ବୋଲି ମତ ରଖିଥିଲେ। ଏଠାରେ ପ୍ରଶ୍ନ ହେଉଛି କଳାହାଣ୍ଡି ଜିଲାର ପ୍ରାୟ ବ୍ଲକରେ କୋର୍ଟ ସ୍ଥାପିତ ହୋଇଥିବା ବେଳେ ନର୍ଲା ଏକ ନିର୍ବାଚନ ମଣ୍ଡଳୀ ହୋଇ ମଧ୍ୟ ଏଯାଏ କୋର୍ଟ ଖୋଲି ନାହିଁ।

ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ବିନିକା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶିବିରରେ ଜିଲାପାଳ,ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟମାନେ।

ବିନିକା,୨୦।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ବିନିକା ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେ ଓ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ୩୭ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୪ ଗୋଟି, ସାମୁହିକ ଦରଖାସ୍ତ ୩ ଗୋଟି ରହିଥିବା ସୂଚନା ପ୍ରଦାନ କରାଯାଇଛି। ଶିବିରରେ ୩ ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବା ବେଳେ ଗ୍ରହଣ କରାଯାଇଥିବା ଅନ୍ୟ ସମସ୍ତ ଅଭିଯୋଗ ଦରଖାସ୍ତକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପଠାଯାଇଛି। ବିନିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ୟାସଦେବ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଉନ୍ନୟନ ତଥା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କଁହର, ସୋନପୁର ଉପ–ଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବ୍ଲକ ଅଧ୍ୟକ୍ଷା ଦିପ୍ତୀରେଖା ନନ୍ଦ, ତହସିଲଦାର ମୁକ୍ତେଶର ପାଣିଗ୍ରାହୀ, ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ। ଶୁଣାଣି କାର୍ଯ୍ୟ ସାରି ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ସମସ୍ତ ଅଧିକାରୀ ବିନିକା ପୁରୁଣା ବସଷ୍ଟାଣ୍ଡଠାରେ ଥିବା ମା' ଦୁର୍ଗାଙ୍କ ମନ୍ଦିରକୁ ଆସି ଦୀପ ଜାଳି ପୂଜା ଓ ଆରତୀ କରି ଆର୍ଶୀବାଦ ଭିକ୍ଷା କରିଥିଲେ।

ପଞ୍ଚାୟତ କାର୍ଯ୍ୟାଳୟ ସାଜିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ

ଖଡିଆଳ,୨୦।୩(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ପଞ୍ଚାୟତ କାର୍ଯ୍ୟାଳୟ ଏବେ ମଦ୍ୟପଙ୍କ ଅଡ୍ଡାସ୍ଥଳୀ ପାଲଟିଛି। ପଞ୍ଚାୟତ ମୁଖ୍ୟ ଗେଟ ଦୀର୍ଘ ଦିନ ହେଲା ଭାଙ୍ଗିବା ସୁଯୋଗ ନେଇ ମଦ୍ୟପମାନେ ପଞ୍ଚାୟତ କାର୍ଯ୍ୟାଳୟ ଭିତରକୁ ଯାଇ ଅବାଧରେ ମଦ ପିଇବା ସହିତ ଭିତରକୁ ଆବର୍ଜନା ମୟ କରିଛନ୍ତି। ଫଳରେ ସେଠାରେ ମଦ ଜରି ସବୁଆଡେ ବିଛେଇ ହୋଇ ପଡିଛି। ଅନ୍ୟପକ୍ଷରେ ପଞ୍ଚାୟତ କାର୍ଯ୍ୟାଳୟ ପରିସର ଦୀର୍ଘ ଦିନ ଧରି ସଫା ହୋଇ ନ ଥିବାରୁ ଅନେକ ସ୍ଥାନରେ ମାଟି ଗଦା ହୋଇ ରହିଥିବା ବେଳେ ଅନେକ ସ୍ଥାନରେ ଆବର୍ଜନା ପଡି ପରିବେଶକୁ କଦର୍ଯ୍ୟ କରିଦେଇଛି। ଗ୍ରାମବାସୀ ଓ ୱାର୍ଡସଭ୍ୟମାନଙ୍କ ଅଭିଯୋଗ ଅନୁଯାୟୀ ପଞ୍ଚାୟତ କର୍ତ୍ତୃପକ୍ଷ କେବଳ ଠିକା କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ପଞ୍ଚାୟତ ପ୍ରତି ଧ୍ୟାନ ଦେଉ ନ ଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବୁଲି ବୁଲି ମଦ ବିକ୍ରି ହେଉଥିବାରୁ ମଦ ମିଳିବା ସହଜ ହେଉଛି। ଜିଲା ପ୍ରଶାସନ ନେହେନା ପଞ୍ଚାୟତ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

କ୍ଷତିଗ୍ରସ୍ତଙ୍କୁ ମିଳୁନି କ୍ଷତିପୂରଣ, ତ୍ରିପାକ୍ଷିକ ଆଲୋଚନା

ଗଙ୍ଗାଧର ଜଳସେଚନ ପ୍ରକଳ୍ପ

ସରଣ୍ଡା,୨୦।୩(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପାହାଡ଼ଶ୍ରୀଗିଡା ଗ୍ରାମପଞ୍ଚାୟତ ଅଞ୍ଚଳରେ ଚାଲିଥିବା ଗଙ୍ଗାଧର ପ୍ରକଳ୍ପ କାମରେ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ସେମାନଙ୍କୁ କ୍ଷତିପୂରଣ ମିଳୁନାହିଁ। ଏ ନେଇ କ୍ଷତିଗ୍ରସ୍ତ ଆଦିବାସୀ ମହିଳାପୁରୁଷ ଚାଷୀ ସୋମବାର ଉପଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଏହି ପ୍ରକଳ୍ପ ପାଇଁ ବଡ଼ ବଡ଼ ପାଇପ ପୋତା ଯାଉଛି। ଧାନଚାଷ ସରିଥିବା ଜମିରେ ପାଇପ ପୋତାଯିବାରୁ ସେମାନଙ୍କୁ କ୍ଷତି ସହିବାକୁ ପଡୁଛି। ପାଇପ ପୋତା ସରିବା ପରେ ଜମିକୁ ଉଚ୍ଚ କରିବା ଦ୍ୱାରା ଏହାକୁ ସମତଳ କରିବା ପାଇଁ ଚାଷୀଙ୍କୁ ବହୁବର୍ଷ ଲାଗିବ। ଏହାର ପ୍ରତିବାଦ କଲେ କାମ କରୁଥିବା ଠିକାଦାର ଦାଦାଗିରି କରୁଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ବିଜେପୁର ଗଙ୍ଗାଧର ଜଳସେଚନ ପ୍ରକଳ୍ପ ପାଇଁ ବରଗଡ଼ ଜିଲା ଅତାବିରା ବ୍ଲକ ହୀରାକୁଦ ଜଳଭଣ୍ଡାରରୁ ବିଭିନ୍ନ ଗ୍ରାମ ଦେଇ ପାଇପ୍ ଯାଉଛି। ତେବେ କ୍ଷତିଗ୍ରସ୍ତ ଚାଷୀ ଓ ଗ୍ରାମବାସୀଙ୍କୁ କ୍ଷତିପୂରଣ ଦେବାରେ ସମ୍ପୃକ୍ତ କମ୍ପାନୀ ଦିନ ପରେ ଦିନ ଗଡାଇ ଚାଲିଛନ୍ତି। ଏହାକୁ ନେଇ ସୋମବାର ଅତାବିରା ତହସିଲ ଅଫିସରେ ବରଗଡ଼ ଉପ ଜିଲାପାଳ ଲଲାଟ ଲୁହାଙ୍କ ତତ୍ତ୍ୱାବଧାନରେ ତ୍ରିପାକ୍ଷିକ ଆଲୋଚନା ହୋଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଖନନ ହୋଇଥିବା ଜମିର ପୂର୍ବ ସ୍ଥିତି ଫେରାଇ ଆଣିବା ସହ ଉଚିତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଉପ ଜିଲାପାଳ ଲଲାଟ ଲୁହା ସମ୍ପୃକ୍ତ ଠିକାସଂସ୍ଥା କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସେ ନିଜେ କ୍ଷେତ୍ର ପରିଦର୍ଶନ କରି କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବାକୁ ଲୁହା କହିଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଅତାବିରା ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଏଲ୍‌ଏଣ୍ଡଟି ଠିକାସଂସ୍ଥାର ପ୍ରଭାକର ବରାଇ, ଜଳପ୍ରକଳ୍ପ ଡିଭିଜନର ଅଜିତ କୁମାର ପାତ୍ର, ନିରାକାର ବିଶି, ମନୋରଞ୍ଜନ ମହାପାତ୍ର, ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ସଭାପତି ବୀରେନ୍ଦ୍ର କର, କ୍ଷତିଗ୍ରସ୍ତ ଚାଷୀ ବୁଦ୍ଧଦେବ ନନ୍ଦ, ପାହାଡ଼ଶ୍ରୀଗିଡା ସରପଞ୍ଚ ପ୍ରତିନିଧି ରମାକାନ୍ତ ପ୍ରଧାନଙ୍କ ସହ ବହୁ ଚାଷୀ ଯୋଗ ଦେଇଥିଲେ।

କେଭିକେ ପରିଦର୍ଶନ କଲେ ବୈଜ୍ଞାନିକ, କାର୍ଯ୍ୟକ୍ରମ ସହଯୋଗୀ

ସୋନପୁର,୨୦।୩(ନି.ପ୍ର.)

ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ(ଓୟୁଏଟି) ଭୁବନେଶ୍ୱର ଅନ୍ତର୍ଗତ ୪ଟି କୃଷି ବିଜ୍ଞାନ କେନ୍ଦ୍ର(କେଭିକେ)ର ମୁଖ୍ୟ, ବରିଷ୍ଠ ବୈଜ୍ଞାନିକ ଓ କାର୍ଯ୍ୟକ୍ରମ ସହଯୋଗୀ ରବିବାର ଓ ସୋମବାର ସୋନପୁର କେଭିକେ ପରିଦର୍ଶନ କରିଥିଲେ। ବଲାଙ୍ଗୀର, ଅନୁଗୋଳ, କଳାହାଣ୍ଡି ଓ ନୂଆପଡା କେଭିକେରୁ ପ୍ରାୟ ୨୨ ଜଣ ସୋନପୁରକୁ ଦୁଇଦିନିଆ ପରିଦର୍ଶନରେ ଆସିଥିଲେ। ପ୍ରଥମ ଦିବସରେ ସୋନପୁର କେଭ

ସଂକ୍ଷେପରେ

୨୨ରେ ପାଳନ ହେବ ରାଷ୍ଟ୍ରୀୟ ନବବର୍ଷ

ରାଉରକେଲା ଅଫିସ,୨୦।୩: ସେକ୍ଟର-୨ ସ୍ଥିତ ଲକ୍ଷ୍ମୀପୂଜା ପେଣ୍ଡାଲ ନିକଟରେ ଆସନ୍ତା ୨୨ ତାରିଖରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯିବ। ପଞ୍ଚ ମହାଯଜ୍ଞ ନାମରେ ନାମିତ ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାର ଦ୍ୱାରା ଘୃତଯଜ୍ଞ, ଭାରତ ମାତା ଫଟୋ ନିକଟରେ ଦୀପଯଜ୍ଞ, ରୋଟାରୀ କ୍ଲବ ଦ୍ୱାରା ରକ୍ତଦାନ ଓ ମାଗଣା ଚକ୍ଷୁ ଶିବିର ସହ ନୂତନ ବର୍ଷ ନିମନ୍ତେ ଆଧ୍ୟାତ୍ମିକ, ଧାର୍ମିକ ପ୍ରବଚନ ଆୟୋଜନ କରାଯିବ। ଯଜ୍ଞର ପୂର୍ଣ୍ଣାହୂତି ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି ନବବର୍ଷ ପ୍ରାରମ୍ଭରୁ ପ୍ରାତଃ ସାଢ଼େ ୮ଟାରେ ଘୃତଯଜ୍ଞ ଆରମ୍ଭ ହେବ ବୋଲି ଆୟୋଜନ ସମିତି ସଭାପତି ଯୋଗେନ୍ଦ୍ର ବେଉରା କହିଛନ୍ତି।

ଯୁବତୀଙ୍କୁ ପ୍ରତାରଣା: ଯୁବକ ଥାନାରେ ଅଟକ

ଲହୁଣୀପଡ଼ା, ୨୦।୩(ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁରଡ଼ା ପଞ୍ଚାୟତ ଫୁଲଝର ଗ୍ରାମର ଜୈନିକା ଯୁବତୀକୁ ସେହି ଗ୍ରାମର ଅଜିତ ମୁଣ୍ଡା(୩୫) ବିଭିନ୍ନ ପ୍ରଲୋଭନ ଦେଖାଇ ଗାଁରୁ ନେଇ ଫେରାର ହୋଇଯାଇଥିଲେ। ବାହାରେ ରଖି ଜୋର ଜବରଦସ୍ତି ତାକୁ ବଳାତ୍କାର କରିବା ପରେ ଗ୍ରାମରେ ଆଣି ଛାଡ଼ିଦେବା ସହିତ ବିବାହ କରିବାକୁ ମନା କରିଦେଲେ ବୋଲି ପିଡିତା ନିଜେ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ଅଜିତ ମୁଣ୍ଡା କୁ ଥାନାରେ ଅଟକ ରଖି ପଚରାଉଚରା ଚଳେଇଥିବା ଜଣାପଡିଛି।

ବାଡ଼ ତାର ଚୋରି: ଦୁଇ ଅଟକ

ଲହୁଣୀପଡ଼ା,୨୦।୩(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ କୁଳିପୋଷ ପଞ୍ଚାୟତ ଭୋଗରା ଗ୍ରାମର ଚନ୍ଦ୍ର ଶେଖର ମାହାନ୍ତ ନିଜ ବାଡ଼ିରେ ତାର ବାଡ଼ ଦେବାପାଇଁ ଦୁଇ ବଣ୍ଡଲ ତାରବାଡ଼ ଆଣି ରଖିଥିବା ବେଳେ ତାକୁ କେହି ଚୋରି କରି ନେଇ ଯାଇଥିବା ଥାନାରେ ଅଭିଯୋଗ କରିଥିଲେ।ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ କରି ମହୁଲଲତା ଗ୍ରାମର ରଷି ନାଏକ (୩୩) ଏବଂ ଆଶିଷ ଗଉଡ଼ (୩୫) ଚୋରିକରି ନେଇଯାଇଥିବା ଜଣାପଡିବାରୁ ଉଭୟଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଚଳେଇଥିବା ଜଣାପଡିଛି।

ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ

ନର୍ଲାରେ କୋର୍ଟ ଖୋଲିବା ବିଳମ୍ବ

ନର୍ଲା,୨୦।୩(ଡି.ଏନ.ଏ.): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶାର ୩୧୪ଟି ବ୍ଲକରେ ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଅସ୍ଥାୟୀ ଭାବେ କଳାହାଣ୍ଡି ଜିଲା ନର୍ଲାରେ କୋର୍ଟ ଖୋଲିବା ପାଇଁ ୩ଥର ଜିଲା ଦୌରା ଜଜ୍ ନର୍ଲାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଆସି ପାରିପାର୍ଶିକ ସ୍ଥିତି ପରିଧାନ କରି ଫେରିଯାଇଥିଲେ ମଧ୍ୟ ଅଦ୍ୟାବଧି କୋର୍ଟ ଖୋଲି ନାହିଁ। କୋର୍ଟ ଖୋଲିବା ବିଳମ୍ବ ନେଇ ନର୍ଲା ବିଧାୟକ ଭୂପିନ୍ଦର ସିଂ ଗତ ଶନିବାର ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ପ୍ରଶ୍ନ କାଳରେ ଚିଠି ନଂ.୨୩୫୯ ଅନୁଯାୟୀ ନର୍ଲାଠାରେ କୋର୍ଟ ଖୋଲିବା ପାଇଁ କି ପଦକ୍ଷେପ ଗ୍ରହଣ କରଯାଇଛି ବୋଲି ଆଇନମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ପ୍ରଶ୍ନ କରିଥଲେ। ପ୍ରଶ୍ନୋତ୍ତରରେ ମନ୍ତ୍ରୀ କହିଲେ ଯେ, ନର୍ଲାଠାରେ ଅସ୍ଥାୟୀ କୋର୍ଟ ଖୋଲିବା ପାଇଁ ଜିଲା ଜଜ୍ ଏବଂ ଜିଲାପାଳ ମଧ୍ୟରେ ଆଲୋଚନା ମାଧ୍ୟମରେ ହୋଇପାରିବ ବୋଲି ମତ ରଖିଥିଲେ। ଏଠାରେ ପ୍ରଶ୍ନ ହେଉଛି କଳାହାଣ୍ଡି ଜିଲାର ପ୍ରାୟ ବ୍ଲକରେ କୋର୍ଟ ସ୍ଥାପିତ ହୋଇଥିବା ବେଳେ ନର୍ଲା ଏକ ନିର୍ବାଚନ ମଣ୍ଡଳୀ ହୋଇ ମଧ୍ୟ ଏଯାଏ କୋର୍ଟ ଖୋଲି ନାହିଁ।

ଚକ୍ଷୁ ପରୀକ୍ଷା ଶିବିର:୨୫୦ ଜଣଙ୍କ ଚକ୍ଷୁ ପରୀକ୍ଷା

ବଲାଙ୍ଗୀର ଅଫିସ, ୨୦।୩: ବଲାଙ୍ଗୀର ସାଗରପଡ଼ା ଏସସିଏ କ୍ଲବ ଏବଂ ବୀରମହାରାଜପୁର ନିକଟ ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ମୁନିସିପାଲିଟି ଅଧକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଆଖି ପରୀକ୍ଷା କରାଯାଇଥିଲା।

ଆଧୁନିକ ଯୁଗରେ ଜନପ୍ରିୟ ବ୍ୟଞ୍ଜନ ପଖାଳ

ରାଉରକେଲା ଅଫିସ,୨୦।୩

ପାଶ୍ଚାତ୍ୟ ଚିନ୍ତାଧାରା ଧୀରେ ଧୀରେ ଆମ ସଂସ୍କୃତିକୁ ନଷ୍ଟ କରିବାକୁ ବସିଲାଣି। ଆଧୁନିକତାର ଆଢୁଆଳରେ ମନୁଷ୍ୟ ନିଜ ସଂସ୍କୃତିରୁ ଦୁରେଇଯିବାରେ ଲାଗିଛି। ତଥାପି ଆମ ଅସ୍ମିତା ଓ ସଂସ୍କୃତିର ବାର୍ତ୍ତା ବହନ କରୁଥିବା ପ୍ରିୟ ଖାଦ୍ୟ ହେଲା ପଖାଳ । ପଖାଳର ମହକ ଏବେ ପଲ୍ଲୀରୁ ସହରକୁ ବ୍ୟାପିଲାଣି। ପଖାଳର ଚାହିଦା ସହରର ହୋଟେଲ, ରେଷ୍ଟୁରାଣ୍ଟମାନଙ୍କରେ ସ୍ୱତନ୍ତ୍ର ବ୍ୟଞ୍ଜନ ଭାବେ ମଧ୍ୟ ପରିଗଣିତ ହେଲାଣି। ପଖାଳ ଆଧୁନିକ ଯୁଗରେ ବି ଜନପ୍ରିୟ ବ୍ୟଞ୍ଜନ। ସୋମବାର ରାଉରକେଲା ପାଛନିବାସ ଠାରେ ଆୟୋଜିତ ପଖାଳ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଉରକେଲା ଅତିରିକ୍ତ ଜିଲାପାଳ ଶୁଭଙ୍କର ମହାପାତ୍ର ଏଭଳି ମତ ଦେଇଛନ୍ତି। ଏଥିରେ ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପଖାଳର ମହକ ଓ ସ୍ୱାଦ ଅମୃତ ତୁଲ୍ୟ ବୋଲି ଦର୍ଶାଇଥିଲେ। ଅନ୍ୟତମ ଅତିଥି ଆର୍‌ଏମ୍‌ସି ଡେପୁଟି କମିଶନର ଡ. ସୌରଭମୟ ପ୍ରଧାନ ସାରା ରାଜ୍ୟର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ରୀତିନୀତି ସହ ପଖାଳ ଯୋଡି ହୋଇଥିବାରୁ ଓଡିଆ ଜାତି ପାଇଁ ପଖାଳ ମହାନ ବୋଲି କହିଥିଲେ। ପାଛନିବାସ ପରିଚାଳକ ବିଜୟ କୁମାର ଜେନା କହିଥିଲେ, ପଖାଳ ଓଡିଆ ଜାତିର ସର୍ବପ୍ରାଚୀନ ବ୍ୟଞ୍ଜନ। ଏହାର ପ୍ରଚାର ପ୍ରସାର ନିମନ୍ତେ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ଭାବେ ସାରା ରାଜ୍ୟରେ ପାଳନ କରାଯାଏ। ଏହି ଦିବସକୁ ଆମେ ପ୍ରତିବର୍ଷ ପାଳନ କରୁ ବୋଲି ସେ କହିଥିଲେ। ପରେ ପାଛ ନିବାସରେ ଅତିଥିବୃନ୍ଦ ଏବଂ ସାମାଜିକ କର୍ମୀମାନେ ଦହି ପଖାଳ ସହିତ ଶାଗ, ବଡବୁରା, ଆଳୁଭଉା, କାକୁଡ଼ି, ପିଆଜ, କଡୁରି ମାଛ, ଲଙ୍କା ଓ ପାମ୍ପଡ ଆଦି ବ୍ୟଞ୍ଜନର ମଜା ନେଇଥିଲେ।

କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ପାଛ ନିବାସରେ ପଖାଳ ଦିବସ ପାଳିତ

ଆର୍‌ଏସ୍‌ଏସ୍ ପକ୍ଷରୁ ପଥ ସଞ୍ଚାଳନ

ସୁନ୍ଦରଗଡ଼ରେ ପଥ ସଞ୍ଚାଳନ କାର୍ଯ୍ୟକ୍ରମ।

ସୁନ୍ଦରଗଡ଼,୨୦।୩(ଡି.ଏନ୍.ଏ.)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ସୁନ୍ଦରଗଡ଼ ଜିଲା ଶାଖା ତରଫରୁ ହିନ୍ଦୁ ନବବର୍ଷ ଉପଲକ୍ଷେ ରବିବାର ଭବ୍ୟ ପଥ ସଞ୍ଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିନ୍ଦୁ ନବବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦ ଦିନରୁ ଆରମ୍ଭ ହୁଏ। ୨୨ ମାର୍ଚ୍ଚରେ ହିନ୍ଦୁ ନବବର୍ଷ ପାଳିତ ହେବ। ସେହି ଦିନକୁ ସମସ୍ତଙ୍କୁ ମନେ ପକେଇବା ପାଇଁ ଏକ ଭବ୍ୟ ପଥ ସଞ୍ଚାଳନ ଘୋଷବାଦ୍ୟ ସହ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଗଣବେଶଧାରୀ ସ୍ୱୟଂସେବକ ଭାଗ ନେଇଥିଲେ। ସୁନ୍ଦରଗଡ଼ ସହରର ଅନେକ ସ୍ଥାନରେ ପୁଷ୍ପଦ୍ୱାରା ସଞ୍ଚାଳନକୁ ମହିଳାମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ସହ ପ୍ରାନ୍ତ ସଂଘଚାଳକ ଡାକ୍ତର ବିଦ୍ୟାଧର ରଣା ,ବିଭାଗ କାର୍ଯ୍ୟବାହ ରତ୍ନାକର ବେହେରା ତଥା ଅନେକ ସଂଘ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ। ୪୦ରୁ ଊର୍ଦ୍ଧ୍ୱ ଶିଶୁ ମଧ୍ୟ ସଂଘର ଗଣବେଶ ପିନ୍ଧି ପାଖାପାଖି ଦେଢ଼ କିଲୋମିଟର ଚାଲିଥିଲେ।

ଶିବିରରେ ୯୫ ଅଭିଯୋଗ ପଞ୍ଜୀକୃତ

ନାକଟିଦେଉଳ,୨୦।୩(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଯୋଗଦେଇ ଅଭିଯୋଗର ଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୪ ପଞ୍ଚାୟତରୁ ସମୁଦାୟ ୯୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୯୦ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ରହିଥିଲା। ତେବେ ଆବାସ ଯୋଜନାରେ ଘର, ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଓ ରାଶନ କାର୍ଡ଼ ସମ୍ପର୍କରେ ସର୍ବାଧିକ ଅଭିଯୋଗ ଦାଖଲ ହୋଇଥିଲା। ଢ଼ଇଁଚା ଗ୍ରା.ପ. ଅନ୍ତର୍ଗତ କେନ୍ଦୁଛକଠାରୁ ରାଇଲ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆ ଯାଉ ନ ଥିବା ନେଇ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ଶିବିରରେ ପିଡ଼ି ଡ଼ିଆର୍‌ଡ଼ିଏ ଦିଲୀପ କୁମାର ବଳ, ରେଢାଖୋଲ ଉପଜିଲାପାଳ ପବିତ୍ର କୁମାର ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ପୂର୍ଣ୍ଣଚନ୍ଦ୍ର ସାହୁ, ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଗ୍ରା.ପ.ର ସରପଞ୍ଚ, ସମିତିସଭ୍ୟ ଓ ଲାଇନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ଦାସ ନାକଟିଦେଉଳରେ ସରସ୍ୱତୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ହୋଇଥିବା ଗେଣ୍ଡୁଫୁଲ ଚାଷ ବଗିଚା, ଶିମିଳିପାଳ ଗ୍ରା.ପ.ର ଦିବ୍ୟଜ୍ୟୋତି ଗ୍ରୁପର ଦୋକନ, ମହାଲକ୍ଷ୍ମୀ ଏବଂ ବିଶ୍ୱପାର୍ବତୀ ଗ୍ରୁପର ଟେଲରିଂ ଦୋକାନ, ଦହନି ଗ୍ରୁପର ଗୋପାଳନ ଚାଷ ପରିଦର୍ଶନ କରିଥିଲେ।

ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

ନୂତନ ଭାରତ ସାକ୍ଷରତା କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୨୦।୩

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ପକ୍ଷରୁ ୧୫ରୁ ଊର୍ଦ୍ଧ୍ୱ ବୟସ୍କ ମହିଳା ଓ ପୁରୁଷମାନଙ୍କୁ ନେଇ ଏକ ସାକ୍ଷରତା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ସାକ୍ଷରତା ପରୀକ୍ଷା କାର୍ଯ୍ୟକ୍ରମରେ ଅଞ୍ଚଳର ୪୫ଜଣ ମହିଳା ଓ ୫ଜଣ ପୁରୁଷ ମୋଟ ୫୦ଜଣ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ, ସେମାନଙ୍କୁ ରାଷ୍ଟ୍ରିୟ ମୁକ୍ତ ବିଦ୍ୟାଳୟ ପକ୍ଷରୁ ପ୍ରମାଣପତ୍ର ଦିଆଯିବ। ଫଳରେ ପରବର୍ତ୍ତୀ ସମୟରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବା ବେସରକାରୀ କାର୍ଯ୍ୟକ୍ରମରେ କାର୍ଯ୍ୟକୁ ଆସିବ। କୋମନା ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଆୟୋଜନ କରିଥିବା ବେଳେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରେମଲାଲ ସତନାମୀ ପରୀକ୍ଷା ପରିଚାଳନା କରିଥିଲେ। ସିଆରସିସି ଛନୁରାମ ନାଏକ ପରୀକ୍ଷା ନିରିକ୍ଷଣ କରିଥିବା ବେଳେ ଶିକ୍ଷକ ଦିଲୀପ କୁମାର ସାହୁ, ରିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇଥିବା ପରୀକ୍ଷାର୍ଥୀମାନେ।

ରାଉରକେଲା ବନଖଣ୍ଡ ପକ୍ଷରୁ ବିଶ୍ୱ ଘରଚଟିଆ ଦିବସ

ଲହୁଣୀପଡ଼ା,୨୦।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ଅର୍ଜୁନଗୁଆଁ ଗ୍ରାମରେ ସୋମବାର ରାଉରକେଲା ବନଖଣ୍ଡ ବାଙ୍କିରେଞ୍ଜ ପକ୍ଷରୁ ବିଶ୍ୱ ଘର ଚଟିଆ ଦିବସ ପାଳିତ ହୋଇଯାଇଛି। ଏବେ ଆଉ ଦେଖିବାକୁ ମିଳୁନାହିଁ ଘର ଚଟିଆ କିମ୍ବା ଶୁଣିବାକୁ ମିଳୁନାହିଁ ତାର ଟିଂଟିଂ ଶବ୍ଦ। ଦିନକୁ ଦିନ ବିଭିନ୍ନ ପ୍ରଜାତିର ପକ୍ଷୀ ପରି ଏବେ ଲୋପ ପାଇବାକୁ ବସିଲାଣି ଘର ଚଟିଆଙ୍କ ବଂଶ। ଏଣୁ ଆମକୁ ବିରଳ ହେବାକୁ ବସିଥିବା ପକ୍ଷୀମାନଙ୍କୁ ସଂରକ୍ଷଣ କରିବାକୁ ହେବ ବୋଲି ଆହ୍ୱାନ ଦେଇଛନ୍ତି ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ଼ ଅରୁଣ କୁମାର ମିଶ୍ର। ରାଉରକେଲା ବନଖଣ୍ଡ ପକ୍ଷରୁ ୱାର୍ଲଡ଼ ସ୍ପେରୋ ଡେ (ବିଶ୍ୱ ଘର ଚଟିଆ ଦିବସ) ପାଳନ ଅବସରରେ ବାଙ୍କୀ ବନାଞ୍ଚଳର ଅର୍ଜୁନଗୁଆ ଗ୍ରାମଠାରେ ସୋମବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ମିଶ୍ର କହିଲେ ଯେ, ଘର ଚଟିଆଙ୍କ ସଂରକ୍ଷଣ ଓ ସୁରକ୍ଷା ପାଇଁ ୨୦୧୦ ମସିହାରୁ ପ୍ରତିବର୍ଷ ମାର୍ଚ୍ଚ ୨୦ରେ ସାରା ବିଶ୍ୱରେ ଏହି ଦିବସ ପାଳନ କରାଯାଇ ଆସୁଛି । ବିରଳ ପକ୍ଷୀମାନଙ୍କ ଶିକାର, ବେଆଇନ କାରବାରକୁ ନିୟନ୍ତ୍ରଣ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠି ଅଧ୍ୟକ୍ଷତା କରିବା ସହିତ ଜଙ୍ଗଲ ଓ ପଶୁପକ୍ଷୀଙ୍କ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଜଙ୍ଗଲ ନିଆଁ ନିବାରଣ ପାଇଁ ମଧ୍ୟ ଆହ୍ୱାନ କରିଥିଲେ। ବାଙ୍କୀ ରେଞ୍ଜର ଅଜୟ କୁମାର ଖେସଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପିଏନଜିଓ ,ଷ୍ଟାଫ ଶ୍ୟାମ ସୁନ୍ଦର ରାଉତ, ଭିଏସଏସ ସଭାପତି, ବିଭାଗୀୟ ଫରେଷ୍ଟର, ଫରେଷ୍ଟ ଗାର୍ଡ,ଗ୍ରାମବାସୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ଜଣାପଡିଛି।

ବିଶ୍ୱ ଘର ଚଟିଆ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବିଭ୍ରାନ୍ତ କରୁଛନ୍ତି ଜିଲା ବିଜେଡି ସଭାପତି

ଦେବଗଡ଼, ୨୦।୩(ଡି.ଏନ.ଏ.)

ଟୋଲ ଟିକସ ଛାଡ଼ ଘଟଣା

ବାରକୋଟ ବ୍ଲକର ବଡକୁଦର ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ ଟୋଲ ଗେଟରେ ଦେବଗଡ ଜିଲାବାସୀଙ୍କ ପାଇଁ ଟୋଲ ଟିକସକ ଛାଡ ଦାବିରେ ଗତ ୧୧ ତାରିଖ ବିଜେଡି ପକ୍ଷରୁ ବହୁ କର୍ମୀ ନେତା ଉକ୍ତ ଟୋଲ ଗେଟରେ ବିକ୍ଷୋଭ ପ୍ରଦର୍ଶନ କରିବା ।ସହ ଧାରଣା ଦିଆଯାଇଥିଲା । ତେବେ ସେହି ଦିନ ଏହିଦାବି ପୂରଣ ହୋଇଥିବା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇଥିଲେ। କିନ୍ତୁ ଦୁଃଖର କଥା ଉକ୍ତ ଟୋଲଗେଟ ଦେଇ ଗଲେ ଆଗରୁ ଯେମିତି ଟଙ୍କା କଟୁଥିଲା ଏବେ ମଧ୍ୟ ଟଙ୍କା କଟୁଛି। ଉକ୍ତ ଘଟଣାକୁ ନେଇ ବର୍ତ୍ତମାନ ଦେବଗଡ଼ ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଟୋଲ ଗେଟର କମଚାରୀଙ୍କୁ ପଚାରଲେ ସେମାନେ କହୁଛନ୍ତି ୧୫ କିମି ପର୍ଯ୍ୟନ୍ତ ଗାଡି ମାଲିକାନାମାନଙ୍କ ଟଙ୍କା କଟିବ ନାହିଁ ବାକି ସବୁ ଗାଡିର ଟଙ୍କା କଟିବ ବୋଲି କହିଥିଲେ। ସେ ଯାହାବି ହେଉ ନା କାହିଁକି ଏପରି ଭୁଲ ତଥ୍ୟ ଦେଇ ଜିଲାବାସୀଙ୍କୁ ବିଭ୍ରାନ୍ତ କରିବା କେତେ ଦୂର ଠିକ ତାହା ବର୍ତ୍ତମାନ ଚିନ୍ତାର ବିଷୟ। ସୂଚନା ଥାଉ କି ଦେବଗଡ ଜିଲାବାସୀଙ୍କ ପାଇଁ ଟୋଲ ଟିକସ ଛାଡ ଦାବିରେ ଗତ ୧୧ ତାରିଖ ବିଜେଡି ପକ୍ଷରୁ ଉକ୍ତ ଟୋଲ ଗେଟରେ ବିକ୍ଷୋଭ ପ୍ରଦର୍ଶନ କରାଯିବାସହ ଧାରଣା ଦିଆଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆସିଷ୍ଟାଂଟ କଲେକ୍ଟର ସୁଶାନ୍ତ କୁମାର ନାୟକ ଧାରଣା ସ୍ଥଳରେ ପହଞ୍ଚି ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏବଂ ଧାରଣାରତ ନେତା କର୍ମୀଙ୍କ ସହ ଆଲୋଚନା କରିଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ନାୟକ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଟୋଲ କର୍ମଚାରୀଙ୍କ ସହ ଆଲୋଚନା କରିବା ପରେ ଟୋଲ ଗେଟରେ ଦେବଗଡ ଜିଲାବାସୀଙ୍କର ଟୋଲ ଟିକସ ଛାଡ ପାଇଁ ଘୋଷଣା କରିଥିଲେ। ଫଳରେ ବଜେଡ ପକ୍ଷରୁ ଆଶ୍ୱସ୍ତି ପ୍ରକାଶ ପାଇବା ସହ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଘୋଷଣା ଅନୁଯାୟୀ ଯାନବାହାନର ଚାଳକ କିମ୍ବା ମାଲିକମାନେ ଯାନ ବାହାନ ଗୁଡିକର ଆର୍ସି ବୁକ ଦେଖାଇ ନିଜକୁ

ଟିଟିଲାଗଡ଼ରେ କୁଆପଥର ସହ ବର୍ଷା

ଟିଟିଲାଗଡ଼,(ଡି.ଏନ.ଏ.): ସୋମବାର ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ପଶ୍ଚିମା ଝଡ଼ ପ୍ରଭାବରେ ବର୍ଷା ସହ କୁଆପଥର ମାଡ଼ ହୋଇଛି । ଏଥିସହିତ ପବନ ଯୋଗୁ ଅନେକ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଛି । ଫଳରେ ଯିବା ଆସିବାରେ ଅସୁବିଧା ହୋଇଛି । ବିଦ୍ୟୁତ ସେବା ବ୍ୟାହତ ହେବା ସହ ଅନେକ ପନିପରିବା ଚାଷୀ କ୍ଷତଗ୍ରସ୍ତ ହୋଇଛନ୍ତି ।

ବଲାଙ୍ଗୀରରେ ପ୍ରବଳ ବର୍ଷା, କରକାପାତ

ବଲାଙ୍ଗୀର ଅଫିସ/ମୁରିବାହାଲ, ୨୦।୩(ଡି.ଏନ୍.ଏ)

ସୋମବାର ଅପରାହ୍ଣରେ ବଲାଙ୍ଗୀର ଜିଲାରେ ପ୍ରବଳ ବର୍ଷା ସହ କରାମାଡ ହୋଇଥିଲା । ପ୍ରାୟ ଅଧଘଣ୍ଟା ଧରି ପ୍ରବଳ କରାମାଡ, ବର୍ଷା ଓ ଘୂର୍ଣ୍ଣିଝଡ ଯୋଗୁ ଜିଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ବିଶେଷକରି ଚାଷୀଙ୍କ ପନପରିବା ନଷ୍ଟ ହୋଇଥିବା ଜଣାପଡିଛି। ଅପରାହ୍ଣ ପ୍ରାୟ ୩ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ସହ କରକାପାତ ହୋଇଥିଲା । ଏହାଛଡା ପବନରେ ଅନେକ ସ୍ଥାନରେ ଗଛ ଭାଙ୍ଗିଯାଇଛି । କେତେକ ସ୍ଥାନରେ ବିଦ୍ୟୁତ୍ ତାର ମଧ୍ୟ ଛିଣ୍ଡିଥିବା ସୂଚନା ମିଳିଛି । କରାମାଡ ଏତେ ପ୍ରବଳ ହୋଇଥିଲା ଯେ, ରାସ୍ତା ଉପରେ ବରଫ ଭଳି ଆସ୍ତରଣ ଜମି ଯାଇଥିଲା । ଛାତ, ରାସ୍ତାକଡ, ଗାଡି ଉପରେ କରା ପଡିଥିବାରୁ କାଶ୍ମୀରରେ ବରଫ ପଡିବା ଭଳି ଦେଖାଯାଇଥିଲା ।

କୁହିମୁଣ୍ଡାର ଚାଷୀମାନେ କରାମାଡ ଯୋଗୁ ନଷ୍ଟ ହୋଇଥିବା ବନ୍ଧାକୋବି ଦେଖାଉଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଦେଓଗାଁ ବ୍ଲକର କୁହିମୁଣ୍ଡାଠାରେ ବ୍ୟାପକ ପନିପରିବା ନଷ୍ଟ ହୋଇଛି । ଏଠାରେ ଚାଷ ହୋଇଥିବା କାକୁଡି, କଲରା, ବନ୍ଧାକୋବି, ପାତଳଘଣ୍ଟା, ତରଭୁଜ କରାମାଡ ଯୋଗୁ ନଷ୍ଟ ହୋଇଯାଇଛି। କାକୁଡି, କଲରା, ପୋଟଳ ଫସଲ ଅଧିକ କ୍ଷତିଗ୍ରସ୍ତ ହୋଇଛି। ବାଇଗଣ, ବନ୍ଧାକୋବି, ତରଭୁଜ ଫସଲ ମଧ୍ୟ ନଷ୍ଟ ହୋଇଛି। ଘୂର୍ଣ୍ଣିଝଡ ଓ କରାମାଡ ଯୋଗୁ ଆମ୍ବକଷି, ମହୁଲ ଝଡି ପଡିଛି । ମୁରିବାହାଲ ଅଞ୍ଚଳରେ ପିଆଜ ଚାଷ ନଷ୍ଟ ହୋଇଯାଇଛି। ଏଭଳି କ୍ଷେତ୍ରରେ ଚାଷୀମାନେ କ୍ଷତିପୂରଣ ନ ମିଳିଲେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି। ଅନେକ ଚାଷୀ ନଷ୍ଟ ହୋଇଯାଇଥିବା ପନିପରିବା ବାଧ୍ୟ ହୋଇ ଗାଈଗୋରୁଙ୍କୁ ଦେଇଥିବା ଓ ଫିଙ୍ଗି ଦେଇଥିବା କହିଛନ୍ତି। କୁହିମୁଣ୍ଡାର ଚାଷୀ ଶମ୍ଭୁ ସାହୁ କହିଛନ୍ତି ଯେ, ଅଦିନିଆ କରକାମାଡ ଓ ବର୍ଷା ବ୍ୟାପକ କ୍ଷତି କରିଛି। କୁହିମୁଣ୍ଡା ଏକ ଚାଷୀ ଗାଁ ଭାବେ ପରିଚିତ। କରକାମାଡରେ ତାଙ୍କ ନିଜର ଚାଷ ସହ ଗାଁର ଅନ୍ୟ ଚାଷୀ ଶ୍ରୀକାନ୍ତ, ସ୍ୱାଧୀନ, ରୋହିତ, ଗତିଚକ୍ରଙ୍କ ମଧ୍ୟ ବ୍ୟାପକ ଫସଲ ନଷ୍ଟ ହୋଇଥିବା ସୂଚନା ଦେଇଛନ୍ତି। ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ତୁରନ୍ତ ଆର୍ଥିକ ସହାୟତା ଓ କ୍ଷତିପୂରଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

- ଝଡ଼ିଗଲା ଆମ୍ବ କଷି, ଫାଟିଗଲା ପାତଳ ଘଣ୍ଟା
- ବ୍ୟାପକ ପନିପରିବା ଚାଷ ନଷ୍ଟ, ଚିନ୍ତାରେ ଚାଷୀ
- ୨୫ ମିନିଟ୍ ଧରି କରାମାଡ

ସଂକ୍ଷେପରେ

ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ୍

କଣ୍ଟାବାଞ୍ଜି,୨୦।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ସୋମବାର ଏକ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ମୁରିବାହାଲ ଥାନା ଅଧୀନ ଅଣ୍ଡାଲଦର ଗାଁର ରମାକାନ୍ତ ଭୋଇ ତୁରେକେଲା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଉପରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମଲ୍ଲିକ ସେସନ୍ସ କେସ ନଂ. ୩୮/୧୯ ଦଫା-୩୭୬(୧)ର ଶୁଣାଣି କରି ଅଭିଯୁକ୍ତ ଭୋଇଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି ।

ଚକ୍ଷୁ ପରୀକ୍ଷା ଶିବିର:୨୫୦ ଜଣଙ୍କ ଚକ୍ଷୁ ପରୀକ୍ଷା

ବଲାଙ୍ଗୀର ଅଫିସ, ୨୦।୩: ବଲାଙ୍ଗୀର ସାଗରପଡ଼ା ଏସସିଏ କ୍ଲବ ଏବଂ ବୀରମହାରାଜପୁର ନିକଟ ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ମୁନିସିପାଲିଟି ଅଧକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଆଖି ପରୀକ୍ଷା କରାଯାଇଥିଲା। ମହାନଦୀ ନେତ୍ର ଚିକିତ୍ସାଳୟର ଡ. ମାଧୁରୀ ଭି. ଥଲାମ, ଡ. ସୋରଜ କୁମାର ସିଂ, ଚକ୍ଷୁ ବିଶେଷଜ୍ଞ ରଘୁନାଥ ମହାରଣା, ଡ. ମୋନାଲିସା ସାହୁ, କ୍ୟାମ୍ପ ଅର୍ଗାନାଇଜର ଧର୍ମରାଜ ନାଏକ, ସହଯୋଗୀ ପିଙ୍କି ବାଗ, ଜୟନ୍ତ କାଣ୍ଡ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୩୧ଜଣ ପୁରୁଷ ଏବଂ ମହିଳାଙ୍କୁ ବୀରମହାରାଜପୁର ସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟରେ ମାଗଣାରେ ଅସ୍ତ୍ରୋପଚାର ପାଇଁ ନିଆଯାଇଛି। ସାଗରପଡ଼ା କ୍ଲବ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପରିଚାଳନା କରିଥିଲେ। କ୍ଲବ ସଭାପତି କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, କୋଷାଧକ୍ଷ ଗୌରାଙ୍ଗ ବଗର୍ତ୍ତି, ଉପସଭାପତି ଆନନ୍ଦ ମିଶ୍ର, ସହସମ୍ପାଦକ ସଞ୍ଜୟ ଚନ୍ଦନ, ସଦସ୍ୟ ଗୋପାଳ ଦାସ, ଟୁଟୁ ମଲିକ, ସତ୍ୟବାନ ପଣ୍ଡା, ଟିକୁ ଆଚାର୍ଯ୍ୟ, ଟୁକୁ ଖୁଆସ, ପିଙ୍କୁ ଖୁଆସ, ତ୍ରିବିକ୍ରମ ଦାସ, ଆଭାସ ପଣ୍ଡା, ଶିବଶଙ୍କର ଖୁଆସ, ରିଙ୍କୁ ଖୁଆସ, ମନ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଭିଟାମାଟି ଛାଡ଼ିବେ ପେରଗୁନିଆ ଗ୍ରାମବାସୀ

ଉଠା ଜଳସେଚନ ପ୍ରକଳ୍ପ

ଭବାନୀପାଟଣା,୨୦।୩(ସ୍ୱ.ପ୍ର.): ଉଠାଜଳ ସେଚନ ପ୍ରକଳ୍ପ ପାଇଁ ଭିଟାମାଟି ଛାଡିବେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ପେରଗୁନିଆ ପଡ଼ାବାସୀ। ଏଠିକାର ଆଦିବାସୀମାନେ କେଉଁ ଆଦିମ କାଳରୁ ବସତି ସ୍ଥାପନ କରି ଆସୁଛନ୍ତି। ଯେତେବେଳେ କୌଣସି ସୁବିଧା ନ ଥିଲା ସେ ସମୟରୁ ରହି ଆସୁଥିବା ଆଦିବାସୀମାନେ ବର୍ତ୍ତମାନ ସବୁ ସୁବିଧା ପାଇବାର ନିକଟବର୍ତ୍ତୀ ହୋଇ ଆସିଥିବା ବେଳେ ଭିଟାମାଟିରୁ ଉଚ୍ଛେଦ କରିବା ଭଳି ଚରମ ନିଷ୍ପତ୍ତି ନେଇଛି ପ୍ରଶାସନ। ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳରେ ପାନୀୟ ଜଳ ଓ ଚାଷ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଜଳ ଯୋଗାଇ ଦେବା ପାଇଁ ପ୍ରଶାସନ ମେଘା ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରିବା ପାଇଁ ସ୍ଥାନ ଚିହ୍ନଟ ହୋଇଛି। ଥୁଆମୂଳ ରାମପୁର ତହସିଲ ଅନ୍ତର୍ଗତ ଅଡ୍ରି ଆର୍‌ଆଇ ସର୍କଲର ବଡବଫଲା ଗାଁର ପେରଗୁନିଆ ପଡ଼ାଠାରେ ସ୍ଥାପନ ହେବାକୁ ଯାଉଛି ସରକାରଙ୍କ ଉଠା ଜଳସେଚନ ପ୍ରକଳ୍ପ। ହେଲେ ଏହି ସ୍ଥାନରେ ୨୦୦ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରୁଥିବା ବେଳେ ଏବେ ମେଗା ଉଠାଜଳ ସେଚନ ପ୍ରକଳ୍ପ ପାଇଁ ବିସ୍ଥାପିତ ହେବାକୁ ଯାଉଛନ୍ତି। ଏ ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରୀ କରିଛନ୍ତି ଯେ ଆମକୁ ବିସ୍ଥାପିତ ନ କରି ଅନ୍ୟସ୍ଥାନରେ ପ୍ରକଳ୍ପ କରନ୍ତୁ। ହେଲେ ପ୍ରଶାସନ ସେମାନଙ୍କୁ ଅନ୍ୟତ୍ର ଥଇଥାନ କରି ପ୍ରତ୍ୟେକଙ୍କୁ ୧୦ ଡେସିମିଲ ଲେଖା ଜାଗା ଦିଆଯିବା ସହ କ୍ଷତିପୂରଣ ରାଶି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଜଣାପଡିଛି। ତେବେ ପ୍ରଶାସନ ଏହି ନିରୀହ ଆଦିବାସୀମାନଙ୍କ ପାଇଁ କି ପଦକ୍ଷେପ ଗ୍ରହଣ କରୁଛି ତାକୁ ହିଁ ଅପେକ୍ଷା।

ଭାନପୁର ଗାଁରେ ଡ.ଭୀମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଖପ୍ରାଖୋଲ,୨୦।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ଗାଁ ପଞ୍ଚାୟତ ଛକଠାରେ ଭାରତ ରତ୍ନ ଡ. ଭୀମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଟଣାଗଡ ଉପ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଭାନପୁର ସରପଞ୍ଚ ରୀନା ଜାଲ, ଉପଖଣ୍ଡସ୍ତରୀୟ ଲକ୍ଷେ ଘର ଗଣ୍ଡା ସମାଜ ସଭାପତି ଦିଗିସନ ନନ୍ଦ, ସଂଯୋଜକ ଧନେଶ୍ୱର ନାଗ, ଭାନପୁର ପଞ୍ଚାୟତସ୍ତରୀୟ ସଭାପତି ବନୁ କୁମ୍ଭାର, ସମ୍ପାଦକ ଯୁବରାଜ ଦୀପ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକ ଯୋଗ ଦେଇଥିଲେ। ପ୍ରଥମେ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କଲା ପରେ ଅତିଥିମାନେ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପରେ ଏକ ସଭା ଆୟୋଜିତ ହୋଇଥିଲା । ସଭାରେ ଅତିଥିମାନେ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଜଳଧର ତାଣ୍ଡି ପରିଚାଳନା କରିଥିଲେ। ଆଇନଜୀବୀ ଭକ୍ତବନ୍ଧୁ ବାଗ, ଜୟନ୍ତ କୁମ୍ଭାର, ବ୍ଲକ ସଭାପତି ଛିନୁ ଟାକ୍ରି, ମୋହନ ସୁନା, ଅମିତ ତାଣ୍ଡି, ମାଟିଆଭଟା ସରପଞ୍ଚ ସନ୍ତୋଷିନୀ ବରିହା, ଦମାଇପାଳି ସରପଞ୍ଚ ରିତାକାନ୍ତି ତାଣ୍ଡି, ଭାନପୁର୍ ସମିତି ସଭ୍ୟା ଯଶୋବନ୍ତୀ ତାଣ୍ଡିଙ୍କ ସମେତ ଲକ୍ଷେ ଘର ଗଣ୍ଡା ସମାଜର ମହିଳା ପୁରୁଷ ଉପସ୍ଥିତ ଥିଲେ। ଶେଷରେ ଡିଲେଶ୍ୱର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

ଓଭର ବ୍ରିଜ ନିର୍ମାଣ ପାଇଁ ରେଳ ମହାପ୍ରବନ୍ଧକଙ୍କୁ ଦାବିପତ୍ର

ଲାଠୋର,୨୦।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରୋଡ଼ ରେଳ ଫାଟକଠାରେ ଏକ ଓଭର ବ୍ରିଜ ନିର୍ମାଣ ପାଇଁ ୫ ଶହରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ସମ୍ବଲପୁର ଡିଭିଜନ ରେଳ ମହାପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଗ୍ରାମବାସୀ ସୋମବାର ଲାଠୋର ସରପଞ୍ଚଙ୍କୁ ପ୍ରଦାନ କରିଛନ୍ତି। ୧୯୩୦ ମସିହାରୁ ହରିଶଙ୍କର ରୋଡ଼ ରେଳ ଷ୍ଟେଶନ ଦେଇ ରେଳ ଚଳାଚଳ କରୁଛି। ବର୍ତ୍ତମାନ ରେଳ ଧାରଣାର ଦୋହରିକରଣ ହୋଇ ଅଧିକ ସଂଖ୍ୟକ ରେଳ ଚଳାଚଳ ଯୋଗୁ ପ୍ରାୟ ସମୟରେ ଫାଟକ ବନ୍ଦ ରହୁଛି। କୌଣସି ବାଇପାସ୍ ରାସ୍ତା ନ ଥିବା ହେତୁ ଜନସାଧାରଣ ତଥା ଯାନବାହାନ ଫାଟକ ନିକଟରେ ଦୀର୍ଘ ସମୟ ଛିଡା ହୋଇ ରହିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଫଳରେ ସ୍କୁଲ, କଲେଜ ଛାତ୍ରୀଛାତ୍ର,ସରକାରୀ ଚାକିରିଆ ଓ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଆମ୍ବୁଲାନ୍ସରେ ଯାଉଥିବା ରୋଗୀଙ୍କ ସମସ୍ୟା ବଢିଯାଉଛି। ଲୋକଙ୍କ ଦାବି ଅନୁଯାୟୀ ରେଳ ପ୍ରଶାସନ ଫାଟକ ନିକଟରେ ଏକ ଓଭର ବ୍ରିଜ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ସର୍ବେକ୍ଷଣ ପାଇଁ ପଠାଇବା ଖବର ପାଇ ଗ୍ରାମର କେତେଜଣ ବ୍ୟକ୍ତି ଗତ ଫେବୃୟାରୀ ୨୬ ତାରିଖରେ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ଏକ ବୈଠକରେ ଏକାଠି ହୋଇଥିଲେ । କିନ୍ତୁ କେତେଜଣ ଓଭର ବ୍ରିଜ ନିର୍ମାଣକୁ ବିରୋଧ କରିଥିବା ବେଳେ ଆଉ କେତେଜଣ ସହମତି ପ୍ରକାଶ କରିଥିଲେ । ଫଳରେ ବୈଠକରେ କିଛି ନିଷ୍ପତ୍ତି ନିଆଯାଇ ପାରି ନ ଥିଲା। ଶେଷରେ ଫାଟକ ନିକଟରେ ଓଭର ବ୍ରିଜ ନିର୍ମାଣ ପାଇଁ ଲାଠୋର ଗ୍ରାମବାସୀ ଦାବିପତ୍ର ଲାଠୋର ସରପଞ୍ଚଙ୍କୁ ପ୍ରଦାନ କରିଥିଲେ। ଏନେଇ ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରେ ଲାଠୋର ଗ୍ରାମବାସୀ ଦେଇଥିବା ଦାବିପତ୍ର ଗ୍ରହଣ କରିଛି । ଏହାକୁ ସମ୍ବଲପୁର ଡ଼ିଆରଏମଙ୍କୁ ପଠାଇବି ବୋଲି କହିଥିଲେ। ତେବେ ସାଧାରଣ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରେଳ ପ୍ରଶାସନ ଯଥାଶୀଘ୍ର ଓଭର ବ୍ରିଜ ନିର୍ମାଣ ଦିଗରେ ବିହିତ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଲାଠୋର ଗ୍ରାମବାସୀ ସରପଞ୍ଚଙ୍କୁ ଦାବିପତ୍ର ଦେଉଛନ୍ତି ।

ଏଆଇଡିଏସ୍‌ଓ ପକ୍ଷରୁ ନିନ୍ଦା

ଦଶମ ଶ୍ରେଣୀ ସମ୍ପେଟିଭ-୨ ପରୀକ୍ଷା ପରିଚାଳନାରେ ତ୍ରୁଟି

ବଲାଙ୍ଗୀର ଅଫିସ, ୨୦।୩

ଚଳିତବର୍ଷ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସମ୍ପେଟିଭ–୨ ପରୀକ୍ଷାର ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ରରେ ଯେଉଁଭଳି ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଛି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ ପକ୍ଷରୁ କୁହାଯାଇଛି। ମାତ୍ରିକ ପରୀକ୍ଷା ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଗଢିବାର ପ୍ରଥମ ପାହାଚ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ପରୀକ୍ଷା ପରିଚାଳନାରେ ତ୍ରୁଟି ଏବଂ ବୋର୍ଡ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଛାତ୍ରୀଛାତ୍ରମାନଙ୍କୁ ଆଶଙ୍କା ଭିତରକୁ ଠେଲି ଦେଉଛି । ଏଭଳି ଗୁରୁତର ତ୍ରୁଟିକୁ ବୋର୍ଡ କର୍ତ୍ତୃପକ୍ଷ ଗଣମାଧ୍ୟମ ସମ୍ମୁଖରେ ଏହା ମୁଦ୍ରଣଜନିତ ତ୍ରୁଟି ଦର୍ଶାଇବା ଦୁର୍ଭାଗ୍ୟଜନକ । ଛାତ୍ରୀଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥକୁ ଆଖି ଆଗରେ ରଖି ଦଶମ ଶ୍ରେଣୀ ସମ୍ପେଟିଭ–୨ ପରୀକ୍ଷା ତ୍ରୁଟିପୂର୍ଣ୍ଣ ପ୍ରଶ୍ନପତ୍ର ପ୍ରକାଶନରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ତ୍ରୁଟିପୂର୍ଣ୍ଣ ପ୍ରଶ୍ନପତ୍ର ପାଇଥିବା ଛାତ୍ରୀଛାତ୍ର ମାନଙ୍କ ପରୀକ୍ଷା ଖାତାର ସଠିକ୍ ମୂଲ୍ୟାୟନ କରି ଫଳ ପ୍ରକାଶନ କରାଯାଉ। ବୋର୍ଡର ପ୍ରଶ୍ନପତ୍ର ପ୍ରକାଶ ଓ ସମ୍ପୂର୍ଣ୍ଣ ପରୀକ୍ଷା ପରିଚାଳନାରେ ଆଉଟ୍ ସୋର୍ସିଂ ବନ୍ଦ କରାଯାଉ, ବୋର୍ଡ କର୍ତ୍ତୃପକ୍ଷ ନିଜର ଖାମଖିଆଲି ମନୋବୃତ୍ତିରୁ ନିବୃତ୍ତ ରହିବା ଆଦି ୪ ଦଫା ଦାବିପତ୍ର ଏଆଇଡିଏସ୍‌ଓ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କ ଜରିଆରେ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓ ରାଜ୍ୟ ଉପସଭାପତି ସୁନୀଲ ଭୋଇ, ଜିଲା ସଭାପତି ମଧୁସୂଦନ ବାଗ, ଗୌରୀ ରାଉତ ଉପସ୍ଥିତ ଥିଲେ।

ସମସ୍ତ ଶ୍ରମିକ ସଂଗଠିତ ହେବାକୁ ଆହ୍ୱାନ

ସମାବେଶରେ ଯୋଗ ଦେଇଥିବା ଅତିଥି ।

ଖପ୍ରାଖୋଲ,୨୦।୩(ଡି.ଏନ.ଏ.)

ଶ୍ରମିକ ଅଧିକାର ମଞ୍ଚର ସମାବେଶ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ କପସିପାଲି ଦୁର୍ଗାମଣ୍ଡପ ନିକଟରେ ଲେବର ଟ୍ରେଡ ୟୁନିଅନ ଶ୍ରମିକ ଅଧିକାର ମଞ୍ଚର ବାର୍ଷିକ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପୂର୍ଣ୍ଣ ଚନ୍ଦ୍ର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ଡା. ସୁଜିତ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତ୍ରିଲୋଚନ ପୁଞ୍ଜି, ସାମାଜିକ କର୍ମୀ ଅଭୟ ତ୍ରିପାଠୀ ଯୋଗଦେଇ ଥିଲେ। ଅତିଥିମାନେ ଶ୍ରମିକମାନଙ୍କ ଅଧିକାର ଓ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ସମସ୍ତ ଶ୍ରମିକ ସଂଗଠିତ ହେବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ମଞ୍ଚର ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ କ୍ଷେତ୍ରମୋହନ ମାଝୀ, ସମ୍ପାଦକ ଆଇନଜୀବୀ ତ୍ରିଲୋଚନ ପୁଞ୍ଜି, ଉପସଭାପତି ଗୋଲାପି ବିଶି, ସହ ସମ୍ପାଦକ ତପ ପୁଞ୍ଜି, କୋଷାଧକ୍ଷ ଭାବେ ଦେବରାଜ ବୁଡେକ ଓ ସଭ୍ୟ ଭାବେ ତୁରେକେଲା ବ୍ଲକ ରୁ ଦୁର୍ଯୋଧନ ମାଝୀ, ବେଲପଡ଼ା ବ୍ଲକରୁ ରେମାନନ୍ଦ କୁମ୍ଭାର ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ନପୂର୍ଣ୍ଣା ମହାଲିଙ୍ଗ, ନିମାଇଁ ପୁଞ୍ଜି, ସୁଶୀଲ ପ୍ରଧାନ, ଲୋଚନ ବରିହା, ମିଳନ ପୁଞ୍ଜିଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଗାଁ ମୁକ୍ତି ସଂଗଠନ ସମ୍ପାଦକ ଗୋଲାପ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

ସଂକ୍ଷେପରେ

କେନ୍ଦୁକାଠ ଚାଲାଣ ଧରାପଡ଼ିଲା: ୩ ଗିରଫ

କଣ୍ଟାମାଳ, ୨୦।୩(ସ୍ୱ.ପ୍ର.): ବୌଦ୍ଧ ଜିଲା କଣ୍ଟାମାଳ ରେଞ୍ଜରେ ବେଆଇନ କେନ୍ଦୁକାଠ ଚାଲାଣବେଳେ ସୋମବାର ବନ ବିଭାଗ ହାତରେ ଧରାପଡ଼ିଛି। ଏକ ଟ୍ରକ ସହ ୬୦ଖଣ୍ଡ କାଠଗଣ୍ଡି ଜବତ କରାଯାଇଛି। ମିଳିଥିବା ସୂଚନା ମୁତାବକ କଣ୍ଟାମାଳ ରେଞ୍ଜ ଅନ୍ତର୍ଗତ ଖୁଣ୍ଟିଗୋରା ଅଞ୍ଚଳରୁ ଏକ ଟ୍ରକରେ କାଠ କଲିକତାକୁ ଚାଲାଣ ହେଉଥିବା ଖବର ପାଇ ରବିବାର ବିଳମ୍ବିତ ରାତିରେ ବନ କର୍ମଚାରୀ ଉକ୍ତ ରାସ୍ତାରେ ଛକି ରହିଥିଲେ। ଆସୁଥିବା ଟ୍ରକ ଡବ୍ଲ୍ୟୁବି ୨୯-ବି ୯୭୯୮କୁ ଅଟକ ରଖି ତନଖି କରିଥିଲେ। ବନ କର୍ମଚାରୀ ଟ୍ରକ ମଧ୍ୟରୁ ୬୦ ଖଣ୍ଡ କେନ୍ଦୁଗଣ୍ଡି ଜବତ କରିବା ସହ ଗାଡିରେ ଥିବା ସମ୍ବଲପୁର କମିଶନର କଲୋନିର ବିଦ୍ୟାଧର ଦାସ(୫୩) ଓ ପଶ୍ଚିମବଙ୍ଗ ଖଡଗପୁର ଆଇଆଇଟି ରୋଡର ସୁବୀର ପାତ୍ର (୪୮) ଓ ଗୋଡିପିଆସଲର ତପନ ରାଉତ (୩୦)ଙ୍କୁ ଗିରଫ କରିଥିଲେ । ଏନେଇ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଚଢାଉରେ ଏସିଏଫ ଆଶିଷ କହଁର, ଫରେଷ୍ଟର ପ୍ରକାଶ ସେଠା, ଆନନ୍ଦ ମିଶ୍ର, ଫରେଷ୍ଟଗାର୍ଡ ପ୍ରକାଶ ପ୍ରଧାନ, ସନ୍ତୋଷ ବାରିକ, ଦିଗାମ୍ବର ପ୍ରଧାନ ସାମିଲ ଥିଲେ।

ବାଇକ୍ ଚୋର ଗିରଫ

ପଦ୍ମପୁର,୨୦।୩ (ଡି.ଏନ.ଏ.): ବାଇକ୍ ଚୋରି ଅଭିଯୋଗରେ ପଦ୍ମପୁର ପୋଲିସ ଚଢାଉ କରି ଦର୍ଲିଗୁଡା ଗ୍ରାମର ସୁଦାମ ବରିହା ଓ ଠେଲକୋଇଲିର ପିଣ୍ଟୁ ଦାପଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ଚୋରି ବାଇକ୍ ଜବତ କରାଯାଇଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲଶ (ନଂ.୮୦/୨୩) ରୁଜୁ ହୋଇଛି।

ହନୁମାନ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ଜାମଟିକ୍ରା,୨୦।୩(ଡି.ଏନ.ଏ.): ଅତାବିରା ହନୁମାନ ମନ୍ଦିରରେ ବଜରଙ୍ଗ ଦଳ ପ୍ରାନ୍ତ ବଳ ଉପସନା ପ୍ରମୁଖ ପରମେଶ୍ୱର ପଟେଲଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହନୁମାନ ଜୟନ୍ତୀ ସମନ୍ୱୟ ସମିତି ତରଫରୁ ଆସନ୍ତା ଏପ୍ରିଲ ୧୪ରେ ହନୁମାନ ଜନ୍ମୋତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରାନ୍ତ ସୁରକ୍ଷା ପ୍ରମୁଖ ଅଶ୍ୱିନୀ ମେହେର, ମନିଷ ଶର୍ମା, ପ୍ରଭାସ ମଲ୍ଲିକ, ଜଗ କେତକୀ, ପ୍ରଶାନ୍ତ ଭୋଇ, କଷ୍ଟ ସା ପ୍ରମୁଖ ଉପସ୍ଥିତ ଥିଲେ।

ଗାଁ ସାଥୀ ସଂଘ ବୈଠକ

ପଦ୍ମପୁର,୨୦।୩(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ବ୍ଲକ ଗାଁ ସାଥୀ ସଂଘର ଏକ ବୈଠକ ସ୍ଥାନୀୟ ବଜାର ପ୍ରାଙ୍ଗଣରେ ସଭାପତି ନିରାକାର ଜାଲଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଥିଲା। ସଂଘ ସମ୍ପାଦକ ପ୍ରଦୀପ କୁମାର ପଟେଲ ସଭା ପରିଚାଳନା କରିଥିଲେ। ଏଥିରେ ଗାଁ ସାଥୀମାନଙ୍କ ବିଭିନ୍ନ ସମସ୍ୟା ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ହେମନ୍ତ ଭୋଇ, ସଂକୀର୍ତ୍ତନ ମେହେର, ଓମ୍‌ପ୍ରକାଶ ଭୋଇ, ହରେକୃଷ୍ଣ ଥପା, ଜୀବର୍ଦ୍ଧନ ସାହୁ, ଗଙ୍ଗାଧର ଜାଲ, ଅକ୍ରୂର ବରିହା, ଅକ୍ଷୟ ପାଣ୍ଡେ, ରାଜିନ୍ଦର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

ବରଗଡ଼ ଅଫିସ, ୨୦।୩

କୃଷିକ୍ଷେତ୍ରକୁ ବିଦ୍ୟୁତ୍ ବିଲ୍ ଛାଡ ଦାବି

- ପ୍ରତି ପରିବାରକୁ ୨ଶହ ୟୁନିଟ ମାଗଣା ବିଦ୍ୟୁତ୍
- ବିଦ୍ୟୁତ୍ କ୍ଷେତ୍ରର ଘରୋଇକରଣ ବନ୍ଦ
- ବକେୟା ବିଲ୍ ସରକାର ବହନ କରିବାକୁ ଦାବି

କୃଷିକ୍ଷେତ୍ରକୁ ବିଦ୍ୟୁତ୍ ବିଲ୍ ସମ୍ପୂର୍ଣ୍ଣ ଛାଡ କର। ପ୍ରତି ପରିବାରକୁ ୨ଶହ ୟୁନିଟ ବିଦ୍ୟୁତ୍ ମାଗଣା ଦିଅ ଏଭଳି ନାରାବାଜି କରି ଚାଷୀମାନେ ସୋମବାର ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାସହିତ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଷା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ।

ଜୟ କିଷାନ ଆନ୍ଦୋଳନ ନେତୃତ୍ୱରେ ଚାଷୀମାନେ ବରଗଡ଼ ଗୋଶାଳା ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ସେଠାରେ ସେମାନେ ଜିଲାପାଳଙ୍କ ଅଫିସ ଭିତରକୁ ଧସେଇ ପଶିଥିଲେ ଏବଂ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣାରେ ବସିଥିଲେ। ଚାଷୀନେତା ଲିଙ୍ଗରାଜ, ସୁଶିଲ କୁମାର ସାହୁ, ହର ବଣିଆ ଉଦ୍‌ବୋଧନ ଦେଇଥିଲେ।

ଚାଷୀମାନେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଛନ୍ତି।

ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ, କର୍ନାଟକ, ପଞ୍ଜାବ, ହରିୟାଣା, ରାଜସ୍ଥାନ ଆଦି ରାଜ୍ୟରେ ସମ୍ପୃକ୍ତ ରାଜ୍ୟ ସରକାର କୃଷି ପାଇଁ ଉଦ୍ଦିଷ୍ଟ ବିଜୁଳି ବିଲ୍ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦେଇ କୃଷକମାନଙ୍କ ଆର୍ଥିକ ବୋଝ ଲାଘବ କରୁଥିବା ବେଳେ ପଞ୍ଜାବ ଏବଂ ଦିଲ୍ଲୀ ସରକାର ପ୍ରତି ପରିବାରକୁ ୨ଶହ ୟୁନିଟ ବିଦ୍ୟୁତ୍ ମାଗଣାରେ ଯୋଗାଇ ଦେଉଛନ୍ତି। କିନ୍ତୁ ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ସତ୍ତ୍ୱେ ଏଠାରେ ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ସେଭଳି ଆଭିମୁଖ୍ୟ ନ ରହିବା ଦୁର୍ଭାଗ୍ୟଜନକ ବୋଲି ଚାଷୀନେତାମାନେ କହିଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲାର ସବୁ ବ୍ଲକର ଚାଷୀ ପ୍ରତିନିଧିମାନେ ସାମିଲ ହୋଇଥିଲେ। ଦାବି ସମୂହ ତୁରନ୍ତ ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଜୟ କିଷାନ ଆନ୍ଦୋଳନ ଚେତାବନୀ ଦେଇଛି।

ଅତାବିରା ଏନ୍‌ଏସି ନିର୍ବାଚନ: ଜଣଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର

ସରଣ୍ଡା,୨୦।୩(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ଏନ୍‌ଏସି ନିର୍ବାଚନ ପାଇଁ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ଥିଲା। ତେବେ ୩ ନମ୍ବର ୱାର୍ଡରୁ ନାମାଙ୍କନ ଦାଖଲ କରିଥିବା ଜଣେ କାଉନସିଲର ପ୍ରାର୍ଥୀ ସରୋଜ ପ୍ରଧାନ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ଫଳରେ ୩୯ ଜଣ କାଉନସିଲର ଓ ୪ଜଣ ନଗରପାଳ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି । ନଗରପାଳ ପଦବୀ ପାଇଁ ବିଜେଡିରୁ ବନମାଳି ବରିହା, ଭାଜପାରୁ ଲକ୍ଷ୍ମୀ ବେହେରା, କଂଗ୍ରେସରୁ ସବିତା ଭୁଏ ଏବଂ ସ୍ୱାଧୀନ ଭାବେ ସାମନ୍ତ ଭୁଏ ପ୍ରାର୍ଥୀ ହୋଇଛନ୍ତି। ଆସନ୍ତା ଏପ୍ରିଲ ୩ରେ ଏନ୍‌ଏସିର ୧୨ଟି କାଉନସିଲର ଓ ଅଧକ୍ଷ ପଦବୀ ପାଇଁ ୧୬ଟି ବୁଥ୍‌ରେ ୧୩,୫୨୦ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ।

ବର୍ଷାରେ ବସଷ୍ଟାଣ୍ଡ ବେହାଲ

ପାଣି ନିଷ୍କାସନ ପରେ ଅବସ୍ଥା ସୁଧୁରିଲା

ବରଗଡ଼ ଅଫିସ, ୨୦।୩

ବରଗଡ଼ ସହରର ମୁଖ୍ୟ ପେଣ୍ଠସ୍ଥଳୀରେ ରହିଛି ସରକାରୀ ବସଷ୍ଟାଣ୍ଡ। ଏହି ବସ୍‌ଷ୍ଟାଣ୍ଡରୁ ଜିଲା ସମେତ ଜିଲା ବାହାରକୁ ଅନେକ ସରକାରୀ ଯାତ୍ରୀବାହୀ ବସ୍ ଚଳାଚଳ ହେଉଛି। ଏଠାରୁ ସମ୍ବଲପୁରକୁ ସିଟି ବସ୍ ମଧ୍ୟ ଯିବାଆସିବା କରୁଛି। ତେବେ ସାମାନ୍ୟ ବର୍ଷା ହେଲେ ବସଷ୍ଟାଣ୍ଡ ଅବସ୍ଥା ବେହାଲ ହୋଇପଡୁଛି। ଗତ ଦୁଇଦିନ ହେଲା ବର୍ଷା ଯୋଗୁ ବରଗଡ଼ ସରକାରୀ ବସଷ୍ଟାଣ୍ଡ ଅବସ୍ଥା ଏଭଳି ହୋଇପଡିଛି। ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବା ଯୋଗୁ ଯାତ୍ରୀମାନଙ୍କୁ ହଟହଟା ହେବାକୁ ପଡୁଛି। ଏହା ଜାଣିବା ପରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସୋମବାର ସକାଳୁ ବସଷ୍ଟାଣ୍ଡକୁ ଯାଇଥିଲେ। ଏହାସହ ବସଷ୍ଟାଣ୍ଡ ପରିସରରେ ଜମି ରହିଥିବା ପାଣିକୁ ତୁରନ୍ତ ନିଷ୍କାସନ ପାଇଁ ପୌର ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେଠାରୁ ପାଣି ନିଷ୍କାସନ ଆରମ୍ଭ ହୋଇଛି। ସେହିପରି ବସଷ୍ଟାଣ୍ଡ ପରିସରରେ ବନ୍ଦ ରହିଥିବା ଶୌଚାଳୟ ଚାଲୁ କରିବା ପାଇଁ ବିଧାୟକ ଆଚାର୍ଯ୍ୟ ବିଭାଗୀୟ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଏଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନ ପାଣ୍ଠିରୁ ମିଳିଥିବା ୧୦ଲକ୍ଷ ଟଙ୍କାର ଠିକ୍ ବିନିଯୋଗ ଉପରେ ପଦକ୍ଷେପ ନେବା ପାଇଁ ବିଧାୟକ ଆଚାର୍ଯ୍ୟ ବସଷ୍ଟାଣ୍ଡ ଡିଟିଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବରଗଡ଼ ସରକାରୀ ବସଷ୍ଟାଣ୍ଡରୁ ପାଣି ନିଷ୍କାସନ କରାଯାଉଛି।

ପାନୀୟ ଜଳଯୋଗାଣ ସ୍ୱାଭାବିକ ହେଲା

ଭେଡେନ,୨୦।୩(ଡି.ଏନ.ଏ)

ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଦେଶଭଟଲି ଓ ବିଶିପାଲିକୁ ୧୦ଦିନ ହେଲା ବନ୍ଦ ରହିଥିବା ପାନୀୟ ଜଳଯୋଗାଣ ସୋମବାର ସ୍ୱାଭାବିକ ହୋଇଛି । ଲୋକେ ପାନୀୟ ଜଳ ପାଇ ଆଶ୍ୱସ୍ତ ହୋଇଛନ୍ତି। ପ୍ରକାଶ ଯେ, ଦେଶଭଟଲି ଏବଂ ବିଶିପାଲି ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ମାତ୍ର ପାଇପ ଲାଇନ ଫାଟିଯିବାରୁ ୧୦ ଦିନ ହେଲା ଜଳଯୋଗାଣ ବନ୍ଦ ରହିଥିଲା। ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି ଜଳଯୋଗାଣ ସ୍ୱାଭାବିକ ହୋଇପାରି ନ ଥିଲା। ଏ ସମ୍ପର୍କରେ 'ପାନୀୟ ଜଳ ଯୋଗାଣ ବନ୍ଦ, ଦୂଷିତ ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ' ଶୀର୍ଷକ ଏକ ଖବର ରବିବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଏବଂ ପଞ୍ଚାୟତ କର୍ମଚାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା।

ଧରିତ୍ରୀ ପ୍ରଭାବ

ଇଂରାଜୀ କବିତା ସଙ୍କଳନ 'ମସ୍କ ମେମୋଏର' ଉନ୍ମୋଚିତ

ବରଗଡ଼ ଅଫିସ,୨୦।୩

ବରଗଡ଼ ଗାନ୍ଧୀ ଭବନ ପରିସରରେ ଅଧ୍ୟାପକ ସୁକୁମାର ଭୋଇଙ୍କ ଲିଖିତ ଇଂରାଜୀ କବିତା ସଙ୍କଳନ 'ମସ୍କ ମେମୋଏର' ଅତିଥିମାନଙ୍କ ଦ୍ୱାରା ସୋମବାର ଉନ୍ମୋଚିତ ହୋଇଛି। ଅତି ଛୋଟ ବିଷୟରେ ଯଦିଓ କବି ଚିନ୍ତା କରେ ତାର ସରଳ ସୁନ୍ଦର ଭାବ, ଭାବନା ଓ ଶବ୍ଦ ସଂଯୋଜନା ଯେତେବେଳେ କବିତାର ରୂପ ନିଏ, ସେହି ସାହିତ୍ୟ ପାଠକର ହୃଦୟକୁ ଛୁଇଁ ଯାଏ। ସେହିପରି କବି ସୁକୁମାର ତାଙ୍କ ଇଂରାଜୀ ଲେଖାରେ ଯେପରି ସରଳ ଶୈଳୀ ଏବଂ ସମ୍ବଲପୁରୀ ଶବ୍ଦର ପ୍ରୟୋଗ କରିଛନ୍ତି, ତାହା ଜନାଦୃତ ହେବା ସହ ପାଠକଙ୍କ ମନରେ ପୁସ୍ତକ ପଠନ ପ୍ରତି ଆକର୍ଷଣ ସୃଷ୍ଟି କରିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ବ୍ୟଙ୍ଗକବି ମନୋରଞ୍ଜନ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ରୋହିତ ଦାଶ ସଭାପତିତ୍ୱ କରିଥିବା ବେଳେ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ପୁସ୍ତକ ସମୀକ୍ଷା କରିଥିଲେ। କବି ସୁକୁମାର ଭୋଇଙ୍କ ଏହି କବିତାରେ କବି ଯେଭଳି ନିଜର ପାରିପାର୍ଶ୍ୱିକ ସ୍ଥିତିକୁ ଆତ୍ମସ୍ଥ ଭାବେ ଅନୁଶୀଳନ କରିଛନ୍ତି ଏବଂ ସରଳ ଭାବେ ଉଚ୍ଚକୋଟୀର କରିଛନ୍ତି ତାହା ହିଁ ସଂକଳନର ସ୍ୱାତନ୍ତ୍ର୍ୟ ବୋଲି ପ୍ରଫେସର ପାଣିଗ୍ରାହୀ କହିଥିଲେ। ଉତ୍ସବରେ ବହୁ ସାହିତ୍ୟ ପ୍ରେମୀ ଯୋଗଦାନ କରିଥିଲେ। ସିଦ୍ଧାର୍ଥ ଗୌତମ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

ପୁସ୍ତକ ଉନ୍ମୋଚନ ସମାରୋହରେ ଅତିଥିବୃନ୍ଦ।

ସଂହିତା, ସିଦ୍ଧାନ୍ତ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ

କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅଧ୍ୟାପିକା ଅଧ୍ୟାପକ।

ପାଇକମାଳ,୨୦।୩(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନ ପରିସରରେ ୬ ଦିନିଆ ସଂହିତା ଓ ସିଦ୍ଧାନ୍ତ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ସରକାରଙ୍କର ଆୟୁଷ ମନ୍ତ୍ରାଳୟ ଓ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଅନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଆଇଟିଆର୍‌ଏ ଜାମନଗର (ଗୁଜରାଟ)ର ପୂର୍ବତନ ଡିନ୍ ଏବଂ ସଂହିତା ଓ ସିଦ୍ଧାନ୍ତ ବିଭାଗର ମୁଖ୍ୟ ପ୍ରଫେସର ଡା. ରାମବାବୁ ରାମଧର ଦ୍ୱିବେଦୀ ମୁଖ୍ୟଅତିଥି ଏବଂ ଗୋମନ୍ତକ ଆୟୁର୍ବେଦ ମହାବିଦ୍ୟାଳୟ ଗୋଆର ସଂହିତା ଓ ସିଦ୍ଧାନ୍ତ ବିଭାଗର ମୁଖ୍ୟ ପ୍ରଫେସର ଡା. ବିଷ୍ଣୁପ୍ରିୟା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଡା. କ୍ଷୀରାବ୍ଧି ତନୟା ରାଉତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧାପିକା ଡା. ମୈତ୍ରୀ ପୁରୋହିତ ଏବଂ ଡା. ମଞ୍ଜରୀ ଚନ୍ଦ୍ରବଂଶୀ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଓଡିଶା, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଦିଲ୍ଲୀ, ବିହାର, ହରିୟାଣା, ଗୁଜରାଟ ଆଦି ରାଜ୍ୟରୁ ପ୍ରାୟ ୨୭ ଜଣ ଅଧାପିକା ଅଧାପକ ଅଂଶଗ୍ରହଣ କରିଛନ୍ତି। ସଂହିତା ଓ ସିଦ୍ଧାନ୍ତ ବିଭାଗର ସହକାରୀ ପ୍ରଫେସର ତଥା ସିଏମ୍‌ଇ କୋର୍ଡିନେଟର ଡା. ରାଜେଶ କୁମାର ଭାରତୀ, ସହକାରୀ ପ୍ରଫେସର ଡା. ପ୍ରିତମ ସାହୁ, ଡା. ମୋହନଲାଲ କେୱଟ, ଡା. ବିରେନ୍ଦ୍ର କୁମାର ଲେହେରୀ ସହଯୋଗ କରିଥିଲେ। ପ୍ରଫେସର ଡା. ଅଭିରାମ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାର ବିଭିନ୍ନ ଦିବସରେ ଡା. ପ୍ରଭଞ୍ଜନ ଆଚାର୍ଯ୍ୟ, ଡା. କ୍ଷୀରାବ୍ଧି ତନୟା ରାଉତରାୟ, ଡା. ମନୋଜ କୁମାର ସାହୁ, ଡା. ଶ୍ରୀବତ୍ସ, ଡା. ସାବିତ୍ରୀ, ଡା. ହରିଶ୍ଚନ୍ଦ୍ର ସିଂ କୁଶୱାହା, ଡା. ସୁଶିଲ କୁମାର ଉଦ୍ଧବରାଓ ୟାନେପାଲୁଆର, ଡା. ମନୋଜ କୁମାର ବିଠଲରାଓ ଚୌଧୁରୀ, ଡା. ଅବିଚଲ ଚଟୋପାଧ୍ୟାୟ, ଡା. ମହେଶ ବ୍ୟାସ ପ୍ରମୁଖ ପ୍ରଶିକ୍ଷଣ ଦେବେ ବୋଲି ଜଣାପଡିଛି।

ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କୁ ଭେଟିଲା ରେଳ ଉପଭୋକ୍ତା ସଂଘ

ବରଗଡ଼ ଅଫିସ,୨୦।୩

ବରଗଡ ଜିଲା ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ସୋମବାର ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କୁ ଭେଟିଛନ୍ତି। ଏହି ପ୍ରତିନିଧି ଦଳ ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି କରିଥିଲେ। ବରଗଡ ଓ ବଲାଙ୍ଗୀର ଜିଲାର ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ଦାବିକୁ ପୂରଣ କରିବାକୁ ସେମାନେ ଶର୍ମାଙ୍କୁ ନିବେଦନ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ବରଗଡ ଓ ବଲାଙ୍ଗୀରର ଜନସାଧାରଣଙ୍କୁ ଦିଲ୍ଲୀ ଯିବା ପାଇଁ କୌଣସି ସିଧାସଳଖ ଟ୍ରେନ୍ ସୁବିଧା ନ ଥିବାରୁ ତ୍ରି-ସାପ୍ତାହିକ ବିଶାଖାପାଟଣା-ଅମୃତସର 'ହୀରାକୁଦ' ଏକ୍ସପ୍ରେସକୁ ରାୟଗଡା, ଟିଲୋଗଡ ଓ ସମ୍ବଲପୁର ଦେଇ ଚଳାଇବା ତଥା ଏହି ଅଞ୍ଚଳରୁ ପ୍ରୟାଗରାଜ ପାଇଁ ଟ୍ରେନ୍ ବ୍ୟବସ୍ଥା କରିବାକୁ ଶର୍ମାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ସଂଘ ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଓ ସର୍ଦ୍ଦାର ପ୍ରିତମ ସିଂହ, ସମ୍ପାଦକ କମଳ ଯୋଷୀ ଓ କୋଷାଧ୍ୟକ୍ଷ ଅଭିଜିତ ପ୍ରତିହାର ଅଂଶଗ୍ରହଣ କରିଥିଲେ।

ଆଞ୍ଚଳିକ ସାହିତ୍ୟ ପରିଷଦ ପକ୍ଷରୁ ବିଶ୍ୱ ପଖାଳ ଦିବସ

ସରଣ୍ଡା,୨୦।୩(ଡି.ଏନ.ଏ.)

ଅତାବିରା ଆଞ୍ଚଳିକ ସାହିତ୍ୟ ପରିଷଦ ପକ୍ଷରୁ ରେଙ୍ଗଲି କ୍ୟାମ୍ପଠାରେ ସୋମବାର ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। ଏହି ଅବସରରେ ପରିଷଦ ସଭାପତି ଦଶରଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଶିଷ୍ଟ କବି ଶିବଶଙ୍କର ପୂଜାରୀ ମୁଖ୍ୟଅତିଥି, ନାରୀନେତ୍ରୀ ସୁଷମା ସାହୁ, ଡ଼ା. ପ୍ରଶାନ୍ତ କୁମାର ଦାଶ, ଅତାବିରା କୃଷକ ସଙ୍ଗଠନ ବ୍ଲକ ସଭାପତି ବୀରେନ୍ଦ୍ର କର ପ୍ରମୁଖ ସମ୍ମାନିତ ଅତିଥି ଏବଂ ଲରମ୍ବା ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଡ. ଅଜିତ କୁମାର ନାଥ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଡାକ୍ତର ଦାଶ ନିଜ ବାକ୍ତବ୍ୟରେ ପଖାଳର ଉପାଦେୟତା ସଂପର୍କରେ କହିଥିଲେ। ଶିକ୍ଷକ ଧର୍ମରାଜ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ସରୋଜ ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ସ୍ଥାନରୁ ଶତାଧିକ ମହିଳାପୁରୁଷ ଯୋଗ ଦେଇଥିଲେ।

ସଂକ୍ଷେପରେ

ମହିଳାଙ୍କୁ ବଳାତ୍କାର ଅଭିଯୋଗ: ୨ ଗିରଫ

କୁଚିଣ୍ଡା, ୨୦।୩(ଡି.ଏନ.ଏ.): ମହୁଲପାଲି ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଗଣ ବଳାତ୍କାର କରି ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ବଲଣ୍ଡା ଗ୍ରାମର ନିରାକାର କିଷାନ(୩୫) ଓ ବେଲମୁଣ୍ଡା ଗ୍ରାମର ଭୋଜରାଜ ରାଉତ(୫୨)। ସୋମବାର ଅଭିଯୁକ୍ତ ଦ୍ୱୟଙ୍କୁ କୁଚିଣ୍ଡା ଅତିରିକ୍ତ ଜିଲା ଦୌରା ଜଜ୍‌କୋର୍ଟକୁ ଚାଲାଣ କରାଯାଇଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ ରବିବାର ଅପରାହ୍ନରେ ମହିଳାଙ୍କୁ ଅଭିଯୁକ୍ତ ଦ୍ୱୟ ଘରୁ ଡ଼ାକିନେଇ ହାଣ୍ଡିଆ ପିଆଇଥିଲେ। ପରେ ବାହାନା କରି ନିକଟସ୍ଥ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ସନ୍ଧ୍ୟାରେ ମହିଳା ଜଣକ ଘରକୁ ଫେରି ସ୍ୱାମୀ ଓ ପରିବାରକୁ ଘଟଣା ସମ୍ପର୍କରେ କହିଥିଲେ। ଏ ନେଇ ଗାଁରେ ଏକ ସଭା ହୋଇଥିଲେ ବି ଅଭିଯୁକ୍ତ ଦ୍ୱୟ ସଭାକୁ ନ ଆସି ଲୁଚି ରହିଥିଲେ। ସୋମବାର ସକାଳେ ପୀଡିତା ମହିଳାଙ୍କ ସ୍ୱାମୀ ମହୁଲପାଲି ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଏକ ମାମଲା (ନଂ୩୫/୨୩) ରୁଜୁ କରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପ୍ରକାଶଥାଉ କି, ପୀଡିତା ମହିଳା ଜଣକ ୩ ସନ୍ତାନର ଜନନୀ ବୋଲି ଜଣାପଡିଛି।

କୁଟୁରାଟୁଆଁ କଲେଜ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

କୁଚିଣ୍ଡା, ୨୦।୩(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଟୁଆଁ ଯୁକ୍ତ ଦୁଇ କଲେଜରେ ସୋମବାର ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜ ଅଧ୍ୟକ୍ଷ ନୀଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତମ ଶିକ୍ଷା ଗ୍ରହଣ କରି କଲେଜର ନାମ ରଖିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଭାବନା ପାଣ୍ଡେ ସଭା ପରିଚାଳନ କରିଥିବା ବେଳେ ଅଧ୍ୟାପକ ସତ୍ୟନାରାୟଣ ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଏହି ସଭାରେ ଅଧ୍ୟାପକ ସୁଧୀର କୁମାର ନାଏକ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କମାରୀ ନାଏକ, ଗ୍ରନ୍ଥାଗାରିକ ଦେବାନନ୍ଦ ମହାପାତ୍ର, ପୁରାତନ ଛାତ୍ରୀ ହିନାରାଣୀ ମିଞ୍ଜ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ମାର୍ଗଦର୍ଶନ କରିଥିଲେ।

ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

ସମ୍ବଲପୁର, ୨୦।୩(ବ୍ୟୁରୋ): ଚଳିତ ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ବିରୋଧ କରି ସମ୍ବଲପୁର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଗୋଲବଜାର ଛକରେ ଯୁବମୋର୍ଚ୍ଚାର ସଦସ୍ୟାମାନେ ଏକାଠି ହୋଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ସରକାର ଖେଳ ଖେଳୁଛନ୍ତି। ଗଣଶିକ୍ଷା ମନ୍ତ୍ରୀ ଲିକ୍ ହୋଇନାହିଁ, ତ୍ରୁଟି ହୋଇଥିବା କହୁଛନ୍ତି। ପରୀକ୍ଷା ସମୟରେ ସ୍କୁଲ ପରିଦର୍ଶନ କରୁଛନ୍ତି। ହେଲେ ପ୍ରଶ୍ନପତ୍ର ଲିକ୍ ଉପରେ ରୋକ ଲଗାଇ ପାରୁନାହାନ୍ତି। ଅନ୍ୟପଟେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ଶିକ୍ଷା ବ୍ୟବସ୍ଥାରେ ଏଭଳି ଅବହେଳାକୁ ଯୁବମୋର୍ଚ୍ଚା ନିନ୍ଦା କରୁଛି ବୋଲି କହିଥିଲେ।

ଭାରତ ବିକାଶ ପରିଷଦ ପ୍ରାନ୍ତ ନିର୍ବାଚନ

ସମ୍ବଲପୁର, ୨୦।୩(ବ୍ୟୁରୋ): ଭାରତ ବିକାଶ ପରିଷଦ ପଶ୍ଚିମ ପ୍ରାନ୍ତ ବୈଠକ ସ୍ଥାନୀୟ ମହାନଦୀ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାନ୍ତ ଅଧ୍ୟକ୍ଷ ଡ. ବିନୋଦ ବିହାରୀ ନାଏକଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଏଥିରେ ସମ୍ବଲପୁର, ବୁର୍ଲା, ହୀରାକୁଦ, ଝାରସୁଗୁଡା, ହୀରାକୁଦ, ପଦ୍ମପୁର ଓ ଟିଟିଲାଗଡ଼ ଶାଖାର ସଭାପତି, ସମ୍ପାଦକ ଓ କୋଷାଧକ୍ଷମାନେ ଯୋଗ ଦେଇଥିଲେ। ସେମାନେ ନିଜ ଶାଖାଗୁଡିକର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ପରିଷଦର ପୂର୍ବ କ୍ଷେତ୍ର ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ମୁଖ୍ୟଅତିଥି ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଡ. ବିନୋଦ ବିହାରୀ ନାଏକ ପ୍ରାନ୍ତ ଅଧ୍ୟକ୍ଷ, ପ୍ରକାଶ କୁମାର ପଟ୍ଟନାୟକ ପ୍ରାନ୍ତ ସାଧାରଣ ସମ୍ପାଦକ ଓ ଅବନୀ କୁମାର ପାଣିଗ୍ରାହୀ ଅର୍ଥସଚିବ ଭାବରେ ସର୍ବସମ୍ମତି କ୍ରମେ ନର୍ବାଚିତ ହୋଇଥିଲେ।

ନିଶା ବ୍ୟବସାୟୀଙ୍କ ୧୬ ଘର ଭାଙ୍ଗିଲା ପୋଲିସ

ସମ୍ବଲପୁରରେ ବୁଲିଲା ବୁଲ୍‌ଡୋଜର

ସମ୍ବଲପୁର, ୨୦।୩(ବ୍ୟୁରୋ)

ବେଆଇନ ଭାବେ ନିଶା ବ୍ୟବସାୟ ସହ ବିଭିନ୍ନ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ସମ୍ବଲପୁର ଟାଉନ ଥାନା ସାହୁ କଲୋନୀ ଝୁପୁଡିପଡ଼ାରେ ସୋମବାର ପୋଲିସ ବୁଲ୍‌ଡୋଜର ଚଳାଇଛି। ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଦଳ ସହିତ ପୋଲିସ ୧୬ ଘର ଭାଙ୍ଗି ମାଟିରେ ମିଶାଇଦେଇଛି। ଘର ଭାଙ୍ଗିବା ସମୟରେ ବସ୍ତିବାସିନ୍ଦା ବିରୋଧ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ହେଲେ ପୋଲିସ ଲୋକଙ୍କୁ ବୁଝାଇବାକୁ ଯାଇ ପୂର୍ବରୁ ନୋଟିସ ଦିଆଯାଇଥିଲା। ଏହା ସରକାରୀ ଜମି। ମହାନଗର ନିଗମ ଏହି ଜମି ଉପରେ ବିକାଶମୂଳକ କାମ କରିବ କହି ଘର ଭାଙ୍ଗି ଦେଇଥିଲା।

ସାହୁ କଲୋନୀରେ ଘର ଭାଙ୍ଗି ଦିଆଯାଉଛି ।

ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି, ଏହି ପଡ଼ାରେ ବହୁ ମାତ୍ରାରେ ନିଶା କାରବାର ଚାଲିଥିଲା। କଫ ସିରପ, ଡ୍ରଗ୍ସ ସହ ଅନ୍ୟାନ୍ୟ ନିଶା ବେପାର ହେଉଥିଲା। ପୂର୍ବରୁ ପଡାର ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଏବେ ମଧ୍ୟ କେତେଜଣ ଅଭିଯୁକ୍ତ ଜେଲରେ ଅଛନ୍ତି। ଯେତେ ବାରଣ କଲେ ମଧ୍ୟ ସେମାନେ ମାନୁ ନ ଥିଲେ। ସ୍ଥାନୀୟ ଲୋକମାନେ ମଧ୍ୟ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଅଭିଯୋଗ କରିଆସୁଥିଲେ। ବାହାରେ ବଡ ଘର କରି ରହୁଥିବା ବ୍ୟକ୍ତିମାନେ ମଧ୍ୟ ଆପରାଧିକ କାର୍ଯ୍ୟ କରିବା ପାଇଁ ଏଠାରେ ଘର କରି ରହୁଥିଲେ। ମହାନଗର ନିଗମ ଉଚ୍ଛେଦ କରିବା ପାଇଁ ସହମତି ପ୍ରକାଶ କରିଥିଲା। ତଦନୁଯାୟୀ ସୋମବାର ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ଯଦି କିଛି ଘର ରହିଯିବ ତାହାକୁ ଆଗାମୀ ଦିନରେ ଭାଙ୍ଗିଦିଆଯିବ ବୋଲି ସେ କହିଥିଲେ। ଉତ୍ତେଜନାକୁ ଦେଖି ଘଟଣାସ୍ଥଳରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଏସ୍‌ଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।

ଏଆଇଡିଏସ୍‌ଓ ପକ୍ଷରୁ ନିନ୍ଦା

ଦଶମ ଶ୍ରେଣୀ ସମ୍ପେଟିଭ-୨ ପରୀକ୍ଷା ପରିଚାଳନାରେ ତ୍ରୁଟି

ବଲାଙ୍ଗୀର ଅଫିସ, ୨୦।୩

ଚଳିତବର୍ଷ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସମ୍ପେଟିଭ-୨ ପରୀକ୍ଷାର ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ରରେ ଯେଉଁଭଳି ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଛି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ ପକ୍ଷରୁ କୁହାଯାଇଛି। ମାଟ୍ରିକ ପରୀକ୍ଷା ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଗଢିବାର ପ୍ରଥମ ପାହାଚ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ପରୀକ୍ଷା ପରିଚାଳନାରେ ତ୍ରୁଟି ଏବଂ ବୋର୍ଡ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଛାତ୍ରୀଛାତ୍ରମାନଙ୍କୁ ଆଶଙ୍କା ଭିତରକୁ ଠେଲି ଦେଉଛି। ଏଭଳି ଗୁରୁତର ତ୍ରୁଟିକୁ ବୋର୍ଡ କର୍ତ୍ତୃପକ୍ଷ ଗଣମାଧ୍ୟମ ସମ୍ମୁଖରେ ଏହା ମୁଦ୍ରଣଜନିତ ତ୍ରୁଟି ଦର୍ଶାଇବା ଦୁର୍ଭାଗ୍ୟଜନକ । ଛାତ୍ରୀଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥକୁ ଆଖି ଆଗରେ ରଖି ଦଶମ ଶ୍ରେଣୀ ସମ୍ପେଟିଭ-୨ ପରୀକ୍ଷା ତ୍ରୁଟିପୂର୍ଣ୍ଣ ପ୍ରଶ୍ନପତ୍ର ପ୍ରକାଶନରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ତ୍ରୁଟିପୂର୍ଣ୍ଣ ପ୍ରଶ୍ନପତ୍ର ପାଇଥିବା ଛାତ୍ରୀଛାତ୍ର ମାନଙ୍କ ପରୀକ୍ଷା ଖାତାର ସଠିକ୍ ମୂଲ୍ୟାୟନ କରି ଫଳ ପ୍ରକାଶନ କରାଯାଉ। ବୋର୍ଡର ପ୍ରଶ୍ନପତ୍ର ପ୍ରକାଶ ଓ ସମ୍ପୂର୍ଣ୍ଣ ପରୀକ୍ଷା ପରିଚାଳନାରେ ଆଉଟ୍ ସୋର୍ସିଂ ବନ୍ଦ କରାଯାଉ, ବୋର୍ଡ କର୍ତ୍ତୃପକ୍ଷ ନିଜର ଖାମଖିଆଲି ମନୋବୃତ୍ତିରୁ ନିବୃତ୍ତ ରହିବା ଆଦି ୪ ଦଫା ଦାବିପତ୍ର ଏଆଇଡିଏସ୍‌ଓ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କ ଜରିଆରେ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓ ରାଜ୍ୟ ଉପସଭାପତି ସୁନୀଲ ଭୋଇ, ଜିଲା ସଭାପତି ମଧୁସୂଦନ ବାଗ, ଗୌରୀ ରାଉତ ଉପସ୍ଥିତ ଥିଲେ।

ନାମ ସଂକୀର୍ତ୍ତନର ମୌଳିକତା ଅକ୍ଷୁଣ୍ଣ ରହୁ

ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ତ୍ରୟୋଦଶ ବାର୍ଷିକୋତ୍ସବ

ସମ୍ବଲପୁର, ୨୦।୩(ବ୍ୟୁରୋ)

ହରିନାମ ସଂକୀର୍ତ୍ତନ ଚିତ୍ତଶୁଦ୍ଧି, ମନ ନିର୍ମଳ ଓ ଇନ୍ଦ୍ରିୟକୁ ଆଧ୍ୟାତ୍ମିକ ଚିନ୍ତନରେ ଆବଦ୍ଧ କରି ରଖିଥାଏ। କିନ୍ତୁ ଏବେ କୀର୍ତ୍ତନ ମନୋରଞ୍ଜନର ମାଧ୍ୟମ ହୋଇଛି। ତେଣୁ ପ୍ରତ୍ୟେକ କଳାକାର ଏହାର ମୌଳିକତା ବଞ୍ଚାଇ ରଖିବାକୁ ଉଦ୍ୟମ କରିବା ଆବଶ୍ୟକ। ମାନେଶ୍ୱର ବ୍ଲକ ପରମାଣପୁରଠାରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ତ୍ରୟୋଦଶ ବାର୍ଷିକ ଉତ୍ସବରେ ବକ୍ତାମାନେ ଏହି ଆହ୍ୱାନ ଦେଇଛନ୍ତି। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୀର୍ତ୍ତନର ପରମ୍ପରାକୁ ବଜାୟ ରଖିବା ପାଇଁ କଳାକାରମାନଙ୍କୁ ପରାମର୍ଶ ଦେଇଥିଲେ। ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ, ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ଆମ ରାଜ୍ୟକୁ ଆସିଥିବା ନାମ ସଂକୀର୍ତ୍ତନର ଚେର ପଶ୍ଚିମ ଓଡ଼ିଶାରେ ବହୁ ଗଭୀରକୁ ପ୍ରବେଶ କରିଛି। ଖଟିଖିଆ କୃଷିଜୀବୀମାନେ ଦିନତମାମ ପରିଶ୍ରମ କରି ସନ୍ଧ୍ୟାରେ କିଛି ସମୟ ବୈଠକୀ ଘରେ କିମ୍ବା ଭାଗବତ ଟୁଙ୍ଗୀରେ କୀର୍ତ୍ତନ କରି ଭଗବତ ପ୍ରେମରେ ମଜ୍ଜି ରହୁଥିଲେ। ତେବେ ଏ କଳାର ବର୍ତ୍ତମାନ ଅବକ୍ଷୟ ଘଟୁଛି। ତେଣୁ ଏହା ଯେପରି କଳୁଷିତ ନ ହେବ, ଆଧ୍ୟାତ୍ମିକ ଚେତନାର ପ୍ରକୃତ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇହେବ, ସେ ଦିଗରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ସଂକୀର୍ତ୍ତନରେ କିପରି ଲୋକଗୀତର ଛାପ ଅଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ପ୍ରବୋଧ କୁମାର ରଥ, କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା, ମାନେଶ୍ୱର ବ୍ଲକ ଉପାଧ୍ୟକ୍ଷ ନରେନ୍ଦ୍ର କୁମାର ମିଶ୍ର ଓ ପରମାଣପୁର ସରପଞ୍ଚ ମହେନ୍ଦ୍ର କୁମାର ନାଥ ସମ୍ମାନିତ ଅତିଥି ଥିଲେ। ଏହି ଅବସରରେ ପ୍ରକାଶିତ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରିଷଦର ସଭାପତି ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଅଧ୍ୟାପକ ତୁଷାର ରଞ୍ଜନ ବାରିକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ଲୋକନାଥ ମିଶ୍ର ବିବରଣୀ ପାଠ ଓ ସନ୍ତୋଷ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ଅଧିବେଶନରେ କଣ୍ଟାବାଞ୍ଜି ଶ୍ରୀ ରାଧାମାଧବ ମନ୍ଦିରର ମହନ୍ତ ଅଦ୍ୱୈତ ଚରଣ ଦାସ ମୁଖ୍ୟଅତିଥି, ଉତ୍ତର ପ୍ରଦେଶର ଚମ୍ବଲ ପୀଠଧିଶ ମହନ୍ତ ସୁନ୍ଦର ଦାସ, ଝାଡ଼ଖଣ୍ଡ ରାମରେଖା ଧାମର ବାବା ଉମାକାନ୍ତ ପ୍ରପନ୍ନ ଜୀ, ବଲାଙ୍ଗୀର ଜିଲା ଖୁଟଲିମୁଣ୍ଡାର ବାବା ସରଜୁ ଦାସ ଓ ବାବା ସଦାନନ୍ଦ ସମ୍ମାନିତ ଅତିଥି ଥିଲେ। ୨୦୨୩ବର୍ଷ ପାଇଁ କନ୍ଧମାଳ ଜିଲାର କୀର୍ତ୍ତନ ଗୁରୁ ଗୁପ୍ତେଶ୍ୱର କହଁରଙ୍କୁ ଶ୍ରୀଚୈତନ୍ୟ ପୁରସ୍କାର, ବଲାଙ୍ଗୀର ଜିଲାର ଭରତ ଚନ୍ଦ୍ର ସାହୁଙ୍କୁ ଗାୟକ ରତ୍ନ ସମ୍ମାନ ଓ କଳାହାଣ୍ଡି ଜିଲାର ଜିତେନ୍ଦ୍ର ପୁଞ୍ଜିଙ୍କୁ ବାୟକ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ପରମାଣପୁରର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ବ୍ରଜେନ୍ଦ୍ର କୁମାର ମିଶ୍ର, କଳାକାର କାହ୍ନୁଚରଣ ନାଥ ଓ କବି ବିଭୁତି ନାଥ, ବଳରାମ ମାହାନା ଏବଂ ସୁରଥ ମିଶ୍ର, ପରିଷଦର ଉପଦେଷ୍ଟା ଲଳିତ ଭୋଇ, ରାଜେନ୍ଦ୍ର ବେହେରା, ରାଜେନ୍ଦ୍ର ଅଗ୍ରୱାଲ, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ଗୁରୁ ଗୁଣାକର ଶତପଥି, ରାଧାକାନ୍ତ ପାଣିଗ୍ରାହୀ, ଅରୁଣ କୁମାର ସାହୁ, ସବିତା ପାଣିଗ୍ରାହୀ, ଦିଲୀପ ବଢ଼େଇ ପ୍ରମୁଖ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୧ ଜିଲାରୁ କଳାକାରମାନେ କୀର୍ତ୍ତନ ପରିବେଷଣ କରିଥିଲେ।

ସଂକୀର୍ତ୍ତନ ପରିଷଦ ବାର୍ଷିକ ଉତ୍ସବରେ ସ୍ମରଣିକା ଉନ୍ମୋଚନ କରାଯାଉଛି ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

ପଡିଆବାହାଲ, ୨୦।୩(ଡି.ଏନ.ଏ.)

ଜମନକିରା ବ୍ଲକ ମୁଣ୍ଡେନପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୧ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କୁସୁମୀ ଋଷିକୁଳ ଆଶ୍ରମ ଅଧ୍ୟକ୍ଷ ସ୍ୱାମୀ ଜୀବନମୁକ୍ତା ନନ୍ଦ (ପୁରୀ) ମୁଖ୍ୟଅତିଥି, ସମ୍ବଲପୁର ଜିଲା କ୍ରୀଡା ସଂଘର ଉପ ସଭାପତି ତଥା ଓଡିଶା ଅଲିମ୍ପିକ ଆସୋସିଏଶନର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଓ ସାମାଜିକ କର୍ମୀ ଡା . ରାଜାରାମ ଷଡଙ୍ଗୀ, ମୁଣ୍ଡେନପାଲି ସମିତିସଭ୍ୟା ରୀତା କିଷାନ, ମୁଣ୍ଡେନପାଲି ସରପଞ୍ଚ ରାଜେଶ ଭୁଏ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ସଭାପତି ସରୋଜ ନାଥ ଓ ସମ୍ପାଦକ ରଞ୍ଜନ ନାଥଙ୍କ ତତ୍ତ୍ୱାବଧାନରେ ଉତ୍ସବ ପାଳନ ହୋଇଥିଲା। ଉପଦେଷ୍ଟା ଅବିନାଶ ଚନ୍ଦ୍ର ଶର୍ମା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଜ୍ୟୋତିର୍ମୟୀ ବାଗ ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ ତଥା କର୍ମଚାରୀ ସହଯୋଗ କରିଥିଲେ।

ଝୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ଘୁଡଘୁଡି ପଟିରେ ଚଢାଉ: ଜଣେ ଗିରଫ, ୪୪୪୭୦ ଟଙ୍କା ଜବତ

ରେଙ୍ଗାଲି, ୨୦।୩(ଡି.ଏନ.ଏ.)

ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଡେରବାଠାରେ ଘୁଡଘୁଡି ପଟିରେ ପୋଲିସ ଚଢାଉ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ସୁନ୍ଦରଗଡ ଜିଲା କୁଡ଼ା ଗ୍ରାମର ଇକ୍‌ବାଲ ଖାନ (୩୮)। ତାଙ୍କଠାରୁ ୪୪୪୭୦ ଟଙ୍କା ଓ ପ୍ଲାଷ୍ଟିକ ବାଲଟି, ଘୁଡଘୁଡି ପଟି, ଦୁଇଗୋଟି ଲୁଡୁ ଗୋଟି ଜବତ ହୋଇଛି। ସୂଚନା ଅନୁସାରେ ରବିବାର ଡେରବା ଗ୍ରାମରେ ଧନୁଯାତ୍ରା ଚାଲିଥିବାରୁ ବହୁ ଲୋକଙ୍କ ସମାଗମ ହୋଇଥିଲା। ମିନା ବଜାରରେ ମଧ୍ୟ ଭିଡ ଦେଖିବାକୁ ମିଳିଥିଲା। ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ହୋଇଥିଲେ। ମିନାବଜାର ଅନତି ଦୂରରେ ଘୁଡଘୁଡି ପଟି ଜୁଆଖେଳ ଚାଲୁଥିବାବେଳେ ପୋଲିସ ଅଚାନକ ଚଢାଉ କରିଥିଲା।

ଡୁମାଳ ପରିଷଦ ଓଡ଼ିଶା ପୁନଃ ଗଠନ ପାଇଁ ପ୍ରସ୍ତୁତି

ସମ୍ବଲପୁର, ୨୦।୩(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ମାନଧାତା ମନ୍ଦିର ପ୍ରାଙ୍ଗଣରେ ଡୁମାଳ ପରିଷଦ ଓଡ଼ିଶା ପୁନଃ ଗଠନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରଗଡ ଜିଲା ସଭାପତି ଦୟା ସାଗର ମେଣ୍ଡୋଲି ଅଧ୍ୟକ୍ଷତା କରିଥିଲେ। ପୂର୍ବ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଦେବାର୍ଚ୍ଚନ ଚାଉଲିଆ ଉପସ୍ଥିତ ଥିଲେ। ଆଲୋଚନା କରାଯାଇ ଆସନ୍ତା ଏପ୍ରିଲ ୨୩ରେ ସୋନପୁର ଜିଲା ସଦରମହକୁମାରେ ରାଜ୍ୟ କମିଟି ଗଠନ କରାଯିବ। ଏଥିରେ ସମସ୍ତ ରାଜ୍ୟ ପ୍ରତିନିଧି, ଜିଲା ସଭାପତି ସମ୍ପାଦକ, କେନ୍ଦ୍ର ସଭାପତି, ସମ୍ପାଦକ ଅଂଶଗ୍ରହଣ କରିବେ। ରାଜ୍ୟ ନିର୍ବାଚନ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା। ସମ୍ବଲପୁର ଜିଲା ସମ୍ପାଦକ ଗଙ୍ଗାଧର ବଘାର୍, ବୌଦ୍ଧ ଜିଲା ସମ୍

ବିସ୍‌ଲେରି ସମ୍ଭାଳିବେ ଜୟନ୍ତୀ

ନୂଆଦିଲ୍ଲୀ: ଦେଶର ପ୍ରମୁଖ ପାନୀୟ ଜଳ କମ୍ପାନୀ ବିସ୍‌ଲେରିର ଅଧ୍ୟକ୍ଷା ଭାବେ ଜୟନ୍ତୀ ଚୌହ୍ୱାନଙ୍କ ନାମ ଘୋଷଣା କରାଯାଇଛି। ଫଳରେ ଜୟନ୍ତୀ ବର୍ତ୍ତମାନ ବିସ୍‌ଲେରି ସମ୍ଭାଳିବେ ବୋଲି ଚର୍ଚ୍ଚା ହେଉଛି। ବିଶେଷ କରି କମ୍ପାନୀର ମାଲିକ ରମେଶ ଚୌହ୍ୱାନଙ୍କ ଝିଅ ଜୟନ୍ତୀ ବହୁ ଅନିଚ୍ଛା ସତ୍ତ୍ୱେ ପଦ ସମ୍ଭାଳିବେ ବୋଲି ସୂଚନା ମିଳିଛି। କାରଣ ପୂର୍ବରୁ ସେ ଉକ୍ତ ଦାୟିତ୍ୱ ନେବାକୁ ରାଜି ହେଉ ନ ଥିଲେ। ଏପରିକି ୪୨ ବର୍ଷୀୟା ଜୟନ୍ତୀ ଜଣେ ଉଚ୍ଚଶିକ୍ଷିତ ତଥା ବିଦେଶୀ ପରିବେଶରେ ବଡ ହୋଇଥିବାରୁ ସେ ବିଦେଶରେ କିଛି କରିବାକୁ ଆଗ୍ରହ ପ୍ରକାଶ କରୁଥିଲେ। ଅପରପକ୍ଷରେ ଭାରତର ପାନୀୟ ଜଳ ବୋତଲ ବଜାରର ୬୦% ଅଂଶ ବିସଲେରିର କବଜାରେ ରହିଛି।

୨ ଲକ୍ଷ କୋଟି ହରାଇଲେ ନିବେଶକ

ନୂଆଦିଲ୍ଲୀ,୨୦।୩

ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ମାନ୍ଦାବସ୍ଥାର ପ୍ରଭାବ ଘରୋଇ ପୁଞ୍ଜି ବଜାର ଉପରେ ପଡୁଥିବା ଦେଖାଦେଇଛି। ଏପରିକି ସୋମବାର ଭାରତୀୟ ଶେୟାର ବଜାର କାରବାର ହ୍ରାସ ସହ ବନ୍ଦ ହୋଇଛି। ଫଳରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ୩୦ ଶେୟାରବିଶିଷ୍ଟ ସୂଚକାଙ୍କ ସେନସେକ୍ସ ୩୬୦.୯୫ ପଏଣ୍ଟ ହ୍ରାସ ସହ ୫୭,୬୨୮.୯୫ ଅଙ୍କରେ କାରବାର ବନ୍ଦ କରିଛି। ଏପରିକି ସେନସେକ୍ସର ୩୦ରୁ ୨୩ ଶେୟାରର କାରବାର କ୍ଷତିରେ ବନ୍ଦ ହୋଇଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି ୧୧୧.୬୫ ପଏଣ୍ଟ ଖସି ୧୬,୯୮୮.୪୦ ଅଙ୍କରେ କାରବାର ବନ୍ଦ ହୋଇଛି, ଏଥିରେ ସାମିଲ ୫୦ ଶେୟାର ମଧ୍ୟରୁ କେବଳ ୧୦ ଶେୟାରର ବଜାର ଅଂଶ ଲାଭ କରିଥିବା ବେଳେ ୪୦ ଶେୟାରର କାରବାର ହ୍ରାସରେ ବନ୍ଦ ହୋଇଛି। ବିଶେଷ କରି ବିଏସଇରେ ସୂଚୀବଦ୍ଧ କମ୍ପାନୀଗୁଡିକର ମୋଟ ବଜାର ପୁଞ୍ଜି ସୋମବାର ହ୍ରାସ ହୋଇ ୨୫୫.୫୪ ଲକ୍ଷ କୋଟି ଟଙ୍କାକୁ ଖସି ଆସିଛି। ପୂର୍ବ କାରବାର ଦିନରେ ଏହାର ପରିମାଣ ୨୫୭.୫୨ ଲକ୍ଷ କୋଟି ଟଙ୍କା ରହିଥିଲା। ଏପରିକି ବିଏସଇରେ ଲିଷ୍ଟେଡ୍ କମ୍ପାନୀଗୁଡିକର ମାର୍କେଟ୍ କ୍ୟାପ ସୋମବାର ପ୍ରାୟ ୨ (୧.୯୮) ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି।

ଅପରପକ୍ଷରେ ବଜାର ବିଶେଷଜ୍ଞଙ୍କ କହିବା ଅନୁସାରେ ଆମେରିକାର ବ୍ୟାଙ୍କିଙ୍ଗ୍ ସଂକଟକୁ ନେଇ ନିବେଶକମାନେ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ଏପରିକି ବିଶ୍ୱରେ ବ୍ୟାଙ୍କିଙ୍ଗ ସଂକଟକୁ ନେଇ ଚିନ୍ତା ଏବଂ ବିଶ୍ୱ ବଜାରରେ ନକାରାତ୍ମକ ସଂକେତ ମଧ୍ୟରେ ଆର୍ଥିକ, ସୂଚନା ପ୍ରଯୁକ୍ତି ଏବଂ ପୁଞ୍ଜିଗତ ବସ୍ତୁର ଶେୟାରରେ ଅଧିକ ବିକ୍ରି ଯୋଗୁ ଏଭଳି ହ୍ରାସ ଦେଖିବାକୁ ମିଳିଛି। ତେବେ ଫେଡେରାଲ ରିଜର୍ଭ ଏବଂ ଅନ୍ୟ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ବ୍ୟାଙ୍କିଙ୍ଗ ସଂକଟକୁ ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ସୂଚନାଯୋଗ୍ୟ ଏସିଆର ଅନ୍ୟ ବଜାର ମଧ୍ୟରେ ହଂକଂର ହେଂସେଂ, ଜାପାନର ନିକ୍କି, ଚାଇନାର ସାଂଘାଇ ସମ୍ପୋଜିଟ୍ ଏବଂ ଦକ୍ଷିଣ କୋରିଆର କାସ୍ପି କାରବାର ଶେଷରେ ହ୍ରାସ ସହ ବନ୍ଦ ହୋଇଛି।

୯ହଜାର ଛଟେଇ କରିବ ଆମାଜନ

ନୂଆଦିଲ୍ଲୀ,୨୦।୩

ବହୁ ରାଷ୍ଟ୍ରୀୟ ଇ-କମର୍ସ କମ୍ପାନୀ ଆମାଜନ୍ ପୁଣି ଥରେ ହଜାର ହଜାର କର୍ମଚାରୀଙ୍କୁ ଛଟେଇ କରିବା ନେଇ ଯୋଜନା କରୁଥିବା ଜଣାପଡିଛି। ଏପରିକି ସୋମବାର ଏ ନେଇ ଆମାଜନ ସିଇଓ ଆଣ୍ଡି ଜେସି କହିଛନ୍ତି, ଚଳିତ ମାସ ଶେଷ ସୁଦ୍ଧା କମ୍ପାନୀ ପ୍ରାୟ ୯ ହଜାର କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା କରୁଥିବା ଜଣାପଡିଛି। ବିଶେଷ କରି ବର୍ତ୍ତମାନର ମାନ୍ଦାବସ୍ଥାକୁ ଦୃଷ୍ଟିରେ ରଖି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରୁଥିବା ଆଶଙ୍କା କରାଯାଉଛି। ସେହିଭଳି କମ୍ପାନୀ ଗତ କିଛି ବର୍ଷ ମଧ୍ୟରେ ପର୍ଯ୍ୟାପ୍ତ ନିଯୁକ୍ତି ଦେଇଛି କିନ୍ତୁ ଅନିଶ୍ଚିତ ଅର୍ଥବ୍ୟବସ୍ଥା ଯୋଗୁ ଖର୍ଚ୍ଚ ଏବଂ କର୍ମଚାରୀଙ୍କ ସଂଖ୍ୟାରେ କାଟ୍ କରିବାରେ ବାଧ୍ୟ ହୋଇଛି। ତେବେ ଏହା କମ୍ପାନୀ ଇତିହାସରେ ୨ୟ ସବୁଠୁ ବଡ଼ ଛଟେଇ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଏହାପୂର୍ବରୁ ମଧ୍ୟ କମ୍ପାନୀ ଗତ ବର୍ଷ ନଭେମ୍ବରରେ ୧୮ହଜାର କର୍ମଚାରୀଙ୍କ ଛଟେଇ ନେଇ ଘୋଷଣା କରିଥିଲା।

ସାଇ ଇଣ୍ଟରନ୍ୟାଶନାଲ ହୋଟେଲ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୨୦।୩(ଡି.ଏନ୍.ଏ.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ରବିବାର ସାଇ ଇଣ୍ଟରନ୍ୟାଶନାଲ ହୋଟେଲ ଉଦ୍‌ଘାଟିତ ହୋଇଯାଇଛି। ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧିକ୍ଷକ ଏସ୍.ସ୍ୱାତି କୁମାର ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଶେଷ କରି ଶିଳ୍ପବିହୀନ ଗଜପତି ଜିଲାରେ ପର୍ଯ୍ୟଟନ ଏକମାତ୍ର ଉତ୍ସ ହୋଇଥିବା ବେଳେ ପର୍ଯ୍ୟଟକଙ୍କ ରହିବା ଏବଂ ବୁଲିବାର କୌଣସି ସୁବିଧା ନ ଥିଲା। ହେଲେ ସାଇ ଇଣ୍ଟରନ୍ୟାଶନାଲ ହୋଟେଲ ଉଦ୍‌ଘାଟନ ହେବାରୁ ବର୍ତ୍ତମାନ ପର୍ଯ୍ୟଟକମାନେ ସମସ୍ତ ସୁବିଧା ପାଇପାରିବେ। ଏଠାରେ ପର୍ଯ୍ୟଟକଙ୍କୁ ଆରାମଦାୟକ ରହିବା, ଖାଇବା, ପିଇବାର ସମସ୍ତ ବ୍ୟବସ୍ଥା ରହିଛି। ଜିଲାରେ ପ୍ରଥମ ଥର ପାଇଁ ତିନିତାରକା ହୋଟେଲ ଖୋଲିଛି। ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟୋଗର ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି ।

ଜେଏସ୍‌ପିକୁ ପ୍ରଥମ ସ୍ୱତନ୍ତ୍ର ବିଆଇଏସ୍ ଲାଇସେନ୍ସ

ଭୁବନେଶ୍ୱର,୨୦।୩

ଦେଶର ଅଗ୍ରଣୀ ଇସ୍ପାତ ନିର୍ମାତା 'ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର' (ଜେଏସ୍‌ପି)କୁ ନିକଟରେ ସ୍ୱତନ୍ତ୍ର ବିଆଇଏସ୍ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବିଶେଷକରି କମ୍ପାନୀର ଛତିଶଗଡ଼ ରାଇଗଡସ୍ଥିତ ରେଳ ମିଲ୍ ଏବଂ ସ୍ପେଶାଲ ପ୍ରୋଫାଇଲ୍ ମିଲ୍‌ରେ ଭାରତର ପ୍ରଥମ ଅଗ୍ନି ପ୍ରତିରୋଧକ ଷ୍ଟିଲ୍ ନିର୍ମାଣ ପାଇଁ ଉକ୍ତ ପ୍ରମାଣପତ୍ର ଦିଆଯାଇଛି। ଏପରିକି ବିଆଇଏସ୍ ୧୫୧୦୩ ଗ୍ରେଡ ଅନୁଯାୟୀ ନିର୍ମିତ ହଟ୍ ରୋଲ୍ ଷ୍ଟ୍ରକଚରାଲ୍ ଷ୍ଟିଲ୍ ଉଚ୍ଚ ତାପମାତ୍ରା କିମ୍ବା ଅଗ୍ନିପ୍ରବଣ ଅଞ୍ଚଳ ପାଇଁ ବ୍ୟବହୃତ ହୋଇପାରିବ। ଫଳରେ ଏହା ସର୍ବାଧିକ ୩ ଘଣ୍ଟା ପର୍ଯ୍ୟନ୍ତ ୬୦୦ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ତାପମାତ୍ରାକୁ ସହ୍ୟ କରିପାରିବ। ସେହିଭଳି ଇସ୍ପାତ ଷ୍ଟ୍ରକ୍‌ଚର ଡିଜାଇନରେ ଅଗ୍ନି ସୁରକ୍ଷା ଏକ ଚ୍ୟାଲେଞ୍ଜ ହୋଇଥିବା ବେଳେ ଅଗ୍ନି ପ୍ରତିରୋଧକ ଇସ୍ପାତର ଉପଲବ୍ଧତା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଯଥା ରିଫାଇନାରୀ, ବ୍ରିଜ୍, ମେଟ୍ରୋ ପ୍ରୋଜେକ୍ଟ, ଇଣ୍ଡଷ୍ଟ୍ରିଆଲ୍ ଷ୍ଟ୍ରକଚର ଏବଂ ଷ୍ଟିଲ୍ ଆଣ୍ଡ ପାୱାର ପ୍ଲାଣ୍ଟ ତଥା ଡାକ୍ତରଖାନା, ବାଣିଜ୍ୟିକ ଏବଂ ଆବାସିକ ଅଟ୍ଟାଳିକାର ଡିଜାଇନ ତଥା ନିର୍ମାଣରେ ସହାୟକ ହେବ। ଏ ସମ୍ପର୍କରେ ଜେଏସପିର ଏମଡି ବିମଲେନ୍ଦ୍ର ଝା କହିଛନ୍ତି, ଅଗ୍ନି ପ୍ରତିରୋଧକ ଷ୍ଟିଲ ଉତ୍ପାଦନ ପାଇଁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରକୁ ଦିଆଯାଇଥିବା ଲାଇସେନ୍ସ ଭାରତର ଭିତ୍ତିଭୂମି ତଥା ଏହାର ସୁରକ୍ଷା ମାନକୁ ଦୃଢ଼ କରିବାରେ ସହାୟକ ହେବ। ଉଲ୍ଲେଖଯୋଗ୍ୟ ନୂଆଦିଲ୍ଲୀର ବାଣିଜ୍ୟ ଭବନଠାରେ ଆୟୋଜିତ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଅବସରରେ ବିଏସ୍ ସାର୍ଟିଫିକେଟ୍‌ପାଇଁ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରକୁ ଉକ୍ତ ଲାଇସେନ୍ସ ଆନୁଷ୍ଠାନିକ ଭାବେ ପ୍ରଦାନ କରାଯାଇଥିଲା।

'ଏମ୍ପ୍ଲୟି ୱେଲ୍‌ନେସମ ଆଣ୍ଡ ଲାଇଫଷ୍ଟାଇଲ ପ୍ରୋଗ୍ରାମ'

ଭୁବନେଶ୍ୱର,୨୦।୩

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ 'ଏମ୍ପ୍ଲୟି ୱେଲ୍‌ନେସ ଆଣ୍ଡ ଲାଇଫଷ୍ଟାଇଲ ପ୍ରୋଗ୍ରାମ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଶ୍ୱ ଖୁସି ଦିବସ ଅବସରରେ କମ୍ପାନୀ ତା'ର କର୍ମଚାରୀ ଏବଂ ସେମାନଙ୍କ ପରିବାରର କଲ୍ୟାଣ ଓ ଜୀବନରେ ଉନ୍ନତି ଆଣିବା ପାଇଁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମର ଅୟମାରମ୍ଭ କରିଛି, କର୍ମଚାରୀ ସୁସ୍ଥତା ଓ ଜୀବନଶୈଳୀ ସହ କାର୍ଯ୍ୟକ୍ରମ 'ଉମଙ୍ଗ'ର ଶୁଭାରମ୍ଭ ହୋଇଯାଇଛି। ଏଥିପାଇଁ ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତିବିଦ୍ୟା କମ୍ପାନୀ 'ମନ୍ତ୍ରା କେୟାର' ସହ ବେଦାନ୍ତ ସହଭାଗିତା ଘୋଷଣା କରିଥିବା ଜଣାପଡିଛି। ସେହିଭଳି କମ୍ପାନୀ ତା'ର ସ୍ୱାସ୍ଥ୍ୟ ବିଭାଗ ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ। ସେଥିପାଇଁ କମ୍ପାନୀ ବର୍ଷସାରା ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ବିଶେଷ କରି କର୍ମଚାରୀ ଓ ସେମାନଙ୍କ ପରିବାରର ସୁସ୍ଥତା ପ୍ରତି ଧ୍ୟାନ ଦେବା ସହ ଉମଙ୍ଗ କାର୍ଯ୍ୟକ୍ରମ ଅନ୍ତର୍ଗତ ଅନଲାଇନ ପରାମର୍ଶ, ଫିଜିଓଥେରାପି,ଯୋଗ, ଧ୍ୟାନ, ନିଶା ନିବାରଣ ଓ ଅନ୍ୟାନ୍ୟ ସେବା ପ୍ରଦାନ କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନିୟମ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ଆଲୁମିନିୟମରେ ଆମେ ବିଶ୍ୱରେ ଅଗ୍ରଣୀ ହେବା ପାଇଁ ଲକ୍ଷ୍ୟ ରଖିଛୁ ଓ ଏଥିପାଇଁ ଆମେ ସର୍ବଦା ଆମର କର୍ମଚାରୀଙ୍କ କଲ୍ୟାଣ ପ୍ରତି ଯତ୍ନବାନ ଅଛୁ। ଏଥିପାଇଁ ଆମେ ବିଭିନ୍ନ ପର୍ଯ୍ୟାୟରେ ଅନେକ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛୁ। ସେହିପରି ମନ୍ତ୍ରା କେୟାରର ସିଇଓ ହିମାଂଶୁ ଜୈନ କହିଛନ୍ତି, ଭାରତର ଏକ ଅଗ୍ରଣୀ ସଂସ୍ଥା ବେଦାନ୍ତ ସହ ମିଶି କାର୍ଯ୍ୟ କରୁଥିବାରୁ ଆମେ ବେଶ୍ ଆନନ୍ଦିତ। ଏପରିକି ବେଦାନ୍ତ କର୍ମଚାରୀଙ୍କ ସୁସ୍ଥତା ଓ ଉପଯୁକ୍ତ ଜୀବନଶୈଳୀ ଆମ ପାଇଁ ଏକ ପ୍ରମୁଖ ପ୍ରାଥମିକତା ଅଟେ।

ଅନୁ ଚୌଧୁରୀ ସନ୍ତାନର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୨୦।୩

ଦେଶର ପ୍ରମୁଖ ହେଲ୍‌ଥ ଷ୍ଟାର୍ଟଅପ ସନ୍ତାନ ଫର୍ଟିଲିଟି କ୍ଲିନିକ୍ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ସନ୍ତାନର ବ୍ରାଣ୍ଡ୍ ଆମ୍ବାସାଡର ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ବିଶେଷ କରି ଜାତୀୟ ପୁରସ୍କାର ବିଜେତା ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ସନ୍ତାନର ନୂଆ ବ୍ରାଣ୍ଡ୍ ଆମ୍ବାସାଡର୍ ଭାବେ ନିଯୁକ୍ତ ହୋଇଥିବା ଜଣାପଡିଛି। ଏପରିକି ନିକଟରେ ବ୍ରାଣ୍ଡ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଅନୁ ଚୌଧୁରୀଙ୍କ ଅଭିନୀତ ନୂଆ ଅଡିଓ ଭିଜୁଆଲର କମର୍ସିଆଲ ଶୁଭାରମ୍ଭ କରାଯାଇଥିଲା।

ଏ ସମ୍ପର୍କରେ ଅନୁ ଚୌଧୁରୀ କହିଛନ୍ତି, ସନ୍ତାନ ଭଳି ଏକ ଜାତୀୟ ବ୍ରାଣ୍ଡ୍ ସହ ଜଡିତ ହେବା ମୋ ପାଇଁ ଗର୍ବର ବିଷୟ। ବିଗତ ୭ ବର୍ଷ ମଧ୍ୟରେ ସନ୍ତାନ ତା'ର 'ସାଇନ୍ସ ଫର୍ ସ୍ମାଇଲ୍‌ସ' ଅଭିଯାନ ମାଧ୍ୟମରେ ଏକ ସମାନୁଭୂତି ଶୈଳୀରେ ସର୍ବୋତ୍ତମ ଟେକ୍ନୋଲୋଜିର ବ୍ୟବହାର କରି ଓଡିଶାର ୭୦୦୦ରୁ ଅଧିକ ଦମ୍ପତିଙ୍କ ଜୀବନରେ ଖୁସି ଆଣିପାରିଛି।

ସେହିପରି ସନ୍ତାନର ସହପ୍ରତିଷ୍ଠାତା ଓ କ୍ଲିନିକାଲ ଡାଇରେକ୍ଟର ଡା. ଦୀପିକା କେ.ଏନ୍ ପାଡୀ କହିଛନ୍ତି, ଯେତେବେଳେ ବ୍ରହ୍ମପୁରରେ ଆମର ପ୍ରଥମ ସେଣ୍ଟର୍ ସହ ଆମେ ସେବା ଆରମ୍ଭ କରିଥିଲୁ,ସେତେବେଳେ ଏହାର ସମ୍ଭାବ୍ୟତା ଉପରେ ଅନେକ ସନ୍ଦେହ ସୃଷ୍ଟି ହୋଇଥିଲା। ଆମେ ନୂତନ ଟେକ୍ନୋଲୋଜି ଓ ଆବଶ୍ୟକ ସେବାକୁ ନେଇ ଆମର ନିଷ୍ପତ୍ତି ଉପରେ ସ୍ଥିର ରହିଥିଲୁ।

ଫୁର୍‌ସତ

ଗର୍ଭବତୀ ହେଲେ ସମଲିଙ୍ଗୀ

ନୂଆଦିଲ୍ଲୀ: ନିକଟରେ ଏକ ସମଲିଙ୍ଗୀ ଦମ୍ପତି ତାଙ୍କ ପ୍ରେଗ୍ନାନ୍ସିକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଏନେଇ ଦମ୍ପତି ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଜରିଆରେ ଜଣାଇଛନ୍ତି। ସେଥିରେ ଦୁହେଁ ସୋନୋଗ୍ରାଫିର ଫଟୋ ଦେଖାଇ ପୋଜ୍ ଦେଇଛନ୍ତି। ଅମିତ୍ ଶାହା ଏବଂ ଆଦିତ୍ୟ ମଦିରାଙ୍କୁ ଆମେରିକାର ଏକ ମନ୍ଦିରରେ ହିନ୍ଦୁ ରୀତିନୀତିରେ ୨୦୧୮ରେ ବିବାହ କରି ଚର୍ଚ୍ଚାକୁ ଆସିଥିଲେ। ଏହି ଦମ୍ପତି ଏକ ଭିଡିଓ ମାଧ୍ୟମରେ ଜଣାଇଛନ୍ତି, ସେମାନେ ଜଣେ ସାଙ୍ଗର ଜନ୍ମଦିନ ପାର୍ଟିରେ ଦେଖାହୋଇଥିଲେ। ସେବେଠାରୁ ଦୁହେଁ ଦୁହିଁଙ୍କୁ ପସନ୍ଦ କରିବା ଆରମ୍ଭ କରିଥିଲେ। ହେଲେ ସେମାନଙ୍କ ଘରେ ତାଙ୍କ ଲିଙ୍ଗ ବାବଦରେ ଜଣା ନ ଥିଲା। ପ୍ରଥମେ ସେମାନଙ୍କ ପରିବାର ସହ ପରସ୍ପରଙ୍କୁ ସାଙ୍ଗ କହି ଦେଖା କରାଇଥିଲେ। ପରେ ଘର ଲୋକଙ୍କୁ ସେମାନଙ୍କ ଲିଙ୍ଗ ବାବଦରେ ଜଣାଇ ଦୁହେଁ ଦୁହିଁଙ୍କୁ ପସନ୍ଦ କରୁଥିବା ମଧ୍ୟ କହିଥିଲେ। ଅମିତ ତାଙ୍କ ମା'ଙ୍କୁ ଏହା କହିବା ପରେ ତାଙ୍କୁ ଝଟ୍‌କା ଲାଗିଥିଲା, ହେଲେ ପରେ ସେ ଏଥିପାଇଁ ଅନୁମତି ଦେଇଥିଲେ। ଆଦିତ୍ୟଙ୍କ ବାପା ଏକଥା ଜାଣିବା ପରେ ସେମାନଙ୍କୁ ବିରୋଧ ନ କରି ତାଙ୍କ ସହିତ ଠିଆ ହୋଇଥିଲେ। ପରେ ପରିବାରର ଉପସ୍ଥିତିରେ ଦୁହିଁଙ୍କ ବିବାହ ସମ୍ପନ୍ନ ହୋଇଥିଲା। ସେମାନେ ବିବାହ କରି ଲୋକଙ୍କ ହୀନ ମାନସିକତା ଦୂର କରିବାକୁ ପ୍ରୟାସ କରିଥିବା କହିଛନ୍ତି। ତେବେ ସେମାନଙ୍କ ୨ ବର୍ଷର ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି। ଆସନ୍ତା ମେ' ବେଳକୁ ସେମାନଙ୍କ ସନ୍ତାନ ଜନ୍ମ ହେବ ବୋଲି ଜଣାପଡ଼ିଛି।

ପ୍ରଶଂସକଙ୍କ ସହ ଥଟ୍ଟା ହେଲେ ଜୁନିୟର ଏନ୍‌ଟିଆର୍

ମୁମ୍ବାଇ: ନିକଟରେ ୯୫ତମ ଏକାଡେମୀ ଆୱାର୍ଡ୍‌ରେ ଭାରତର ୨ଟି ଫିଲ୍ମ ପୁରସ୍କୃତ ହୋଇଛି। ଫିଲ୍ମ 'ଆର୍‌ଆର୍‌ଆର୍' ସହିତ ଦେଶ ତଥା ବିଶ୍ୱବାସୀଙ୍କ ମନ ଜିଣିଥିଲେ ସାଉଥ୍ ଅଭିନେତା ଜୁନିୟର ଏନ୍‌ଟିଆର୍। ଏହି ପୁରସ୍କାର ପରେ ଏବେ ତାଙ୍କ ସହ ବହୁ ଅଭିନେତା କାମ କରିବାକୁ ଚାହୁଁଛନ୍ତି। ଏହା ମଧ୍ୟରେ ତାଙ୍କର ଆଗାମୀ ଫିଲ୍ମ କ'ଣ ହେବ, ତାହା ଜାଣିବାକୁ ପ୍ରଶଂସକ ଉତ୍ସାହିତ ଅଛନ୍ତି। ତେବେ ପ୍ରଶଂସକଙ୍କ ଏପରି ପ୍ରଶ୍ନରେ ସେ ଆଉ ଫିଲ୍ମ କରିବେନି ବୋଲି କହିଛନ୍ତି। ଅଭିନେତା ପ୍ରଶଂସକଙ୍କ ସହ ଥଟ୍ଟାକରି ଏପରି କହିଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ଜୁନିୟର ଏନ୍‌ଟିଆର୍ ହାଇଦ୍ରାବାଦରେ ଏକ ସିନେମାର ପ୍ରି-ରିଲିଜ୍ ଇଭେଣ୍ଟରେ ପହଞ୍ଚିଥିଲେ। ସେଠାରେ ପ୍ରଶଂସକ ତାଙ୍କୁ ଦେଖି ଉତ୍ସାହିତ ହୋଇ ତାଙ୍କ ଆଗାମୀ ଚଳଚ୍ଚିତ୍ର ବାବଦରେ ପଚାରିଥିଲେ। ବାରମ୍ବାର ଏପରି ପ୍ରଶ୍ନ ଶୁଣି ସେ ମଜାରେ ଆଗକୁ ଫିଲ୍ମ କରୁନାହାନ୍ତି ବୋଲି କହିଥିଲେ। ପରେ ସେ ଆଗକୁ ଚଳଚ୍ଚିତ୍ର କରିବା ଜାରି ରଖିବେ ବୋଲି କହିଥିଲେ। ତେବେ ସେ ତାଙ୍କ ଆଗାମୀ କୌଣସି ସିନେମା ପାଇଁ ତଥ୍ୟ ଦେଇନାହାନ୍ତି।

ଭାଷାକୁ ସୁରକ୍ଷା ଦିଏ କବିତା

କବି ଜଣେ ସାଧାରଣ ମଣିଷ ନୁହନ୍ତି। ତାଙ୍କ ମଧ୍ୟରେ ପ୍ରତିଟି ଜିନିଷକୁ ଏକ ଭିନ୍ନ ଦୃଷ୍ଟିରେ ଦେଖିବାର ସୃଜନଶୀଳତା ରହିଥାଏ। ଜଣେ ସାଧାରଣ ଲୋକ ଦେଖୁଥିବା ବିଭିନ୍ନ ଜିନିଷ ଅବା ପ୍ରକୃତିକୁ କବି ଅନ୍ୟ ଢଙ୍ଗରେ ଦେଖିଥାନ୍ତି। କବି ମନର ଅଭିବ୍ୟକ୍ତି ଶବ୍ଦର ରୂପ ନେଇ କବିତା ସୃଷ୍ଟି କରିଥାଏ। କବିତା କବି ମନର କଥାକୁ ଅତି ସହଜ ଭାଷାରେ କହି ବସିଥାଏ।

ବିଶ୍ୱ କବିତା ଦିବସ

କବିତାର ବିକାଶ ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୧ରେ ବିଶ୍ୱ କବିତା ଦିବସ ପାଳନ କରାଯାଇଥାଏ। ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ ୟୁନେସ୍କୋ ଦ୍ୱାରା ୧୯୯୯ରେ ଏହି ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା। କବିତାର ଅଭିବ୍ୟକ୍ତି ମାଧ୍ୟମରେ ଭାଷା ବିବିଧତାକୁ ସମର୍ଥନ କରିବା ଏବଂ ଲୋପ ପାଉଥିବା ଭାଷାକୁ ସୁରକ୍ଷା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ। କବିତା ପଢ଼ିବା, ଲେଖିବା, ପ୍ରକାଶନ ଏବଂ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ଲାଗି ଏହି ଦିବସ ପାଳନ ଅବସରରେ ବହୁ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ୟୁନେସ୍କୋ ଘୋଷଣାନାମା ଅନୁଯାୟୀ ଜାତୀୟ, ଆଞ୍ଚଳିକ ତଥା ଅନ୍ତର୍ଜାତୀୟ ସ୍ତରରେ କବିତାର ବିକାଶ ଲାଗି ନୂତନ ମାନ

ଶହୀଦନଗର ଦୁର୍ଗାପୂଜା ମଣ୍ଡପରେ ଆୟୋଜିତ ପଖାଳ ଦିବସରେ କଂଗ୍ରେସ (ବାମ), ଭାଜପା ଓ ବିଜେଡି ନେତାମାନେ ।

ନେତାଙ୍କୁ ଏକାଠିକଲା ପଖାଳ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ସୋମବାର ଥିଲା ପଖାଳ ଦିବସ । ରାଜ୍ୟର ବିଭିନ୍ନ ସ୍ଥାନରେ ପଖାଳପ୍ରିୟ ଲୋକମାନେ ଏହାକୁ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରଛନ୍ତି । ପଖାଳର ସୁସ୍ୱାଦରେ କେବଳ ସାଧାରଣ ଲୋକ ନୁହନ୍ତି ରାଜନେତା,ବିଧାୟକ, ମନ୍ତ୍ରୀ, ଖବରଦାତା, ବ୍ୟବସାୟୀ ମଧ୍ୟ ମସ୍‌ଗୁଲ । କଂଗ୍ରେସର ବରିଷ୍ଠ ସଦସ୍ୟ ତଥା ମୁଖପାତ୍ର ମନୋରଞ୍ଜନ ଦାଶଙ୍କ ଦ୍ୱାରା ଶହୀଦନଗର ଦୁର୍ଗାପୂଜା ମଣ୍ଡପରେ ଆୟୋଜିତ ପଖାଳ ଦିବସ ପାଳନ ଥିଲା ଟିକେ ନିଆରା । ଏଠାରେ ବିଭିନ୍ନ ଦଳର କପୋରେଟର୍, ମେୟର, ରାଜନେତା, ପୂର୍ବତନ ମନ୍ତ୍ରୀ, ବିଧାୟକ, ମନ୍ତ୍ରୀ, ଯୋଗଦେଇଥିଲେ । ସୋମବାର ଥିବାରୁ ପଖାଳ କଂସାରେ ଥିଲା ନିରାମିଷର ପରଷା । ସାଗଭଜା, ବଡ଼ିଚୂରା, ଆଳୁଭର୍ତ୍ତା, ବାଇଗଣ ଭର୍ତ୍ତା, ସଜନା ଛୁଇଁ ଭଜା, ଲାଉମଞ୍ଜି ବଡ଼ି, କଖାରୁପତ୍ର ଭଜା ସହିତ ଆହୁରି କେତେ ବ୍ୟଞ୍ଜନ ସାଙ୍ଗକୁ ଦହି ପଖାଳର ମଜା ନେଇଥିଲେ । ଦଳକୁ ଭୁଲି ବିଜେଡ, କଂଗ୍ରେସ, ଭାଜପାର ନେତାମାନେ ଏକାଠି ହୋଇଥିଲେ । ପଖାଳ କଂସା ପାଖରେ ବସି ଖୋଲାଖୋଲି କଥା ହେଉଥିବା ଦେଖିବାକୁ ମିଳିଥିଲା । କେହି କେହି କହୁଥିଲେ ଏଠାରେ ରାଜନୀତି ନାହିଁ, ଆମେ ସବୁ ପଖାଳଖିଆ ଓଡ଼ିଆ । ଯିଏ ପଖାଳ ଚାଖିନି ସେ ଓଡ଼ିଆ ନୁହେଁ । ମନୁଭାଇଙ୍କ ପଖାଳ ସମାବେଶକୁ ମାନିବାକୁ ହେବ । ଏଭଳି ହାଲୁକାଫୁଲ୍‌କା କଥାରେ ବିଭିନ୍ନ ବଗର ଲୋକମାନେ ପଖାଳର ମଜା ନେଇଥିଲେ । ଆୟୋଜକଙ୍କୁ ପ୍ରଶଂସା କରିବାକୁ କେହି ଭୁଲି ନ ଥିଲେ । ମଧ୍ୟାହ୍ନ ୧୨ଟାରୁ ପଖାଳ ଦିବସ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏ ଚାଲିଥିଲା ।

ସୁଶାନ୍ତ ସିଂଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ: ଛାତ୍ର କଂଗ୍ରେସ

ବିଧାୟକ ସୁଶାନ୍ତ ସିଂଙ୍କ ବାସଭବନ ଆଗରେ ଛାତ୍ର କଂଗ୍ରେସର ବିକ୍ଷୋଭ ।

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାକୁ ୫୧ଦିନ ବିତିଯାଇଥିବାବେଳେ ଏହାକୁ ନେଇ ରାଜନୈତିକ ଝଡ଼ ଲାଗି ରହିଛି । ଅଭିଯୁକ୍ତ ପୂର୍ବତନ ଏସ୍‌ଆଇ ଗୋପାଳ ଦାସ ଗିରଫ ହୋଇ ଜେଲରେ ଥିଲେ ମଧ୍ୟ ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ହତ୍ୟାର ଉଦ୍ଦେଶ୍ୟ ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଉନାହିଁ । ଏଭଳିସ୍ଥିତିରେ ଏହି ମାମଲାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ସୁଶାନ୍ତ ସିଂଙ୍କ ଲିଙ୍କ୍‌କୁ ନେଇ ଛାତ୍ର କଂଗ୍ରେସ ଅଙ୍ଗୁଳି ନିର୍ଦ୍ଦେଶ କରିଛି । ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ସୋମବାର ସୁଶାନ୍ତଙ୍କ ସରକାରୀ ବାସଭବନ ସାମ୍ନାରେ ବିକ୍ଷୋଭ ସହ ଟମାଟୋ ମାଡ଼ କରାଯାଇଛି । ମଧ୍ୟାହ୍ନରେ କଂଗ୍ରେସର ଶତାଧିକ ନେତା ଓ କର୍ମୀ ଶୁସାନ୍ତଙ୍କ ଘର ଆଗରେ ଧାରଣାରେ ବସିଥିଲେ । ନବ ହତ୍ୟା ମାମଲାରେ ବିଧାୟକ ସିଂଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାକୁ ନାରାବାଜି ଦେବା ସହ ବିକ୍ଷୋଭ କରିଥିଲେ । ଏହି ସମୟରେ ସୁଶାନ୍ତଙ୍କ ବାସଭବନ ଭିତରକୁ କଂଗ୍ରେସ କର୍ମୀମାନେ ଧସେଇ ପସିବାକୁ ଉଦ୍ୟମ କଲାବେଳେ ପୋଲିସ ସହ ଧସ୍ତାଧସ୍ତି ଓ ଠେଲାପେଲା ହୋଇଥିଲା । ଆନ୍ଦୋଳନକାରୀମାନେ ସୁଶାନ୍ତଙ୍କ ଘର ଉପରକୁ ଟମାଟୋ ମାଡ଼ କରିଥିଲେ । ଦୀର୍ଘ ୧ ଘଣ୍ଟା ପର୍ଯ୍ୟନ୍ତ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ସେଠାରେ ସ୍ଥିତି ନିୟନ୍ତ୍ରଣ ହେବା ପରେ କଂଗ୍ରେସ କର୍ମୀମାନେ ସିଧାସଳଖି ପିଏମଜି ନିକଟକୁ ଆସି ବିଧାନସଭା ଘେରାଉ କରିବା ସହ ଭିତରକୁ ଧସେଇ ପସିବାକୁ ଉଦ୍ୟମ କରିଥିଲେ । ଏହାକୁ ନେଇ ବାରିକେଟ ନିକଟରେ କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ପୁଣି ଧସ୍ତାଧସ୍ତା ପରିସ୍ଥିତି ଉପୁଜିଥିଲା । ଏହି ସମୟରେ ୨୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ନେଇ ପରେ ଛାଡ଼ି ଦେଇଥିଲା । ଏନେଇ ୟାସିର ନୱାଜ କହିଛନ୍ତି, ପୂର୍ବତନ ମନ୍ତ୍ରୀ ନବଙ୍କ ହତ୍ୟା ଘଟଣାରେ ସୁଶାନ୍ତଙ୍କ ସମ୍ପୃକ୍ତିକୁ ରାଜ୍ୟ ସରକାର ଘଣ୍ଟ ଘୋଡ଼ାଉଛନ୍ତି । ଅସଲ ଦୋଷୀକୁ ଛାଡ଼ି ଦେବାପାଇଁ କେତେବେଳେ ଅଭିଯୁକ୍ତ ଗୋପାଳଙ୍କୁ ମାନସିକ ବିକାରଗସ୍ତ ବୋଲି ସଜେଇ ଦିଆଯାଉଛି ତ ଆଉ କେତେବେଳେ ଲାଟିନ ଭିତରେ ତାଙ୍କ ଚିଠିକୁ ଖୋଜାଯାଉଛି । ଘଟଣାର ଏସ୍‌ଆଇଟି ତଦନ୍ତ କରାଯାଉ । ଏଥିସହ ସୁଶାନ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରା ନ ଗଲେ ଛାତ୍ର କଂଗ୍ରେସ ଏହି ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ୟାସିର କହିଛନ୍ତି ।

ନବ ଦାସ ହତ୍ୟା ମାପଲା

- ବାସଭବନକୁ ଟମାଟୋ ମାଡ଼, ପୋଲିସ ସହ ଧସ୍ତାଧସ୍ତି
- ବିଧାନସଭାକୁ ଧସେଇ ପଶିବାକୁ ଉଦ୍ୟମ

ବିଧାନସଭା

୩ ବର୍ଷରେ ନଈରେ ବୁଡ଼ିଗଲେ ୯୭୦

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ଗତ ୩ ବର୍ଷରେ ରାଜ୍ୟର ବିଭିନ୍ନ ନଦୀରେ ଗାଧୋଇବା ବେଳେ ୯୭୦ ଜଣ ପ୍ରାଣ ହରାଇଛନ୍ତି । ବିଜେଡି ସଭ୍ୟ ସୌଭିକ୍ ବିଶ୍ୱାଳଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ଗତ ୩ ବର୍ଷ ମଧ୍ୟରେ ନଦୀରେ ଗାଧୋଇବା ବେଳେ ୧୬୧୫ ଜଣ ବୁଡ଼ି ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୧୩ ଜଣଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରୁ ୯୭୦ ଜଣ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି । ନଦୀ ନିକଟରେ ଥିବା ବିଭିନ୍ନ ବିପଦସଙ୍କୁଳ ସ୍ଥାନରେ ପର୍ବପର୍ବାଣି ସମୟରେ ସତର୍କତା ଅବଲମ୍ବନ ପାଇଁ ଆବଶ୍ୟକ ଅଗ୍ନିଶମ ବାହିନୀ ଓ ଜରୁରିକାଳୀନ କର୍ମଚାରୀଙ୍କୁ ଆବଶ୍ୟକ ଉପକରଣ ସହ ଉଦ୍ଧାର କାମ ନିମନ୍ତେ ମୁତୟନ କରାଯାଉଛି ।

ଆଜିଠୁ ମମତାଙ୍କ ଓଡ଼ିଶା ଗସ୍ତ

ପୁରୀ ଅଫିସ, ୨୦।୩

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାରଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ସେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏନେଇ ମମତାଙ୍କ କୌଳିକ ପଣ୍ଡା ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ବରିଷ୍ଠ ଦଇତାପତି ଜଗନ୍ନାଥ ସ୍ୱାଇଁ ମହାପାତ୍ର ସୋମବାର ସୂଚନା ଦେଇ କହିଛନ୍ତି, ମମତା ୨୧ ତାରିଖରେ ମମତା ଭୁବନେଶ୍ୱରରେ ପହଞ୍ଚିବେ । ୨୨ ତାରଖ ଅପରାହ୍ନରେ ସେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବେ । ସେହିପରି ପୁରୀ ବଳିଆପଣ୍ଡା ଅଞ୍ଚଳରେ ପଶ୍ଚିମବଙ୍ଗ ସରକାରଙ୍କର ଏକ ଗେଷ୍ଟ ହାଉସ ନିର୍ମାଣ ଲାଗି ଜମି ଯୋଗାଇ ଦେବା ପାଇଁ ଓଡ଼ିଶା ସରକାର କହିଛନ୍ତି । ମମତା ଉକ୍ତ ଜମି ଦେଖି ତର୍ଜମା କରିବେ ବୋଲି ଜଣାପଡ଼ିଛି । ଏ ନେଇ ୨୨ ତାରିଖ ଅପରାହ୍ନ ୩ଟାରେ ହେବାକୁ ଥିବା ବୈଠକରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପରେ ଅପରାହ୍ନ ୪ଟାରେ ମମତା ଶ୍ରୀମନ୍ଦିର ଯିବେ । ସେଠାରେ ସେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବେ । ଚତୁର୍ଦ୍ଧାବିଗ୍ରହଙ୍କ ସମେତ ମା' ମହାଲକ୍ଷ୍ମୀ, ମା' ବିମଳା ଓ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିବା ସହ ନୀଳଚକ୍ରରେ ବାନାବନ୍ଧା ଦେଖି ପ୍ରସ୍ଥାନ କରିବେ । ଶ୍ରୀମନ୍ଦିର ପରିସରରେ ପ୍ରାୟ ୧ଘଣ୍ଟା ରହିବେ । ସେହିପରି ୨୩ ତାରିଖରେ ସେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

- ୨୨ରେ ମହାପ୍ରଭୁଙ୍କୁ ଦର୍ଶନ କରିବେ
- ୨୩ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ

କର୍ନାଟକରେ ୪୦% କମିଶନ ସରକାର ଚାଲିଛି: ରାହୁଲ

ବେଲାଗାଭି, ୨୦।୩

କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର କର୍ନାଟକ ଗସ୍ତ ଅବସରରେ ସେଠାର ଭାଜପା ସରକାରକୁ କଡ଼ା ସମାଲୋଚନା କରିଛନ୍ତି । ରାଜ୍ୟରେ ୪୦ ପ୍ରତିଶତ କମିଶନ ସରକାର ଚାଲିଛି । ସରକାର ଠିକାଦାରମାନଙ୍କଠାରୁ ୪୦ ପ୍ରତିଶତ କମିଶନ ନେଉଥିବା ରାହୁଲ ଅଭିଯୋଗ କରିଛନ୍ତି । ଆଗକୁ କର୍ନାଟକ ବିଧାନସଭା ନିର୍ବାଚନ ଥିବାବେଳେ ଭାଜପାକୁ ପରାଜିତ କରିବାକୁ ହେଲେ କଂଗ୍ରେସ ନେତାମାନେ ଏକାଠି ଲଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି । ଆଗାମୀ ନିର୍ବାଚନରେ କଂଗ୍ରେସ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଦଳ କ୍ଷମତାକୁ ଆସିଲେ ସ୍ନାତକମାନଙ୍କୁ ପ୍ରତି ମାସରେ ବେରୋଜଗାରୀ ଭତ୍ତା ଯୋଗାଇଦିଆଯିବ ବୋଲି ରାହୁଲ ଘୋଷଣା କରିଛନ୍ତି । ବେରୋଜଗାରୀ ସ୍ନାତକମାନଙ୍କୁ ମାସିକ ୩,୦୦୦ ଟଙ୍କା ଲେଖାଏ ଦୁଇବର୍ଷ ପାଇଁ ଯୋଗାଇ ଦିଆଯିବ । ସେହିପରି ଡିପ୍ଲୋମାଧାରୀ ବେରୋଜଗାରୀଙ୍କୁ ମାସିକ ୧,୫୦୦ ଟଙ୍କା ମିଳିବ ବୋଲି ବେଲାଗାଭିଠାରେ ଏକ ରାଲିକୁ ସମ୍ବୋଧିତ କରି ରାହୁଲ କହିଛନ୍ତି । ୫ ବର୍ଷରେ କଂଗ୍ରେସ ସରକାର ୧୦ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ସହ ରାଜ୍ୟରେ ଖାଲିଥିବା ୨.୫ ଲକ୍ଷ ପଦବୀ ପୂରଣ କରିବ । ମହିଳାମାନଙ୍କୁ ମାସିକ ୨,୦୦୦ ଟଙ୍କା ଏବଂ ଗରିବ ସୀମାରେଖା ତଳେ ଥିବା ପରିବାରକୁ ୧୦ କିଲୋଗ୍ରାମ ଲେଖାଏ ଚାଉଳ ଓ ମାଗଣା ବିଜୁଳି ଯୋଗାଇ ଦିଆଯିବ ବୋଲି କଂଗ୍ରେସ ଏମ୍‌ପି କହିଥିଲେ ।

ମାଗଣା ବିଜୁଳି, ସ୍ନାତକଙ୍କ ପାଇଁ ବେରୋଜଗାରୀ ଭତ୍ତା ଘୋଷଣା

ODISHA JOINT ENTRANCE EXAMINATION - 2023 (OJEE - 2023)

No: OJEE / 133 Date: 20-03-2023

NOTICE FOR EXTENSION OF THE LAST DATE FOR ONLINE APPLICATION FOR OJEE - 2023

This is for the information of all candidates, interested to apply for **Odisha Joint Entrance Examination (OJEE) – 2023, that the last date for registration and final submission of online application forms for OJEE – 2023, which was earlier notified as 20.03.2023, is extended up to 31.03.2023 (till 11.00 PM).**

Candidates are advised to visit OJEE websites (**www.ojee.nic.in / www.odishajee.com**), read the **'Information Brochure'** and the **'Instructions to fill On-line Application Form'**, which are available in the OJEE websites and submit their online Application Forms as soon as possible, without waiting till the last date.

Further, another two days, **i.e. 01.04.2023 and 02.04.2023 (till 11.00 PM)** will be provided to the candidates to correct, if necessary, their application forms and for payment of online application fees.

It may be noted that there will be no further extension of the registration / application period beyond this date.

Sd/-
Chairman, OJEE, Odisha

GOVERNMENT OF ORISSA
OFFICE OF THE EXECUTIVE ENGINEER, RURAL WORKS DIVISION, RAYAGADA
Email: rw_rayagada@yahoo.co.in, Phone No.06856-222188
E-Procurement Notice Bid Identification No: EERWRGD - Online - 13/2022-23
No.855, Date:20.3.2023

No.O-1993: 1. Name of the Work : Construction of Building works for the year 2022-23. 2. Total No. of Works : 7 Nos. (Percentage rate tender). 3. Estimated Cost : 43.80 lakhs. 4. Class of Contractor: "B". 5. Time of Completion : Specified in DTCN. 6. Mode of submission of tender : Tender should be submitted only in online **https://www.tendersodisha.gov.in.** Other details : Detailed tender condition specified in DTCN.

Procurement Officer	Bid Identification No.	No. of Works	Availability of Tender online for Bidding		Date & Time of Opening of tender
			From	To	
1	2	3	4	5	6
Executive Engineer, Rural Works Division, Rayagada	EERWRGD-Online-13/2022-23	7 (Seven) Nos.	27.03.2023 at 11.00 A.M.	10.04.2023 upto 5.00 P.M.	11.04.2023 at 11.00 A.M.

Further details can be seen from the website: www.tendersodisha.gov.in.
Sd./- Executive Engineer, R.W.Division, Rayagada
OIPR-25072/11/0022/2223

ODISHA LIFT IRRIGATION CORPORATION LTD.
(A GOVT. OF ODISHA UNDERTAKING)
OFFICE OF THE EXECUTIVE ENGINEER, L.I. DIVISION, BALANGIR
E-mail: www.eeolicbgr@rediffmail.com
"E"-Procurement Notice
BID IDENTIFICATION NO. OLIC-BLGR-24 /2022-23, Dt. 17.03.2023.

No.CAD-5202: Bids are invited from intending tenderers having valid license as specified against the work for installation & energisation of new R.L.Project with supply of all materials under Percentage rate contract on turn-key basis.
1. Name of Works: Installation & energisation of new R.L.Project with supply of all materials on Turnkey basis. **2. Total Nos. of Package:** 01. **3. Approximate Estimated Cost:** Rs. 27.30 Lakhs **4. Class of Contractor:** "C" & "B" with HT License. **5. Period of completion:** 120 days for all Projects from the date of issue of work order. 6. Other details as follows.

Procurement Officer	Bid Identification No.	Availability of tender Online for bidding		Last date & time of seeking tender clarification	Date & Time of Opening of tender in the office of the Executive Engineer, L.I.Division, Balangir
		From	To		
1	2	3	4	5	6
Executive Engineer, L.I.Division,Balangir	OLIC-BLGR-24/ 2022-23	27.03.2023 at 11 Hrs.	05.04.2023 upto 17 Hrs.	04.04.2023 upto 17 Hrs.	06.04.2023 at 11 Hrs.

ANNEXURE

Pkg. No.	Name of Block	Name of L.I. Project	Type	Name of Scheme	Appr. Estimated Cost	Cost of Bid document (+5% GST on reverse charge mechanism)	Class of Contractor
1	Patnagarh	Bhatpali-III	RL(New)	Livelihood Package for LSIP	2730771.00	6000+300	"C" & "B" with H.T. License

• Details can be seen from the website www.tendersodisha.gov.in.•Any Corrigendum/Addendum will be displayed in the above website only.
OIPR-32154/11/0005/2223
Sd./- Executive Engineer, L.I. Division, Balangir

Government of Odisha
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, JICA PROJECTS CIRCLE
At/P.O.: Sukinda, Dist.: Jajpur (Odisha), PIN - 755018
e-mail: sescc2011@gmail.com
1st CORRIGENDUM TO e-PROCUREMENT NOTICE FOR BID No. ACEJPC-01/2022-23 Dt.20.03.2023

No. A-1293: The following changes is made in Bid documents.
1. The seeking clarification period in table vide clause No. 1.5 of DTCN is to be read as "20.03.2023 10.00 A.M. to 28.03.2023 5.30 P.M." instead of "22.03.2023 11.00 A.M. to 28.03.2023 5.30 P.M."

All other terms and conditions remain unchanged.
Sd./- Additional Chief Engineer
JICA Projects Circle, Sukinda
OIPR-32501/11/0004/2223

OFFICE OF THE NOTIFIED AREA COUNCIL, GUDARI
QUOTATION CALL NOTICE
No. 415 Date: 18.03.2023

No. C-2695: Quotations in sealed cover are invited from the intending Firms/Suppliers for supply of one All in One Desktop and One Air Conditioner to Gudari NAC. The quotationer must submit GST Number alongwith their quotations failing which their quotation shall not be entertained. Quotation will be received till 5.00 P.M. of Dt.27.03.2023, which will be opened at 11.30 A.M. on 28.03.2023 in presence of the quotationers or their authorised representative, if present. Quotations can also be sent by Regd. Post/Speed Post which should reach the undersigned within the stipulated date and time. Quotation received beyond the stipulated date and time shall not be entertained.
The authority reserves the right to accept or cancel any or all the quotations without assigning any reason thereof.

Specification
1. One reputed Brand All in One Desktop of 12th generation having intel core i5 or i7 processor, 24 inch or more screen size, 16GB RAM, 512 GB SSD with FHD web camera, Windows 11 OS, wireless keyboard and Mouse with one year warranty.
2. One reputed Brand 1.5 Ton 3 Star Split Dual Inverter AC having minimum one year warranty.

Terms and Conditions:
1. The material must be delivered at Gudari NAC Office within 07 (Seven) days from the date of order.
2. Taxex, if any to be levied, should be shown separately.
3. Payment will be made after the delivery of the materials.

Sd./- Executive Officer, Gudari NAC
OIPR-13184/11/0010/2223

ACADEMY OF TRIBAL LANGUAGES & CULTURE
(ST & SC DEVELOPMENT DEPARTMENT, GOVT. OF ODISHA)
Adivasi Exhibition Ground, Unit - 1, Bhubaneswar - 751009)
Tele./Fax: 0674-2597821, Email: atlcbbsr_08@yahoo.com
No. 402/ATLC Bhubaneswar, Date: 20.03.2023
QUOTATION CALL NOTICE

No. V-100: Academy of Tribal Languages & Culture, Bhubaneswar invites sealed quotations with price offer from reputed Firms/Vendors to supply various goods & services to be required by ATLC from time to time for the year 2023-24.
The interested firms/vendors may submit their bids to Member Secretary, ATLC, Adivasi Exhibition Ground, Unit - 1, Bhubaneswar along with requisite documents on or before 06.04.2023 (5.30 P.M.) by Registered Post/Speed Post/Courier Service only. The bids will be opened on 11.04.2023 at 3 P.M. in the presence of the committee & the bidders' representatives at SCSTRTI.
The quotations received incomplete or beyond the scheduled date & time are liable for rejection. The details of eligibility criteria, terms & conditions and schedule of requirement of goods & services are available in the website: **www.atlcodisha.org** & **www.stsc.odisha.gov.in**.
1. Office Stationery, Training Materials & Consumables Items.
2. Electrical Items
3. Food
4. Accommodation Arrangemetns & Other Logistics Support.

Sd./- Member Secretary
OIPR-26011/11/0017/2223

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୩୧ ତା:୦୨।୦୩।୨୦୨୩
ବିଜ୍ଞାପନ

No. CAD-5215: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍‌ଆଇଜି–୨/୨୩୭ (MIG-II/237), ଛେଣ୍ଡ, ଫେଜ୍–୩, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀ ଦିବ୍ୟ ଜୀବନ ସାହୁ, (୨) ଶ୍ରୀ ବିଶ୍ୱଜୀବନ ସାହୁ, ପିତା: ୺ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ସା: ବିଷ୍ଣୁପୁର, ପୋ: ନିମାପଡ଼ା, ଥାନା: ନିମାପଡ଼ା, ଜିଲ୍ଲା: ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଦିବ୍ୟ ଜୀବନ ସାହୁ ଓ ଶ୍ରୀ ବିଶ୍ୱଜୀବନ ସାହୁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଲୋକନାଥ ସାହୁ, ପିତା: ୺ତ୍ରିଲୋଚନ ସାହୁ, ସା/ପୋ.: ବଡ଼ଗୋଗୁଆ, ଥାନା: ବଣାଇଗଡ଼ ଜିଲ୍ଲା: ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0660/2223

SADHAC
STATE AGENCY FOR DEVELOPMENT OF HANDLOOM CLUSTERS
(Handlooms, Textiles & Handicrafts Department, Govt. of Odisha)
Directorate of Textiles, Odisha, Satyanagar, Bhubaneswar-751007,
Tel. No.0674-2572256
Email: sadhacorissa@gmail.com, www.sadhacodisha.org
QUOTATION CALL NOTICE

No. PP-69: Sealed tenders (i.e in two bids) are invited from reputed Manpower agencies / Service provider to provide the services of one Programme Assistant and one Peon w.e.f 01.05.2023 to 30.04.2024 through a suitable placement agency on contract basis for day to day official work.
The detail information for outsourcing service of the aforesaid posts has been given in the Tender Document which may be obtained from the office of SADHAC, Directorate of Textiles, Satyanagar, Bhubaneswar-751007 on any working day between 11 A.M. to 4 P.M. and available in the official website of SADHAC **www.sadhacodisha.org** (Advertisement/ Tender tab)/ **www.boyanika.com./ www.sidacodisha.org.in/ www.handloom.odisha.gov.in/ https://textiles.odisha.gov.in/**. The intending bidders are required to download the tender documents directly given from the official websites and in this connection the bidder have to pay tender fee (non-refundable) of Rs. 500/- (Rupees five hundred) and EMD of Rs.11,000/- (Rupees eleven thousand) only are to be enclosed in shape of Bank Draft/ Demand Draft in favour of "State Agency for Development of Handloom Cluster" from any Nationalized/ Scheduled Bank payable at Bhubaneswar. The last date and time for submission of tender document is **11.04.2023 by 4.00 P.M.** The authority reserves the right to reject any/ all the tenders without assigning any reason thereof.
OIPR-31012/11/0007/2223 Sd./- Member Secretary

WATCO No.C-2693:
OFFICE OF THE CHIEF EXECUTIVE OFFICER, WATCO
Ground Floor, Unnati Bhawan
H.B. Colony, Satyanagar, Bhubaneswar-751007, Odisha, India
Telefax: -+91-674-2391444
E-mail - mail@watcoodisha.in, md@watcoodisha.in
INVITATION FOR BID (IFB)
Bid Identification No. WATCO (W) - 50/2022-23 Dtd.18.03.2023
WATCO No.1575, Date:18.03.2023

1. Name of the work : -1- Construction, Testing, Commissioning and Trial Run of Septage Treatment Facility of 75 KLD Capacity at Bhubaneswar inside Kochillaput, STP Premises.
2. Construction, Testing, Commissioning and Trial Run of Septage Treatment Facility of 75 KLD Capacity at Bhubaneswar inside Meherpalli, STP Premises.
3.

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଟିତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
0674-2580385
9338226625

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପ୍ରସୂତି କକ୍ଷରୁ ନବଜାତ ଶିଶୁ ଗାଏବ ଅଭିଯୋଗ

ଗାଥିଲି ସବ୍‌ଡିଭିଜନ ହସ୍ପିଟାଲ

ଅଭିଯୋଗ ମିଥ୍ୟା: ଡାକ୍ତର

ମାଥିଲି, ୨୦।୩ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ସବ୍‌ଡିଭିଜନ ହସ୍ପିଟାଲର ପ୍ରସୂତି କକ୍ଷରୁ ନବଜାତ ଶିଶୁ ଗାଏବ ହୋଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କିଆଙ୍ଗ ପଞ୍ଚାୟତ ବୀରନପାଲି ଗ୍ରାମର ବନ୍ଧୁ ପଟିଙ୍କ ସ୍ତ୍ରୀ କୌଶଲ୍ୟା ଗର୍ଭବତୀ ଥିବା ଜାଣିବା ପରେ ସବୁ ମାସରେ ନିଜ ଚିକିତ୍ସା ଓ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧପତ୍ର ଖାଉଥିଲେ। ରବିବାର ତାଙ୍କ ଗର୍ଭ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ ମାଥିଲି ସବ୍‌ଡିଭିଜନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରାତିରେ ଯନ୍ତ୍ରଣାରେ ଛଟପଟ ହେଉଥିବା କୌଶଲ୍ୟାଙ୍କୁ ପ୍ରସୂତି କକ୍ଷକୁ ନିଆଯାଇଥିଲା। ଏକ ଘଣ୍ଟା ପରେ ସେଠାରୁ ତାଙ୍କୁ ବାହାର କରାଯାଇଥିଲା। ପରେ ଡାକ୍ତର ଆସି କୌଶଲ୍ୟାଙ୍କ ପେଟରେ କୌଣସି ଶିଶୁ ନ ଥିବା କହିଥିଲେ। କୌଶଲ୍ୟାଙ୍କ ପେଟରେ ଶିଶୁ ନ ରହିବା ଘଟଣା ପରିବାର ଲୋକଙ୍କୁ ସନ୍ଦେହରେ ପକାଇଥିଲା। ସେମାନେ ତାଙ୍କ ଶିଶୁକୁ ବିକ୍ରି କରିଦେଇଥିବା ଅଭିଯୋଗ ଉଠାଇଛନ୍ତି। ଅନ୍ୟପକ୍ଷରେ ତାଙ୍କୁ ପ୍ରସବ କରାଇଥିବା ଡାକ୍ତର ଡା. ଅମୀୟ ସ୍ୱାଇଁ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, କୌଶଲ୍ୟା ଜଣେ ମାନସିକ ରୋଗୀ। ପୂର୍ବରୁ ସେ ୨ ଥରେ ବିବାହ କରିନ୍ତି। ପ୍ରଥମ ବିବାହ ପରେ କୌଶଲ୍ୟା ୨ ଶିଶୁ ଜନ୍ମ ଦେଇଛନ୍ତି। ପରେ ତାଙ୍କର ଫାମିଲି ପ୍ଲାନିଂ ଅପରେଶନ ହୋଇଛି। ଦ୍ୱିତୀୟ ବିବାହ କରିବା ପରେ ତାଙ୍କର କୌଣସି କାରଣରୁ ମାନସିକ ଅବସ୍ଥା ଭଲ ନ ଥିଲା। ତାଙ୍କ ପେଟ କୌଣସି କାରଣରୁ ବଢ଼ିଯାଇଥିଲା। ଏହାକୁ ସେ ଗର୍ଭବତୀ ଥିବା ମନେକରି ନେଇଛନ୍ତି ବୋଲି ଡାକ୍ତର ସ୍ୱାଇଁ କହିଛନ୍ତି।

ବନ୍ଧୁ ପଟି ଓ ସ୍ତ୍ରୀ କୌଶଲ୍ୟା।

ହିନ୍ଦୁ ଦର୍ଶାଇ ତ୍ରିପୁରା ଯୁବତୀଙ୍କୁ ପ୍ରେମରେ ଫସାଇଲେ ମୁସଲମାନ ଯୁବକ

କଳିଙ୍ଗନଗର, ୨୦।୩(ଡି.ଏନ୍.ଏ.)

ନିଜକୁ ହିନ୍ଦୁ ଦର୍ଶାଇଥିବା ଯାଜପୁର ରୋଡ୍ ଅହମ୍ମଦନଗରର ଜଣେ ମୁସଲମାନ ଯୁବକଙ୍କ ପ୍ରେମରେ ପଡ଼ି ଘର ଛାଡ଼ିଛନ୍ତି ତ୍ରିପୁରାର ଜଣେ ଡାକ୍ତରୀ ପଢୁଆ ଯୁବତୀ। ଯୁବତୀଜଣକ ପଶ୍ଚିମ ଅଗରତାଲା ଅଞ୍ଚଳର ହିନ୍ଦୁ ସମ୍ପ୍ରଦାୟର। ସେ ୨ ସପ୍ତାହ ତଳେ ଅହମ୍ମଦନଗରରେ ଆସି ପହଞ୍ଚିବା ପରେ ତାଙ୍କୁ ଜଣେ ମୌଲାନା ଓକିଲଙ୍କ ସହାୟତାରେ ସମ୍ପୃକ୍ତ ମୁସଲମାନ ଯୁବକଙ୍କ ସହ ବିବାହ କରାଇବା ପାଇଁ ପ୍ରୟାସ କରିଥିବା ଜଣାପଡ଼ିଛି। ହେଲେ ଯୁବତୀ ମା'ବାପାଙ୍କ ଅଭିଯୋଗ କ୍ରମେ ତ୍ରିପୁରା ପୋଲିସ ତଦନ୍ତ ଚଳାଇଥିଲା। ଫୋନ ଟ୍ରାକିଂରୁ ଯୁବତୀଜଣକ ଯାଜପୁର ରୋଡ୍ ଅହମ୍ମଦନଗରରେ ଥିବା ଜଣାପଡ଼ିଥିଲା। ତଦନୁଯାୟୀ ଯୁବତୀଙ୍କ ମା'ବାପା ସୋମବାର ଯାଜପୁର ରୋଡ୍ ଥାନାରେ ଆସି ପହଞ୍ଚିଛନ୍ତି। ପୋଲିସ ଯୁବତୀଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ ଥାନାକୁ ଆଣିଥିବାବେଳେ ତାଙ୍କ ପ୍ରେମିକ ତଥା ମୁସଲମାନ ଯୁବକ ଜଣକ ଫେରାର ହୋଇଯାଇଛନ୍ତି। ଯୁବତୀଙ୍କ ମା'ବାପାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅଙ୍କୁ ମୁସଲମାନ ଯୁବକ ଜଣକ ଫେସ୍‌ବୁକ୍‌ରେ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇଥିଲେ। ଏହାସହ ସେ ନିଜକୁ ହିନ୍ଦୁ ଏବଂ ଉଚ୍ଚବେତନଧାରୀ ଇଞ୍ଜିନିୟର ବୋଲି ମିଛ କଥା କହି ଯୁବତୀଙ୍କୁ ପ୍ରେମଜାଲରେ ଫସାଇଥିଲେ। କିନ୍ତୁ ବାସ୍ତବରେ ଯୁବକ ଜଣକ ସାଧାରଣ ମେକାନିକ ଭାବରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ପୋଲିସ ଯୁବତୀଙ୍କୁ ପଚରାଉଚରା କରିବା ସହ ଅଧିକ ତଦନ୍ତ କରୁଛି।

ମହିଳାଙ୍କ ଆତ୍ମହତ୍ୟା, ହତ୍ୟା ଅଭିଯୋଗ

କବିସୂର୍ଯ୍ୟନଗର, ୨୦।୩(ଡି.ଏନ.ଏ.): କବିସୂର୍ଯ୍ୟନଗର ଥାନା ବାଲିଛାଇ ଫାଣ୍ଡି ଅଧିନ ବାଲିଛାଇ ଗ୍ରାମରେ ରବିବାର ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଫିରୋଜ ମହାନ୍ତିଙ୍କ ସ୍ତ୍ରୀ ସୁଚିତ୍ରା। ପରିବାର ଲୋକେ ଏହା ହତ୍ୟା ବୋଲି ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ୨୦୧୨ମସିହାରେ ବାଲିଛାଇର ଦୁହେଁ ଫିରୋଜ ମହାନ୍ତି ଓ ସୁଚିତ୍ରା ଜେନା ପରସ୍ପରକୁ ପ୍ରେମ ବିବାହ କରିଥିଲେ। ଉଭୟ ଭିନ୍ନ ଜାତି ହୋଇଥିବାରୁ ଏହାକୁ ବିରୋଧ କରି ଝିଅକୁ ଫେରାଇ ଆଣିବାକୁ ଚେଷ୍ଟା କରାଯାଇଥିବା ମୃତକଙ୍କ ମା ଜ୍ୟୋତ୍ସା କହିଛନ୍ତି। କହିଛି। ବିବାହ ପରଠାରୁ ପୁଅ ଫିରୋଜ ବିଭିନ୍ନ ଜାନି, ଯୌତୁକ ଦାବି କରୁଥିବା ଥାନାରେ ଅଭିଯୋଗ ହୋଇଛି। ରବିବାର କୌଣସି କାରଣରୁ ସୁଚିତ୍ରା ନିଜ ଶାଢ଼ି ଫ୍ୟାନ୍‌ରେ ବାନ୍ଧି ଆତ୍ମହତ୍ୟା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ପୋଲିସଠାରୁ ଖବର ପାଇ ମୃତକଙ୍କ ବାପଘର ଲୋକେ ପହଞ୍ଚି ଏହା ହତ୍ୟା ବୋଲି ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ନଂ. ୧୭୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣା ପଡିଥିଲେ ମଧ୍ୟ ସାଇଣ୍ଟିଫିକ ଟିମ ଆସି ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ପ୍ରଭାତ ସାହୁ କହିଛନ୍ତି।

ଆମ ହସ୍ପିଟାଲ: ଜିଲାପାଳଙ୍କୁ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ କ୍ଷମତା

ଭୁବନେଶ୍ୱର, ୨୦।୩(ବ୍ୟୁରୋ)

ରାଜ୍ୟ ସରକାରଙ୍କ ୫-ଟି ଆଧାରରେ ପ୍ରଣିତ 'ଆମ ହସ୍ପିଟାଲ' ଯୋଜନା ଅନ୍ତର୍ଭୁକ୍ତ ହସ୍ପିଟାଲଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ କ୍ଷମତା ସମ୍ପୃକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଫଳରେ ଏଥିପାଇଁ ହେଉଥିବା ବିଳମ୍ବକୁ ଏଡାଇ ଦିଆଯାଇପାରିବ ଏବଂ କ୍ଷେତ୍ରସ୍ତରୀୟ ଆବଶ୍ୟକତା ଅନୁସାରେ ପ୍ରକଳ୍ପରେ ଛୋଟ ମୋଟ ପରିବର୍ତ୍ତନ କରାଯାଇ ପାରିବ ବୋଲି ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି।

କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ ଜିଲା କମିଟି ଗଠନ କରାଯାଇଛି। ପ୍ରକଳ୍ପର ପ୍ରସ୍ତୁତି, ଏହାର ଅନୁମୋଦନ, କାର୍ଯ୍ୟାୟନ ସଂସ୍ଥା ଚୟନ, କ୍ଷେତ୍ରସ୍ତରୀୟ ଅନୁଧ୍ୟାନ, ଅଗ୍ରଗତି ସମୀକ୍ଷା ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଆଦି କ୍ଷମତା ଜିଲାସ୍ତରୀୟ କମିଟିକୁ ପ୍ରଦାନ କରାଯାଇଛି ବୋଲି ବିଭାଗୀୟ ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି। ଏ ନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇ ଦିଆଯାଇଥିବା ଶାସନ ସଚିବ କହିଛନ୍ତି।

Classified Everyday

0674-2580101, 2549949

REAL ESTATE

SALE

Immediate ଘରକରି ରହିବା ପାଇଁ ବାଳକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186. D-74660

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side,** ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ **30ft.** ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। **9937450545.** D-74830

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

ଭୁବନେଶ୍ୱର ହଂସପାଳ ଛକରୁ **8K.M.** ମଧ୍ୟରେ **Sudhananda School front** ଭିଙ୍ଗାରପୁରଠାରେ **boundary, road,** ଇଲେକ୍ଟ୍ରିସିଟି ଥାଇ **sqft.-550/-**ରେ ତୁରନ୍ତ **registration** କରନ୍ତୁ। **9114121344.** D-74831

Bhubaneswar-Khurda ମଧ୍ୟରେ Pitapali Chhakaରେ sthitiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74526

CONSTRUCTION

Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74826

All types of Professional body massage by professional therapy. Contact: 9556924059 / 7077933109. D-2996

Asriba da Panchakarma herbal SPA Kesharimall, Bhubaneswar. Contact: 8926173473. D-74664

Newly open full body massage ladies and gents. 8327740003, 9861883292. D-74659

Relax, Refresh your Body, Mind at Saikrupa Spa with best therapies. 8984068077. D-2932

"Only Professional body massage, Steam-Bath & Body Scrubbing. 9861550765". D-2985

LOST

The Notice is hereby given to the Public in general that, (a) Original Registered Sale deed No. 275 Dt.16.02.2009 executed by Akhaya Kumar Nayak in favour of Smt. Ramamani Sutar relating to property bearing Khata No. 7 and Plot No. 4156 Area Ac0.045Dec. and Plot No. 4157 Area Ac0.062 Dec. and (b)ROR (Patta) of Khata No. 1268/139 and Plot No. 4148/4827 Area Ac0.110Dec. standing in the name of Smruti Ranjan Nayak (which are Link deeds) Situated at Mouza-Byree, Tahasil-Darpan, SRO/ P.S.-Badachana, Dist.-Jajpur have been lost. If the same are found please contact Punjab National Bank, MCC Cuttack, Plot No-584, Surya Vihar, near Nishamani Convention, Link Road, Cuttack. Further, The Punjab National Bank intends to create Equitable Mortgage in respect of the property details of which are given in the notice for the purpose of loan. Any person claiming any interest or title in the property or otherwise having any objection can make representation to Punjab National Bank, MCC Cuttack within seven days (07 Days) of the date of such notice.
Cuttack, Dt.20.03.2023
Assistant General Manager MCC Cuttack. D-3044

AFFIDAVIT

By virtue of an affidavit before the Executive Magistrate, Jatni. I Kommala Padmavati, At/PO.- Kudiary, P.S.- Jatni, Dist.- Khordha, Odisha. The Kommala Padmavati, W/o- Kommala Apana & Kamla Padmavati, W/o- Kommala Appanna, Late is releted to one and same person. D-73536

I P Khushal (as per serving documents) is legally Son of No:15180257X, Rank: NK, Name: P Krishna Rao presently residing At:Vill: Kirtipur, P.O.- Loudigam, PS: Golonthara, Dist: Ganjam, Odisha Pin:760003, I have changed my name from P Khushal to Pemi Khushal and Date of Birth is 28.11.2014 vide Affidavit Dt:16.03.2023. D-3042

I P Mahalachhami (as per serving documents) is legally Mother of No:15180257X, Rank: NK, Nama P Krishna Rao presently residing At Vill:Kirtipur, P.O- Loudigam, PS:Golonthara, Dist: Ganjam, Odisha- 760003, I have changed my name from P Mahalachhami to Pemi Laxmama and Date of Birth is 02.02.1964 vide affidavit, Dt:16.03.2023. D-3041

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before the Notary Public TN Bag, Balasore Dated 30-12-2019. I Subhransu Sekhar Tung, S/o- Purna Chandra Tunga, At/Po-Irda, Dist-Balasore, Odisha-756080 have changed my surname from Subhransu Sekhar Tung to Subhransu Sekhar Tunga, Henceforth I shall be known as Subhransu Sekhar Tunga for all purposes. D-3039

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପଞ୍ଚମ ଶ୍ରାଦ୍ଧବାର୍ଷିକୀ

ୱ ଶ୍ରୀମତୀ କାନନବାଳା ରଥ
ଲୋକନାଥ ଘାଟ, ପୁରୀ

ତା ୨୧।୦୩।୨୦୨୩ରିଖ ଆପଣଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର ଓ ପୁତ୍ରବଧୂ, ନାତି ଓ ନାତୁଣୀମାନେ।

ଧ-୭୩୫୩୪

LEGAL NOTICE

ନୋଟିସ

ମାନ୍ୟବର ଶ୍ରୀଯୁକ୍ତ ଚକବନ୍ଦୀ ଏବଂ ବନ୍ଦୋବସ୍ତ କମିଶନର, ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଆର୍.ସି.କେସ୍ ନଂ- ୬୧/୨୦୧୭
ଶରତବାଳା ମହାନ୍ତି, ସ୍ୱାମୀ- ପୂର୍ଣଚନ୍ଦ୍ର ମହାନ୍ତି, ସା/ପୋ- କୁସ୍ମିଲୋ, ଥାନା/ଜିଲ୍ଲା-ଖୋର୍ଦ୍ଧା
..... ବାଦୀ
ବନାମ
ଅରକ୍ଷିତ ବେହେରା ଓଗେର
.....ପ୍ରତିବାଦୀମାନେ
ନୋଟିସ ଅର୍ଡର-୫ ରୁଲ୍-୨୦ ସି. ପି.ସି. ମୁତାବକ
ପ୍ରାପ୍ତେଷୁ:
ପ୍ରତିବାଦୀ ନଂ ୨. ନୀଳମଣି ସାହୁ, ୩. ଶୈଳବାଳା ସାହୁ, ୪. ତିଳତମା ସାହୁ ଏମାନଙ୍କ ପିତା- ମଧୁ ସାହୁ, ୫. ହାରାମଣି ସାହୁ, ସ୍ୱାମୀ- ମଧୁ ସାହୁ, ୬:a) ବେଙ୍ଗ ଦେଇ, ସ୍ୱାମୀ-ସାଧୁ ସାହୁ ଏହି ସମସ୍ତଙ୍କ ଠିକଣା- ସା- କୁସ୍ମିଲୋ, ପୋ- କେରଙ୍ଗ, ଥା/ ଜିଲ୍ଲା-ଖୋର୍ଦ୍ଧା, b) ଶଶୀ ସାହୁ, ସ୍ୱାମୀ-ମୀନ ସାହୁ (ପିତା-ସାଧୁ ସାହୁ), ସା- ସୁଆଁଳ, ପୋ-ଧନଘରନୁଆଁ ଗାଁ, ଥାନା-ବେଗୁନିଆ, ଜିଲ୍ଲା-ଖୋର୍ଦ୍ଧା, c)ସତ୍ୟଭାମା ସାହୁ, ସ୍ୱାମୀ- ସୁକାନ୍ତ ସାହୁ, ସା/ପୋ/ଥା- ବେଗୁନିଆ, ଜିଲ୍ଲା-ଖୋର୍ଦ୍ଧା, d) ମିତା ସାହୁ, ସ୍ୱାମୀ- ମାୟାଧର ସାହୁ, ସା/ପୋ/-ତୁଳସୀପୁର, ଥା-ବାଙ୍କୀ, ଜିଲ୍ଲା-କଟକ
ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଆର. ସି. କେସ୍‌ର ଶୁଣାଣି ଉପରୋକ୍ତ ଅଦାଲତରେ ଆସନ୍ତା ତା୨୪।୦୩।୨୦୨୩ରିଖ ଦିବା ୧୧.୩୦ମି. ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି । ଜମିର ବିବରଣୀ
ମୌଜା-କୁସ୍ମିଲୋ, ତହସିଲ- ଖୋର୍ଦ୍ଧା, ଥାନା-ଖୋର୍ଦ୍ଧା
ସାବକ
ସାବକ ଖାତା ନଂ-୪୭, ପ୍ଲଟ୍ ନଂ-୬୧୬, ୬୧୭, ରକବା ଏ୦.୨୭୦ ଡି., ଏ୦.୬୧୨ ଡି., ସ୍ଥ- ଏ୦.୯୯୦ ଡି., ସ୍ୱତ୍ୱ ସ୍ଥିତିବାନ, କିସମ ଶାରଦ ତିନି
ହାଲ୍
ହାଲ୍ ଖାତା ନଂ-୩୦, ଚକ ନଂ- ୧୦୫, ପ୍ଲଟ ନଂ- ୯୮୮, ରକବା- ଏ୧.୫୦୦ ଡି., ସ୍ଥ ରୁ ଏ୦.୮୮୨ ଡି., ସ୍ୱତ୍ୱ ସ୍ଥିତିବାନ
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ। ତା୧୬।୦୨।୨୦୨୩, ଭୁବନେଶ୍ୱର
ଚକବନ୍ଦୀ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା./- ଧୀ.କୁ. ପଟ୍ଟନାୟକ କୋର୍ଟ ଅଫିସର୍
ଧ-୩୦୩୩

ନୋଟିସ

ମାନ୍ୟବର ଶ୍ରୀଯୁକ୍ତ ଚକବନ୍ଦୀ ଏବଂ ବନ୍ଦୋବସ୍ତ କମିଶନରଙ୍କ ଅଦାଲତ, ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଆର୍.ସି.କେସ୍ ନଂ ୬୨/୨୦୧୭
ଶରତବାଳା ମହାନ୍ତି ସ୍ୱାମୀ- ପୂର୍ଣଚନ୍ଦ୍ର ମହାନ୍ତି, ସା/ପୋ- କୁସ୍ମିଲୋ, ଥାନା/ଜିଲ୍ଲା- ଖୋର୍ଦ୍ଧା
.....ବାଦୀ
ବନାମ
ଭାବେନି ମହାକୁଡ଼, ପିତା- ଭ୍ରମର ମହାକୁଡ଼, ସା-କୁସ୍ମିଲୋ, ପୋ- କେରଙ୍ଗ, ଥାନା/ଜିଲ୍ଲା- ଖୋର୍ଦ୍ଧା
..... ପ୍ରତିବାଦୀ ନଂ ୧
ନୋଟିସ ଅର୍ଡର-୫ ରୁଲ୍-୨୦ ସି. ପି.ସି. ମୁତାବକ
ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଆର୍. ସି. କେସ୍‌ର ଶୁଣାଣି ଉପରୋକ୍ତ ଅଦାଲତରେ ଆସନ୍ତା ତା୨୪।୦୩।୨୦୨୩ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି ।
ଜମିର ବିବରଣୀ
ମୌଜା-କୁସ୍ମିଲୋ, ତହସିଲ- ଖୋର୍ଦ୍ଧା, ଥାନା-ଖୋର୍ଦ୍ଧା।
ସାବକ
ସାବକ ଖାତା ନଂ -୭୦, ପ୍ଲଟ୍ ନଂ-୫୬୭, ରକବା- ଏ୦.୨୯୩ ଡି., ସ୍ଥ-ଏ୦.୮୮୦ ଡି., ସ୍ୱତ୍ୱ ସ୍ଥିତିବାନ, କିସମ- ଶାରଦ ତିନି
ହାଲ୍
ହାଲ୍ ଖାତା ନଂ-୬୪୮, ଚକ ନଂ-୧୭୪, ପ୍ଲଟ ନଂ-୧୦୮୬, ରକବା ଏ୦.୨୯୩ ଡି., ସ୍ଥ ଏ୦.୮୮୦ ଡି., ସ୍ୱତ୍ୱ ସ୍ଥିତିବାନ
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ

ରେଡ୍ ଫ୍ୟାଶନ

ଲାଲ୍ ରଙ୍ଗ ପ୍ରାୟ ଅଧିକାଂଶଙ୍କୁ ପସନ୍ଦ। ଏହି କଲରର ଆଉଟ୍‌ଫିଟ୍‌ରେ କେବଳ ବୋହୂଟିଏ ନୁହେଁ, ସମସ୍ତେ ସୁନ୍ଦର ଲାଗନ୍ତି। ହେଲେ ଏହାକୁ ପିନ୍ଧିବା ବେଳେ କେତୋଟି ଦିଗ ପ୍ରତି ସାମାନ୍ୟ ଅଣଦେଖାକଲେ ସମ୍ପୂର୍ଣ୍ଣ ଫ୍ୟାଶନ ଖରାପ ଲାଗିପାରେ। ତେଣୁ କିପରି ନିଜ ରେଡ୍ କଲର ଫ୍ୟାଶନକୁ ଆହୁରି ଆଇକ୍ୟାଚି କରିପାରିବେ ଜାଣିରଖନ୍ତୁ ଟିପ୍ସ ...

★ରେଡ୍ କଲର ଶାଢ଼ି, ଲଙ୍ଗ୍ ଗାଉନ୍ ହେଉ ଅବା ଅନ୍ୟ ଡ୍ରେସ୍ ଏବେ ଖୁବ୍ ଡିମାଣ୍ଡରେ ରହିଛି। ହେଲେ ଏହାକୁ ପିନ୍ଧିବା ବେଳ ମେକ୍‌ଅପ୍ ଠିକ୍ ଭାବରେ ନେବା ପ୍ରତି ଗୁରୁତ୍ୱ ଦିଅନ୍ତୁ। ଏହା ସହ ଅନ୍ୟ କଲର ଲିପ୍‌ଷ୍ଟିକ୍ ନ ଲଗାଇ ରେଡ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ ବୋଲ୍ଡ ଏବଂ ଆଇକ୍ୟାଚି ଲୁକ୍ ପାଇପାରିବେ। ସେହିପରି ରେଡ୍ ଆଉଟ୍‌ଫିଟ୍ ସହିତ ଆଇ ମେକ୍‌ଅପ୍ ଲାଇଟ୍ ରଖିଲେ ଭଲ ଲାଗିବେ।

– ରେଡ୍ କଲର ଶାଢ଼ି କିମ୍ବା ହେଭି ଗାଉନ୍ ବା ଲେହେଙ୍ଗା ସହ ବେକରେ ଚୋକର ପିନ୍ଧନ୍ତୁ ସୁନ୍ଦର ଦିଶିବ। ସେହିପରି କାନରେ ରାଉଣ୍ଡ ଇୟର ରିଙ୍ଗ୍ସ ଏବଂ ହାତରେ ଚୁଡ଼ି ପିନ୍ଧିବାକୁ ଭୁଲନ୍ତୁ ନାହିଁ। ରେଡ୍ ଶାଢ଼ି ସହ ଛୋଟ ରେଡ୍ ବିନ୍ଦି ଆପଣଙ୍କ ମୁହଁର ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇଦେବ।

★ରେଡ୍ ମିଡି କିମ୍ବା ସ୍କିନ୍ ଫ୍ରକ୍, ଗାଉନ୍, ୱାନଇ ପିସ୍ ଆଦି ପିନ୍ଧୁଥିଲେ ବ୍ଲାକ୍ ବେଲ୍ଟ ଏବଂ ବ୍ଲାକ୍ ହାଇହିଲ୍ସ ପିନ୍ଧିଲେ ଅଧିକ ଫ୍ୟାଶନେବଲ୍ ଲୁକ୍ ପାଇପାରିବେ।

★ମନେରଖନ୍ତୁ ଯଦି ରେଡ୍ କଲର ଆଉଟଫିଟ୍ ପିନ୍ଧୁଛନ୍ତି ଏହା ସହ ଆସେସରିଜ୍ ସମ୍ପୂର୍ଣ୍ଣ ରେଡ୍ ବାଛନ୍ତୁ ନାହିଁ। ନଚେତ୍ ଅଲ୍ ରେଡ୍ ହୋଇଗଲେ ତାହା ଦେଖିବାକୁ ଭଲ ଲାଗି ନ ଥାଏ। ତେଣୁ ଏହାକୁ କଣ୍ଟ୍ରାଷ୍ଟ ରଖିବାକୁ ଚେଷ୍ଟା କରନ୍ତୁ।

★ ରେଡ୍ କଲର ଗର୍ଜିଅସ୍ ହୋଇଥିବାରୁ ଏହା ସହ ଓଭର ମେକ୍‌ଅପ୍ କିମ୍ବା ଓଭର ଜୁଏଲେରି ଆଦୌ ପିନ୍ଧନ୍ତୁ ନାହିଁ।

ଗ୍ଲୁକୋମା ଚକ୍ଷୁ ପାଇଁ ଘାତକ

ଡା. ସୋନାଲି ଷଡ଼ଙ୍ଗୀ

ଚକ୍ଷୁ ମନୁଷ୍ୟ ଶରୀରର ଏକ ମୂଲ୍ୟବାନ୍ ଅଙ୍ଗ। ଆକାରରେ କ୍ଷୁଦ୍ର ସତ, ହେଲେ ଏହା ମାଧ୍ୟମରେ ହିଁ ଆମେ ପୃଥିବୀର ସବୁ ସୌନ୍ଦର୍ଯ୍ୟକୁ ଦେଖିପାରୁ, ମନଭରି ଉପଭୋଗ କରିପାରୁ ଏବଂ ସାରା ଜୀବନ ସେ ସ୍ମୃତିକୁ ଆଖିର ପରଦା ଦେଇ ହୃଦୟରେ ସାଇତି ରଖିପାରୁ। ତେଣୁ ଏହାର ଯତ୍ନନେବା ଓ ଏହାକୁ ସୁରକ୍ଷିତ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ...

ମଣିଷ ଶରୀରର ଅତ୍ୟନ୍ତ ମୂଲ୍ୟବାନ୍ ଅଙ୍ଗ ହେଉଛି ଆଖି। ଏହା ବିନା ପୃଥିବୀ ଅନ୍ଧାର। କାରଣ ଏହାଦ୍ୱାରା ଆମେ ସୁନ୍ଦର ପୃଥିବୀକୁ ଦେଖିପାରୁ ଏବଂ ଜୀବନର ସବୁ କାମ ସହଜରେ କରିପାରୁ। ବିଜ୍ଞାନଠାରୁ ଆରମ୍ଭକରି କଳା ଯାଏଁ ତଥା ସବୁ ଅତ୍ୟାଧୁନିକ କାମରେ ଆଖିର ଆବଶ୍ୟକତା ପଡ଼ିଥାଏ। ତେଣୁ ଆମର ଉପାଦେୟ ଅଙ୍ଗ ଆଖି ଦୁଇଟିକୁ ଅବହେଳା ନ କରି ସମସ୍ତ ପ୍ରକାର ଯତ୍ନ ନେବା ସହ ସାମାନ୍ୟ ସମସ୍ୟା ଦେଖାଦେଲେ ନିୟମିତ ବ୍ୟବଧାନରେ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଚିକିତ୍ସା କରିବା ଆବଶ୍ୟକ।

ପ୍ରାୟ ଚକ୍ଷୁ ଆଉଟ୍‌ଡୋରକୁ ଯେତେ ରୋଗୀ ଆସିଥାନ୍ତି ତନ୍ମଧ୍ୟରୁ ଅଧିକାଂଶ ରୋଗୀଙ୍କର ଦୃଷ୍ଟିଦୋଷ(ରିଫ୍ରାକ୍ଟିଭ ଏରର) କିମ୍ବା ଧଳା ମୋତିଆ(କାଟାରାକ୍ଟ)ର ସମସ୍ୟା ଥାଏ। ତେବେ କଳା ମୋତିଆ ବା ଗ୍ଲୁକୋମା ଆଖିର ଏମିତି ଏକ ରୋଗ ଯାହାଦ୍ୱାରା ଆଖି ଭିତରେ ଚାପ ବଢ଼ିଯାଏ ଏବଂ ଆସ୍ତେ ଆସ୍ତେ ଏହା ଚକ୍ଷୁ ଭିତରର ସ୍ନାୟୁ (ଅପ୍‌ଟିକ ନର୍ଭ)କୁ ଶୁଖାଇ ଦେଇଥାଏ। ମୂଳରୁ ଏହାର ଲକ୍ଷଣ ସହଜରେ ଜଣା ପଡ଼େନାହିଁ। ଏଥିରେ ତେରଛା (ସାଇଡ୍ ଭିଜନ)ରେ ପ୍ରଭାବିତ ହେଉଥିବା ବେଳେ ସିଧା ଦେଖିବାରେ (ସେଣ୍ଟ୍ରାଲ ଭିଜନ) ଅସୁବିଧା ହୁଏ ନାହିଁ।

ଦୃଷ୍ଟିଦୋଷ ଓ କାଟାରାକ୍ଟ ପରେ କଳା ମୋତିଆ ରୋଗୀଙ୍କ ସଂଖ୍ୟା ଅଧିକ। ଏବେ ବିଶ୍ୱରେ ୮ ମିଲିୟନ(୮୦୦ ଲକ୍ଷ) ଲୋକ ଗ୍ଲୁକୋମା ଭୋଗୁଛନ୍ତି। ୨୦୪୦ ମସିହାରେ ୧୧୧ ମିଲିୟନ ଲୋକଙ୍କୁ ଗ୍ଲୁକୋମା ହେବା ତଥା ସମ୍ପୂର୍ଣ୍ଣ ଆଖିର ଦୃଷ୍ଟିଶକ୍ତି ନଷ୍ଟହେବା ଆଶଙ୍କା ରହିଛି।

ବୟସ: ଏହା ପ୍ରାୟ ୪୦ ବର୍ଷ ବା ତଦୂର୍ଦ୍ଧ୍ୱ ଉଭୟ ମହିଳା ଓ ପୁରୁଷଙ୍କ ଠାରେ ଦେଖାଦେଇଥାଏ। କିନ୍ତୁ ଏହା ବଂଶଗତ ହେବା ଯୋଗୁ ଅଳ୍ପ ବୟସରୁ ମଧ୍ୟ ହେବା ଆଶଙ୍କା ରହିଛି।

କାରଣ: ଏହା ମୁଖ୍ୟତଃ ବଂଶଗତ ହୋଇଥାଏ। ତେଣୁ ପରିବାରରେ ଆଗରୁ କାହାର କଳା ମୋତିଆ ଥିଲେ ଏହା ହୋଇପାରେ। ତା'ଛଡ଼ା ମଧୁମେହ, ଉଚ୍ଚ ରକ୍ତଚାପ ରୋଗ ତଥା ବେଶି ମାତ୍ରାରେ ଷ୍ଟିରଏଡ୍ ଔଷଧ ସେବନ, ଆଖିର ମାତ୍ରାଧିକ ଚାପ, ଆଗରୁ ଆଖିରେ ମାଡ଼ ବା ଆଘାତ ହୋଇଥିଲେ କଳା ମୋତିଆ ହେବା ଆଶଙ୍କା ଥାଏ।

ଲକ୍ଷଣ: ଅସହ୍ୟ ମୁଣ୍ଡ ବ୍ୟଥା, ଆଖିରେ ଯନ୍ତ୍ରଣା, ଚଷମା କାଚର ବାରମ୍ବାର ପାୱାର ବଦଳିବା, ଆଲୋକ ଚାରିପଟେ ରଙ୍ଗିନ ବୃତ୍ତ ଦେଖାଯିବା, ହଠାତ୍ ଆଖି ଲାଲ୍ ପଡ଼ିଯାଇ ଆଖିକୁ ଭଲ ଭାବେ ଦେଖା ନ ଯିବା, ଦୃଷ୍ଟିର ପରିସୀମା ସୀମିତ ହୋଇଯିବା ଇତ୍ୟାଦି ଏହାର ମୁଖ୍ୟ ଲକ୍ଷଣ। ଏମିତିକି ଏଥିରେ କାହା କାହାର ସବୁଦିନ ପାଇଁ ଦୃଷ୍ଟିଶକ୍ତି ନଷ୍ଟ ମଧ୍ୟ ହୋଇଯାଏ।

ଉପରୋକ୍ତ ଲକ୍ଷଣ ସବୁ ପ୍ରକାଶ ପାଇଲେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଇନେବା ଦରକାର। ତେଣୁ ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ରୋଗୀମାନଙ୍କର ଚକ୍ଷୁର ପ୍ରେସର ମାପିବା ବି ଜରୁରୀ।

ଚିକିତ୍ସା: ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଆଖିରେ ଡ୍ରପ୍ ପକାଇବା, ଲେଜର ସର୍ଜରି ବା ସର୍ଜରି କରାଯାଇ ଦୃଷ୍ଟିଶକ୍ତି ନଷ୍ଟହେବାରୁ ରକ୍ଷା କରାଯାଇଥାଏ।

କଳା ମୋତିଆ ଏକ ମାରାତ୍ମକ ରୋଗ ଓ ନୀରବ ଘାତକ। ଏହାର ଗୁରୁତ୍ୱ ଓ ଜଟିଳତାକୁ ଉପଲବ୍ଧି କରିବା ପାଇଁ ତଥା ସଚେତନତା ସୃଷ୍ଟି କରିବା ପାଇଁ ସାରା ବିଶ୍ୱରେ 'ବିଶ୍ୱ ଗ୍ଲୁକୋମା' ସପ୍ତାହ ପାଳିତ ହେଉଛି। ଆସନ୍ତୁ, ସମସ୍ତେ ସଚେତନ ହେବା ଏବଂ ଆମ ଶରୀରର ଏକ ଜରୁରୀ ଓ ମୂଲ୍ୟବାନ୍ ଅଙ୍ଗକୁ ରକ୍ଷାକରିବା ପାଇଁ ବଦ୍ଧ ପରିକର ହେବା।

– ଚକ୍ଷୁ ବିଶେଷଜ୍ଞ
ଲିଙ୍କ୍‌ରୋଡ୍, କଟକ–୧୨

ପିଲା ମୋବାଇଲ ଧରୁଥିଲେ

ବର୍ତ୍ତମାନ ଅଧିକାଂଶ ପିଲା ଫ୍ରି ଟାଇମ୍ ପାଇବା ମାତ୍ରେ ମୋବାଇଲ ଫୋନ୍ ଧରି ବସୁଛନ୍ତି। ହେଲେ ଏହାକୁ ଅଧିକ ସମୟ ବ୍ୟବହାର କରିବା ଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ତେଣୁ ପିଲାଙ୍କୁ ମୋବାଇଲ ଫୋନ୍ ଦେଉଥିଲେ କେତୋଟି କଥା ପ୍ରତି ଧ୍ୟାନ ଦିଅନ୍ତୁ...

★ପିଲାମାନେ ଆଉଟ୍‌ଡୋର ଗେମ୍ ଖେଳିଲେ ଏହା ସେମାନଙ୍କୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରଖିବାରେ ସାହାଯ୍ୟ କରେ। ହେଲେ ବର୍ତ୍ତମାନ ଅଧିକାଂଶ ପିଲା ମୋବାଇଲ ଫୋନ୍ ଧରି ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ଭିଡିଓ ଗେମ୍ ଖେଳୁଛନ୍ତି। ଏହାଦ୍ୱାରା କାନ୍ଧ, ଆଣ୍ଠୁ, ଅଣ୍ଟା ଓ ପିଠି ଜାକିହୋଇ ରହୁଥିବାରୁ ପିଲାବେଳୁ ଗଣ୍ଠି ଯନ୍ତ୍ରଣା ଦେଖାଦେଉଛି। ତା'ଛଡ଼ା ଶାରୀରିକ ପରିଶ୍ରମ ନ ହେବା ଏବଂ ଖେଳିବା ବେଳେ ଖାଇବା ଦ୍ୱାରା ମେଦବହୁଳତା ଦେଖାଦେଉଛି। ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ପିଲାଙ୍କୁ ଅଧ ଘଣ୍ଟାରୁ ଅଧିକ ସମୟ ଫୋନ ଦିଅନ୍ତୁ ନାହିଁ।

★ଅଧିକ ସମୟ ଫୋନ୍ ବ୍ୟବହାର ଯୋଗୁ ଅନେକେ ଖାଦ୍ୟପେୟ ସାଙ୍ଗକୁ ଶୋଇବାରେ ଅବହେଳା କରୁଛନ୍ତି। ଫଳରେ ସେମାନଙ୍କଠାରେ ଚିଡ଼ିଚିଡ଼ା ଲାଗିବା, ଅବସାଦ, ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମି, ହୃଦ୍ ସମସ୍ୟା ଆଖିତଳ କଳା ପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା, ସ୍ମରଣଶକ୍ତି, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ସହିତ କେତେକ ଅସାଧ ରୋଗ ସୃଷ୍ଟି ହେଉଛି। ତେଣୁ ପିଲାଙ୍କ ଠିକ୍ ସମୟରେ ଖାଇବା ଓ ଶୋଇବା ପ୍ରତି ଯତ୍ନଶୀଳ ହୁଅନ୍ତୁ।

★ବର୍ତ୍ତମାନ ଅଧିକାଂଶ ପିଲା ଏତେମାତ୍ରାରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି ଯେ, ଅନେକେ ଇଣ୍ଟରନେଟ୍ ଆଡିକ୍ସନ ଡିସ୍‌ଅର୍ଡର ରୋଗର ଶିକାର ହେଉଛନ୍ତି। ହଠାତ୍ ସେମାନଙ୍କୁ ଏଥିରୁ ନିବୃତ୍ତ ରଖିଲେ ସେମାନଙ୍କଠାରେ ଚିଡ଼ିଚିଡ଼ା ହେବା, ବିନା କାରଣରେ ରାଗିବା କିମ୍ବା ଡିପ୍ରେସନ୍ ବା ଅବସାଦଗ୍ରସ୍ତ ହେବା ଭଳି ଲକ୍ଷଣ ଦେଖାଯାଉଛି। ତେଣୁ ଆରମ୍ଭରୁ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ଏବଂ ସେମାନଙ୍କ ଇଣ୍ଟରନେଟ୍ ବ୍ୟବହାର ଲାଗି ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ। ପିଲା ଇଣ୍ଟରନେଟ୍‌ରେ କ'ଣ ଦେଖୁଛି ଅବା କେଉଁ ଅନ୍‌ଲାଇନ ଗେମ୍ ଖେଳୁଛି ସେଥିପ୍ରତି ନଜର ରଖିବା ଲାଗି ପ୍ୟାରେଣ୍ଟିଂ କଣ୍ଟ୍ରୋଲର ସାହାଯ୍ୟ ନିଅନ୍ତୁ।

ସୌନ୍ଦର୍ଯ୍ୟ

ସନ୍‌ଟ୍ୟାନ୍ ଦୂରକରେ କାକୁଡ଼ି



ଖରାଦିନ ଆସିଲେ ସନ୍‌ଟ୍ୟାନ୍‌କୁ ନେଇ ବଢ଼ିଯାଏ ଅନେକଙ୍କ ଟେନ୍‌ସନ। ଏହାକୁ ଦୂରେଇବା ଲାଗି କିଏ ବିୟୁଟିପାର୍ଲର ଯାଆନ୍ତି ତ କିଏ ବ୍ୟବହାର କରନ୍ତି ବିଭିନ୍ନ କସ୍‌ମେଟିକ୍ ପ୍ରଡକ୍ଟ। ହେଲେ ଆପଣ ଜାଣନ୍ତି କି କାକୁଡ଼ିରେ ରହିଛି ଏଭଳି ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଗୁଣ ଯାହାକି ତ୍ୱଚାକୁ ସନ୍‌ଟ୍ୟାନ୍‌ରୁ ମୁକ୍ତିଦେବାରେ ସାହାଯ୍ୟ କରିବ। ଜାଣି ରଖନ୍ତୁ ଏହା ବ୍ୟବହାର କରିବାର ଉପାୟ...

➤କାକୁଡ଼ିକୁ ପତଳା କାଟି ମୁହଁ ଏବଂ ଆଖି ଉପରେ ରଖିବା ଦ୍ୱାରା କଳାଦାଗ ସହଜରେ ଦୂର ହୋଇଥାଏ।

➤କାକୁଡ଼ିର ଚୋପା ଛଡ଼ାଇ ଏହାକୁ ଗ୍ରାଇଣ୍ଡ କରିବା ପରେ ଭଲ ଭାବେ ଛାଣି ରସ ବାହାର କରିଦିଅନ୍ତୁ। ଏହାକୁ ସ୍ପ୍ରେ ବୋତଲରେ ରଖି ମୁହଁରେ ସ୍ପ୍ରେ କରନ୍ତୁ ନଚେତ୍ ତୁଳାରେ ନେଇ ମୁହଁରେ ଲଗାନ୍ତୁ। କାକୁଡ଼ିରସ ଏଭଳି ଏକ ପ୍ରାକୃତିକ ଟୋନର ଯାହା ତ୍ୱଚାକୁ ହାଇଡ୍ରେଟ୍ ଏବଂ ଫ୍ରେଶ୍ ରଖିବା ସହ ଟ୍ୟାନ୍ ହେବାକୁ ଦେଇ ନ ଥାଏ।

➤ଫେସ୍‌ମାସ୍କ ଭାବେ ମଧ୍ୟ କାକୁଡ଼ିକୁ ବ୍ୟବହାରକଲେ ଉପକୃତ ହୋଇପାରିବେ। ପ୍ରଥମେ କାକୁଡ଼ିକୁ ଭଲ ଭାବେ ଗ୍ରାଇଣ୍ଡିଂକରି ସେଥିରେ ଅଳ୍ପ ଓଟ୍‌ମିଲ୍ ଏବଂ ମହୁ ମିଶାନ୍ତୁ। ଏହି ମାସ୍କକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ସନ୍‌ବର୍ନ ଏବଂ ଟ୍ୟାନ୍ ଦୂରକରିବା ଲାଗି ସବୁଠୁ ଭଲ ଉପାୟ।

➤କାକୁଡ଼ିର ଚୋପା ଏବଂ ମଞ୍ଜି ବାହାର କରିଦିଅନ୍ତୁ। ଅବଶିଷ୍ଟ କାକୁଡ଼ିରେ ଗୋଟିଏ ଅଣ୍ଡାର ଧଳା ଅଂଶ ଏବଂ କିଛି ପୋଦିନା ପତ୍ରକୁ ଭଲ ଭାବେ ବାଟି ଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ସନ୍‌ଟ୍ୟାନ୍ ଦୂରକରି ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇବାରେ ସାହାଯ୍ୟ କରିବ।

ଖାଦ୍ୟରୁଚି

ଗୋଲକୋଣ୍ଡା ଚିକେନ

ଆବଶ୍ୟକ ସାମଗ୍ରୀ(୨ଜଣଙ୍କ ପାଇଁ): ୧୨୦ ଗ୍ରାମ ଚିକେନ୍ ଲେଗ୍ ପିସ୍, ୩୦ଗ୍ରାମ କର୍ନଫ୍ଲୋର୍, ୧୦ ଗ୍ରାମ କଞ୍ଚାଲଙ୍କା, ୧୦୦ଗ୍ରାମ ଅଦା, ୧୦୦ ରସୁଣ, ୧୦୦ ପିଆଜ, ୮୦ ଗ୍ରାମ ଦହି, ଅଧା ଚାମଚ ଲେଖାଏଁ ଧନିଆ ପାଉଡର, ଲଙ୍କାଗୁଣ୍ଡ ଏବଂ ଚାଟ୍ ମସଲା, ଏକ ଛୋଟ ଚାମଚ ଗୋଲମରିଚ, ୧ଟି ଅଣ୍ଡା, ୨୦ ଗ୍ରାମ ମଇଦା, ୨ ଚାମଚ ଲେମ୍ବୁରସ, ୫୦ ଗ୍ରାମ ଧନିଆପତ୍ର, ଭୃସୁଙ୍ଗ ପତ୍ର, ୩ ଚାମଚ ତେଲ, ଲୁଣ ସ୍ୱାଦାନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ଚିକେନ୍‌କୁ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଛୋଟ ଛୋଟ କଟା ହୋଇଥିବା କଞ୍ଚାଲଙ୍କା, ଅଦା ରସୁଣ ପେଷ୍ଟ, କର୍ନଫ୍ଲୋର, ଲୁଣ, ଗୋଲମରିଚ ଗୁଣ୍ଡ ପକାଇ ସେଥିରେ ଅଣ୍ଡାକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ଅଧଘଣ୍ଟା ଫ୍ରିଜ୍‌ରେ ରଖିଦିଅନ୍ତୁ। ବର୍ତ୍ତମାନ ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ମ୍ୟାରିନେଟ୍ ହୋଇଥିବା ଚିକେନ୍‌କୁ ଭଲ ଭାବେ ଫ୍ରାଏ କରିଦିଅନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ଅଳ୍ପ ତେଲ ନେଇ କଟା ପିଆଜ, ରସୁଣ, ଅଦା, କଞ୍ଚାଲଙ୍କା, ଭୃସୁଙ୍ଗ ପତ୍ର ପକାଇ ଭାଜି ଦିଅନ୍ତୁ। ଏଥିରେ ଅଳ୍ପ ପାଣି ଏବଂ ଦହି ପକାଇ ଭଲ ଭାବେ ମିଶାନ୍ତୁ। ସେଥିରେ ଫ୍ରାଏ ହୋଇଥିବା ଚିକେନ, ଚାଟ୍ ମସଲା, ଧନିଆ ଗୁଣ୍ଡ, ଲଙ୍କାଗୁଣ୍ଡ ଏବଂ ସ୍ୱାଦାନୁସାରେ ଲୁଣ ପକାଇ ଗୋଳାନ୍ତୁ। ପାଣି ଡ୍ରାଏ ହୋଇଗଲେ ଏହା ଉପରେ ଲେମ୍ବୁରସ ପକାଇ ଗୋଳାଇ ଦିଅନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ ଗୋଲକୋଣ୍ଡା। ଏହାକୁ ପ୍ଲେଟ୍‌ରେ କାଢ଼ି ଉପରେ କଟା ଧନିଆପତ୍ର ପକାଇ ପରଷି ଦିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୧/୨୦୨୩ Bhubaneswar, Tuesday, March 21/ 2023

ନେପାଳକୁ ୪-୧ରେ ହରାଇଲା ଭାରତ

ଢାକା, ୨୦।୩

ସ୍ଥାନୀୟ ବିଏସ୍‌ଏସ୍‌ଏସ୍ ମୁସ୍ତାଫା କମଲ ଷ୍ଟାଡିୟମରେ ୧୭ ବର୍ଷରୁ କମ୍ ସାଫ୍ ମହିଳା ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଶିଲ୍‌ଜି ଶାଜିଙ୍କ ହ୍ୟାଟ୍ରିକ ବଳରେ ଭାରତ ୪-୧ ଗୋଲରେ ନେପାଳକୁ ହରାଇ ଦେଇଛି।

ଚଳିତ ବର୍ଷ ପ୍ରାରମ୍ଭରେ ୨୦ ବର୍ଷରୁ କମ୍ ଭାରତୀୟ ଦଳ ସମାନ ଷ୍ଟାଡିୟମରେ ସମାନ ପ୍ରତିଦ୍ୱନ୍ଦ୍ୱୀ ଦଳଠାରୁ ହାରିଯାଇଥିଲା। ତେଣୁ ଆକ୍ରମଣାତ୍ମକ ଆଭିମୁଖ୍ୟନେଇ ଖେଳିଥିବା ଭାରତ ୪୦ ସେକେଣ୍ଡ

୧୭ ବର୍ଷରୁ କମ୍ ସାଫ୍ ମହିଳା ଫୁଟବଲ

ମଧ୍ୟରେ ଗୋଲ ସୁଯୋଗ ସୃଷ୍ଟି କରିଥିଲା। ୨୦ ମିନିଟ ବେଳକୁ ଦଳ ୩ ଥର ପ୍ରତିପକ୍ଷ ଦଳର ନେଟ୍‌ରେ ବଲ୍ ଭର୍ତ୍ତି କରିବାକୁ ସକ୍ଷମ ହୋଇଥିଲା। ମାତ୍ର ଅଫ୍‌ସାଇଡ୍ ଯୋଗୁ ୨ଟି ଗୋଲ ନାକଚ ହୋଇଯାଇଥିଲା। ୧୦ମ ମିନିଟରେ ଶିଲ୍‌ଜିଙ୍କ ଗୋଲ ବଳରେ ଭାରତ ଅଗ୍ରଣୀ ହାସଲ କରିଥିଲା। ଖୁସିଙ୍କଠାରୁ ଲଙ୍ଗ୍ ପାସ୍ ପାଇଥିଲେ ଶିଲ୍‌ଜି। ବଲ୍‌କୁ ନିୟନ୍ତ୍ରଣରେ ରଖି ଗୋଲ ଦେବାରେ ସକ୍ଷମ ହୋଇଥିଲେ। ନେପାଳ ଏକ ବିପଜ୍ଜନକ ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାରତୀୟ ଖେଳାଳିମାନେ ଭଲଭାବେ ଜାଣିଥିଲେ। ତେଣୁ କୌଣସି ମୁହୂର୍ତ୍ତରେ ମଧ୍ୟ ହାଲୁକା ମନୋଭାବ ପୋଷଣ କରି ନ ଥିଲେ। ୪୦ତମ ମିନିଟରେ ବ୍ୟକ୍ତିଗତ ଏବଂ ଦଳଗତ ଦ୍ୱିତୀୟ ଗୋଲ ଦେଇଥିଲେ ଶିଲ୍‌ଜି। ଏଥର ତାଙ୍କ ନିକଟକୁ ବଲ୍ ପାସ୍ ଦେଇଥିଲେ ଥୋଇବିସାନା। ଏହାର ୧ ମିନିଟ ପରେ ଅର୍ଥାତ୍ ୪୧ତମ ମିନିଟରେ ପୂଜା ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇ ଦେଇଥିଲେ। ଓ୍ୱଙ୍ଗର ପୂଜାଙ୍କୁ ଏଥର ପାସ୍ ଦେଇଥିଲେ ଶିଲ୍‌ଜି।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଆକ୍ରମଣକୁ ଜୋରଦାର କରି ଗୋଲ ପରିଶୋଧପାଇଁ ଉଦ୍ୟମ କରିଥିଲା ନେପାଳ। ଭାରତୀୟ ଦଳ ଏହାକୁ ପ୍ରତିହତ କରିଥିଲେ ହେଁ ୫୪ତମ ମିନିଟରେ ନେପାଳର ବର୍ଷା ଓଲି ଭାରତୀୟ ରକ୍ଷଣଭାଗ ଭେଦକରି ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ମାତ୍ର ଭାରତୀୟ ଖେଳାଳିମାନେ ଏଥିରେ ଚାପକୁ ନ ଆସି ଉତ୍ସାହପୂର୍ଣ୍ଣ ପ୍ରଦର୍ଶନ କରିଥିଲେ। ୮୧ତମ ମିନିଟରେ ବ୍ୟକ୍ତିଗତ ତୃତୀୟ ଗୋଲ ଦେଇ ହ୍ୟାଟ୍ରିକ୍ ପୂରଣ କରିଥିଲେ ଶିଲ୍‌ଜି।

ଏଥର ଭାରତୀୟ ଦଳର ସହକାରୀ କୋଚ୍ ଅଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। ଦଳର ପ୍ରଦର୍ଶନରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ଶ୍ରଦ୍ଧାଞ୍ଜଳି। ଶିଲ୍‌ଜି ଚମତ୍କାର ଖେଳିଛନ୍ତି, ତେବେ ଏହା ଦଳଗତ ପ୍ରଦର୍ଶନର ଫଳ ବୋଲି ସେ ପ୍ରକାଶ କରିଛନ୍ତି। ଆସନ୍ତା ୨୪ ତାରିଖରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ବାଂଲାଦେଶ ସହିତ ଖେଳିବ। ଏହାପରେ ୨୬ରେ ଭୁଟାନ ଓ ୨୮ରେ ରୁଷିଆ ସହିତ ମୁକାବିଲା କରିବ।

ତୃତୀୟ ଗୋଲ ସ୍କୋର ସହ ହ୍ୟାଟ୍ରିକ କରିବାପରେ ଖୁସି ମନାଉଛନ୍ତି ଶିଲ୍‌ଜି ଶାଜି।

ପ୍ଲେ ଅଫ୍‌ରେ ଓ୍ୱାରିୟର୍ଜ

ମୁମ୍ବାଇ, ୨୦।୩: ଓମେନ୍ସ ପ୍ରିମିୟର ଲିଗ୍‌ର ୧୭ ତମ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସ୍‌କୁ ୩ ଉଇକେଟରେ ପରାସ୍ତ କରିବା ସହିତ ପ୍ଲେ ଅଫ୍ ବର୍ଥ ନିଶ୍ଚିତ କରିଛି ୟୁପି ଓ୍ୱାରିୟର୍ଜ। ସୋମବାର ବ୍ରାବୋର୍ନ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଜାଏଣ୍ଟସ୍ ୧୭୮ ରନ୍ କରିଥିବା ବେଳେ ଗୋଟିଏ ବଲ୍ ପୂର୍ବରୁ ୭ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା ୟୁପି ଓ୍ୱାରିୟର୍ଜ। ଏହି ବିଜୟ ସହିତ ୟୁପିର ପ୍ଲେ ଅଫ୍ ପ୍ରବେଶ ନିଶ୍ଚିତ ହୋଇଥିବା ବେଳେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଓ ଗୁଜରାଟ ଜାଏଣ୍ଟସ୍ ପ୍ଲେ ଅଫ୍ ଦୌଡରୁ ବାଦ୍ ପଡିଛନ୍ତି। ଟସ୍ ଜିତି ଗୁଜରାଟ ପ୍ରଥମେ ବ୍ୟାଟିଂ କରିଥିଲା। ସୋଫିଆ ଡଙ୍କଲେ ଓ ଲୌରା ଓଲ୍‌ଭାଡର୍ଟ ପ୍ରଥମ ଉଇକେଟରେ ୪୧ ରନ୍ ଯୋଡିଥିଲେ। ଦୟଲାନ ହେମଲତା ୫୭(୩୩ ବଲ୍, ୬ଚୌକା, ୩ ଛକା) ଓ ଆସ୍‌ଲେ ଗାର୍ଡନର ୬୦(୩୯ ବଲ୍, ୬ଚୌକା, ୩ ଛକା) ଚତୁର୍ଥ ଉଇକେଟରେ ୯୩ ରନ୍ ଯୋଡିଥିଲେ। ଏକଦା ଗୁଜରାଟ ୨୦୦ ରନ୍ ଆଡକୁ ଅଗ୍ରସର ହେଉଥିବା ବେଳେ ଏହି ଦୁଇ ଖେଳାଳିଙ୍କୁ ଆଉଟ କରିଥିଲେ ପାର୍ଶଭି ଚୋପ୍ରା । ଓ୍ୱାରିୟର୍ଜ ପକ୍ଷରୁ ପାର୍ଶଭି ଓ ରାଜେଶ୍ୱରୀ ଗାଏକ୍ୱାଡ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୭୯ ରନ୍ ଲକ୍ଷ୍ୟର ପିଛା କରୁଥିବା ଓ୍ୱାରିୟର୍ଜ ୩୯ ରନ୍‌ରେ ଟପ୍ ୩ ଖେଳାଳିଙ୍କୁ ହରାଇ ସଙ୍କଟରେ ପଡିଥିଲା। ତେବେ ଟାଲିଆ ମ୍ୟାକ୍‌ଗ୍ରା ୫୭ (୩୮ ବଲ୍, ୧୧ଚୌକା) ଓ ଗ୍ରେସ୍ ହାରିସ୍ ୭୨(୪୧ ବଲ୍, ୭ ଚୌକା, ୪ ଛକା) ଜାଏଣ୍ଟ୍ସ ମୁହଁରୁ ବିଜୟ ଛଡାଇ ଆଣିଥିଲେ। ଗ୍ରେସ୍ ହାରିସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ସଂକ୍ଷିପ୍ତ ସ୍କୋର: ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୧୭୮/୬ (ଆସ୍‌ଲେ ଗାର୍ଡନର-୬୦, ଦୟଲାନ ହେମଲତା-୫୭, ସୋଫିଆ ଡଙ୍କଲେ-୨୩, ପାର୍ଶଭି ଚୋପ୍ରା-୨/୨୭, ରାଜେଶ୍ୱରୀ ଗାଏକ୍ୱାଡ-୨/୩୯, ଅଞ୍ଜଳି ଶ୍ରାବଣୀ-୧/୨୧)।

ୟୁପି ଓ୍ୱାରିୟର୍ଜ ୧୯.୫ ଓଭରରେ ୧୮୧/୭ (ଗ୍ରେସ୍ ହାରିସ୍-୭୨, ଟାଲିଆ ମ୍ୟାକ୍‌ଗ୍ରା-୫୭, ସୋଫି ଏକେଲଷ୍ଟୋନ୍-୧୯*,କିମ୍ ଗାର୍ଥ-୨/୨୯, ମୋନିକା ପଟେଲ୍-୧/୨୭, ଆସ୍‌ଲେ ଗାର୍ଡନର-୧/୨୯)।

ଜୟନ୍ତୀଙ୍କୁ ତୃତୀୟ ସ୍ୱର୍ଣ୍ଣ, ସୁଚିତ୍ରା ରୌପ୍ୟ

ଭୁବନେଶ୍ୱର, ୨୦।୩
(କ୍ରୀଡ଼ା ପ୍ରତିନିଧି)

ପୁଣେର ବାଲେଓ୍ୱାଡ଼ିସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ସୋମବାର ଶେଷ ହୋଇଛି। ଅନ୍ତିମ ଦିବସରେ ପୁଣି ଚମକ ଦେଖାଇଛନ୍ତି ପାରା ଆଥଲେଟ୍ ଜୟନ୍ତୀ ବେହେରା। ପୂର୍ବରୁ ୪୦୦ ମିଟର ଓ ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ସାରିଥିବା ଜୟନ୍ତି ମହିଳା ଟି୪୭ ବର୍ଗର ୨୦୦ ମିଟର ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏଥିସହ ସେ ଗୋଲ୍ଡେନ ଟ୍ରିପଲ ହାସଲ କରିଛନ୍ତି। ୨୦୦ ମିଟରରେ ଜୟନ୍ତି ୨୭.୩୮ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଆଇଜଣେ ଓଡ଼ିଆ ଝିଅ ସୁଚିତ୍ରା ପରିଡ଼ା ମହିଳା ଜାଭେଲିନ୍ ଥ୍ରୋ ଟି୫୫ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୪.୬୬ ମିଟର ଥ୍ରୋ କରି ଏହି ସଫଳତା ପାଇଛନ୍ତି। ଏଥିସହ ଓଡ଼ିଶା ପ୍ରତିଯୋଗିମାନେ ମୋଟ ୯ ପଦକ ପାଇଁ ଅଭିଯାନ ଶେଷ କରିଛନ୍ତି।

୨୦୧୦ ପରେ ଅର୍ଥାତ୍ ଦୀର୍ଘ ୧୩ ବର୍ଷ ବ୍ୟବଧାନରେ ଓଡିଶା ପଦକ ସଂଖ୍ୟା ୯ ଛୁଇଁଛି। ଫଳରେ ଓଡ଼ିଶା ଦଳ ପଦକ ତାଲିକାରେ ୧୦ମସ୍ଥାନ ଅଧିକାର କରିଛି। ପାରାଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ପ୍ରମୋଦ ଭଗତ, ପାରା ଆଲିମ୍ପିଆନ ମାର୍କଣ୍ଡ ରେଡ୍ଡୀ, କୋଚ୍ ବିଷ୍ଣୁ ପ୍ରସାଦ ମିଶ୍ର, ଓଡ଼ିଶା ପାରା ସ୍ପୋର୍ଟ୍ସ ସଂଘ କର୍ମକର୍ତ୍ତା ସୁନୀଲ ପ୍ରଧାନ ଓ ବଙ୍କିମ ଚନ୍ଦ୍ର ମହାନ୍ତି ପ୍ରମୁଖ ପ୍ରତିଯୋଗିତା ଅବସରରେ ପୁଣେରେ ଉପସ୍ଥିତ ଥିଲେ।

ଜାତୀୟ ପାରା ଆଥଲେଟିକ୍ସ

ଓଡ଼ିଶା ଦଳକୁ ୯ ପଦକ

ଓଡ଼ିଶା ଆଥଲେଟ୍‌ଙ୍କ ପଦକ ତାଲିକା

ଜୟନ୍ତି ବେହେରା: ୧୦୦, ୨୦୦ ଓ ୪୦୦ ମିଟରରେ ସ୍ୱର୍ଣ୍ଣ
ପଙ୍କଜ ଭୁଏ: ଲଙ୍ଗଜମ୍ପରେ ସ୍ୱର୍ଣ୍ଣ, ୧୦୦ ମିଟରରେ ବ୍ରୋଞ୍ଜ
ଅର୍ଜୁନ ଭତ୍ରା: ୪୦୦ ମିଟରରେ ବ୍ରୋଞ୍ଜ
ମଙ୍ଗତ ହେମ୍ରମ: ଲଙ୍ଗଜମ୍ପରେ ବ୍ରୋଞ୍ଜ
ଲାଲ ପ୍ରସାଦ ସୋରେନ: ୧୦୦ ମିଟରରେ ବ୍ରୋଞ୍ଜ
ସୁଚିତ୍ରା ପରିଡ଼ା: ଜାଭେଲିନ୍ ଥ୍ରୋରେ ରୌପ୍ୟ

ପୁଣେରେ ଅନୁଷ୍ଠିତ ଜାତୀୟ ପାରା ଆଥଲେଟିକ୍ସରେ ପଦକ ବିଜୟୀ ଓଡ଼ିଆ ପ୍ରତିଯୋଗୀ ଓ ଅନ୍ୟମାନେ।



ପୁରସ୍କାର ଗ୍ରହଣ ଅବସରରେ ଅମିୟ ମଲିକ (ଉପର ବାମ)।

କିଶୋରଙ୍କୁ ସ୍ୱର୍ଣ୍ଣ, ଅମିୟ ରୌପ୍ୟ

ଭୁବନେଶ୍ୱର, ୨୦।୩
(କ୍ରୀଡ଼ା ପ୍ରତିନିଧି)

ତ୍ରିଭେନ୍ଦ୍ରମଠାରେ ସୋମବାର ଇଣ୍ଡିଆନ ଗ୍ରାଁ ପ୍ରି-୧ ଆଥଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର କିଶୋର କୁମାର ଜେନା ସ୍ୱର୍ଣ୍ଣ ଏବଂ ଅମିୟ କୁମାର ମଲିକ

ଇଣ୍ଡିଆନ ଗ୍ରାଁ ପ୍ରି-୧

ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ଜାଭେଲିନ ଥ୍ରୋରେ କିଶୋର ୮୧.୦୫ ମିଟର ଥ୍ରୋ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। କର୍ନାଟକର ମନୁ ଡି.ପି. ଓ ପଞ୍ଜାବର ଅର୍ଶଦୀପ ସିଂ ଯଥାକ୍ରମେ ୮୦.୬୧ ଓ ୭୫.୬୭ ମିଟର ଥ୍ରୋ କରି ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ପୁରୁଷ ୧୦୦ ମିଟର ରେସ୍‌ରେ ଦେଶର ଦ୍ରୁତତମ ଧାବକ ଅମିୟ ଅଳ୍ପକେ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ସେ ୧୦.୬୯ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ମାଳଦ୍ୱୀପର ହାସନ ସଇଦ ୧୦.୬୭ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଦିଲ୍ଲୀର ଅମିତ ତିୱାରୀ ୧୦.୯୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ଉଭୟ ଆଥଲେଟ୍‌ଙ୍କୁ ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଅଭିନନ୍ଦନ ଜଣାଇଛନ୍ତି।

ନ୍ୟୁଜିଲାଣ୍ଡର କ୍ଲିନ୍ ସ୍ୱୁଇପ୍

ୱେଲିଂଟନ, ୨୦।୩(ପି.ଟି.)

ୱେଲିଂଟନରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚକୁ ଇନିଂସ ଓ ୫୮ ରନ୍‌ରେ ଜିତିବା ସହିତ ନ୍ୟୁଜିଲାଣ୍ଡ କ୍ଲିନ୍ ସ୍ୱୁଇପ୍ କରିଛି। ପ୍ରଥମ ଇନିଂସରେ ୪୧୬ ରନ୍ ପଛରେ ରହିଥିବା ଶ୍ରୀଲଙ୍କା ଫଲୋଅନ୍ ପରେ ୩୫୮ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ପ୍ରଥମ ଟେଷ୍ଟରେ ମଧ୍ୟ ନ୍ୟୁଜିଲାଣ୍ଡ ବିଜୟୀ ହୋଇଥିଲା। ତୃତୀୟ ଦିନର ଅସମାପ୍ତ ସ୍କୋର ୧୧୩/୨ରୁ ଖେଳ ଆରମ୍ଭ କରି ଶ୍ରୀଲଙ୍କା ମାତ୍ର ୩ ରନ୍ ବ୍ୟବଧାନରେ ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟରଙ୍କ ଉଇକେଟ ହରାଇଥିଲା। ଦୀନେଶ ଚାଣ୍ଡିମଲ(୬୨) ଓ ଧନଞ୍ଜୟ ଡି ସିଲ୍‌ଭା(୯୮) ପଞ୍ଚମ ଉଇକେଟରେ ୧୨୬ ରନ୍ ଯୋଡିଥିଲେ। ଚାଣ୍ଡିମଲ ୯୨ ବଲ୍ ଖେଳି ୮ ଚୌକା ମାରିଥିଲେ। ହେନ୍‌ରୀ ନିକୋଲ୍ସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ କେନ୍ ଓ୍ୱିଲିୟମସନଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୫୮୦/୪(ଘୋଷଣା)। ଶ୍ରୀଲଙ୍କା ପ୍ରଥମ ଇନିଂସ ୬୬.୫ ଓଭରରେ ୧୬୪/୧୦। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ (ଫଲୋଅନ୍)-୧୪୨ ଓଭରରେ ୩୫୮/୧୦(ଧନଞ୍ଜୟ ଡି ସିଲ୍‌ଭା-୯୮,ଦୀନେଶ ଚାଣ୍ଡିମଲ-୬୨, କୁଶଲ ମେଣ୍ଡିସ୍-୫୦, ଟିମ୍ ସାଉଦି-୩/୫୧, ବ୍ଲେୟାର ଟିକ୍‌ନର-୩/୮୪, ମାଇକେଲ ବ୍ରେସୱେଲ-୨/୧୦୦)।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ